




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-20 ◆MONDAY ◆14 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୦ ◆ସୋମବାର ◆୧୪ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ନିର୍ଯାତନା ନିଆଁ; ଜଳୁଛି ଓଡ଼ିଶା

## ଏଫ୍ଏମ୍ କଲେଜରେ କ୍ରାଇମ୍‌ବ୍ରାଞ୍ଚର ଖୋଳତାଡ଼

## ଫେରାଦ ହେବାକୁ ରାଷ୍ଟ୍ରପତିଙ୍କୁ ସମୟ ମାଗିଲା ବିଜେଡି

■ ଭୁବନେଶ୍ୱର/ବାଲେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ନିଆଁରେ ସାରା ଓଡ଼ିଶା ଜଳୁଛି । ନିର୍ଯାତନାର ଶିକାର ଛାତ୍ରୀ ସରକାର, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ, କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଫଳରେ ସେ ଆତ୍ମଦାହ ପରି ଚରମ ନିଷ୍ପତ୍ତି ନେଇଛନ୍ତି । ତାଙ୍କ ଶରୀରର ୯୦ ଭାଗରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଛି ଓ ସେ ଏମ୍ସରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇଛି ଓ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଛି । ମାତ୍ର କେଉଁ କାରଣ ପାଇଁ କଲେଜ କର୍ତ୍ତୃପକ୍ଷ ଓ ସରକାର ଏହି ଘଟଣାକୁ ଗୁରୁତ୍ୱହୀନ ମନେ କରି ନିରବ ରହିଲେ ତାହା ଏବେ ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର ବିଷୟ ହୋଇଛି । ଜଣେ ଛାତ୍ରୀଙ୍କୁ କଲେଜର ଜଣେ ଅଧ୍ୟାପକ ଯୌନ ଅନୁଗ୍ରହ ଦାବି କରିବା ଓ ପରୀକ୍ଷାରେ ବ୍ୟାକ୍ ଲଗାଇବାର ଧମକ ଦେବାପରି ସ୍ପର୍ଶକାତର ଘଟଣାକୁ କିପରି ବିଭାଗ ଗୁରୁତ୍ୱ ଦେଲା ନାହିଁ, ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମ୍ପୃକ୍ତ ଛାତ୍ରୀ ବିଜେପିର ଛାତ୍ରଶାଖା ଏବିଭିପିର ସଦସ୍ୟା ହୋଇଥିଲେ ହେଁ ତାଙ୍କୁ ନ୍ୟାୟ ଦେବାରେ କଲେଜ କର୍ତ୍ତୃପକ୍ଷ ଓ ▶ପୃଷ୍ଠା-୭



## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

### ଭୟାନକ ରକ୍ତ ସଂକ୍ରମଣ ସହ କିଡନୀ ଅଚଳ

### ଦିଲ୍ଲୀ ଏମ୍ସ ପରାମର୍ଶକ୍ରମେ ଡାଏଲିସିସ୍

### ଚିକିତ୍ସା ପାଇଁ ଏମ୍ସର ୧୦ ଜଣିଆ କମିଟି

■ ଭୁବନେଶ୍ୱର, ୧୩।୭ (ସମିସ): ଆତ୍ମାହୁତି ଉଦ୍ୟମ କରି ଏମ୍ସରେ ଚିକିତ୍ସିତ ହେଉଥିବା ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି । ଜୀବନରକ୍ଷା ପ୍ରଣାଳୀ ମାଧ୍ୟମରେ ତାଙ୍କର ଚିକିତ୍ସା ଚାଲିଛି । ମାତ୍ର ସେ ଭୟଙ୍କର ରକ୍ତ ସଂକ୍ରମଣର ଶିକାର ହୋଇଛନ୍ତି ଓ ତାଙ୍କର କିଡ୍‌ନୀ କାମ କରୁନାହିଁ। ତେଣୁ ଦିଲ୍ଲୀ ଏମ୍ସର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କର ଡାଏଲିସିସ୍ କରାଯାଇଥିବା ଏମ୍ସର ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ସଞ୍ଜୟ ଗିରି ସୂଚନା ଦେଇଛନ୍ତି । ଡାକ୍ତର ଶ୍ରୀ ଗିରି କହିଛନ୍ତି ଯେ ନିୟମିତ ବ୍ୟବଧାନରେ ପୀଡ଼ିତାଙ୍କର ରକ୍ତ ପରୀକ୍ଷା କରାଯାଉଛି । ରକ୍ତରେ ପୋଟାସିୟମ୍ ▶ପୃଷ୍ଠା-୭

### ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ନିର୍ଦ୍ଦେଶ

## ୩ ଦିନରେ ରିପୋର୍ଟ ଦିଅ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି । ନିଜ ଆଡ୍ରୁ ମାମଲା ରୁଜୁ କରି ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଅନୁସନ୍ଧାନ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି । ତଦନ୍ତରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ ସେନେଇ ରିପୋର୍ଟ ୩ ଦିନ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ରାଇମବ୍ରାଞ୍ଚ ଡିଏସ୍‌ପି କହିଛନ୍ତି ଯେ ବାଲେଶ୍ୱର ଏଫ୍ଏମ୍ କଲେଜ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ୨ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି । କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶରେ ନିଜ ପକ୍ଷରୁ ନିରୀକ୍ଷଣ ପାଇଁ ପହଞ୍ଚି ଘଟଣା ଉପରେ ଅନୁଧ୍ୟାନ କରିବୁ ବୋଲି ଡିଏସ୍‌ପି କହିଛନ୍ତି ।

## ନବୀନଙ୍କ ଉଦ୍‌ବେଗ

## ଲୋଡ଼ିଲେ ରାଜ୍ୟପାଳଙ୍କ ହସ୍ତକ୍ଷେପ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଜଣଙ୍କ କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ବାରମ୍ବାର ତାଙ୍କ ଅଭିଯୋଗ ଜଣାଇବା ସତ୍ତ୍ୱେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରିବା ସହ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ନବୀନ ଦାବି କରିଛନ୍ତି । ରବିବାର ସୋସିଆଲ ମିଡ଼ିଆ ଆକାଉଣ୍ଟ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ମୋତେ ଗଭୀର ବିଚଳିତ ଓ ମର୍ମାହତ କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ପାଇଁ ▶ପୃଷ୍ଠା-୭



### ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ସୁନିଶ୍ଚିତ କରିବାକୁ ଦାବି

### ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କଲେ ନବୀନ

### ଭୋଟର ତାଲିକା ଯାଞ୍ଚ

## ସାରା ଦେଶରେ ବିହାର ଢାଞ୍ଚା

■ ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ବିହାର ପରେ ଏବେ ସାରା ଦେଶରେ ଭୋଟର ତାଲିକା ଯାଞ୍ଚ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି । ତେଣୁ ଦେଶରେ ସ୍ପେଶାଲ ଇନ୍‌ଟେନ୍‌ସିଭ ରିଭିଜନ (ଏସ୍ଆଇଆର) କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି । ଏହାଦ୍ୱାରା ଭୋଟର ତାଲିକାର ସମସ୍ତ ତଥ୍ୟକୁ ଗମ୍ଭୀରତାର ସହ ଯାଞ୍ଚ କରାଯିବ। ଅଗଷ୍ଟ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଏ ସଂକ୍ରାନ୍ତରେ ନିର୍ବାଚନ କମିଶନ ସବୁ ରାଜ୍ୟରେ ଥିବା ନିଜର ନିର୍ବାଚନ ମେସିନାରୀ ତଥା କମିଶନକୁ ଆକ୍ଟିଭ କରିଛି ।

ଜୁଲାଇ ୧୦ରେ ବିହାରରେ ଏସ୍ଆଇଭି ଜାରି ରଖିବାକୁ ସୁପ୍ରିମକୋର୍ଟ ଅନୁମତି ଦେବା ପରେ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାକୁ ସାମ୍ବିଧାନିକ ବୋଲି ଅବିହିତ କରିଥିଲେ। ତେବେ ଦେଶରେ ଏକାଧିକ ରାଜନୈତିକ ଦଳ ତଥା ସଂଗଠନ ଏହି ରିଭିଜନ ବିରୋଧରେ ଏବେ ମଧ୍ୟ ନିଜର ଆଭିମୁଖ୍ୟକୁ ଜାରି ରଖିଛନ୍ତି ଓ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ ମଧ୍ୟ କରିଥିଲେ। ଏହି ସ୍ପେଶାଲ ଇନ୍‌ଟେନସିଭ ରିଭିଜନ ଦ୍ୱାରା ଯୋଗ୍ୟ ନାଗରିକମାନେ ମଧ୍ୟ ନିଜ ଭୋଟଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି ଏହି ଦଳଗୁଡିକ ଅଭିଯୋଗ ଆଣିଥିଲେ। ଜୁଲାଇ ୨୮ ପରେ ଏ ସଂକ୍ରାନ୍ତରେ କମିଶନ ଅନ୍ତିମ ନିଷ୍ପତ୍ତି ନେବ ବୋଲି କହିଛି। ଅବଶ୍ୟ ବିହାର ଏସ୍ଆଇଆର ରିଭିଜନ ମାମଲାରେ ସୁପ୍ରିମକୋର୍ଟର ଦ୍ୱିତୀୟଥର ପାଇଁ ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି । ସେପଟେ କିଛି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ରାଜ୍ୟରେ ଗତ ଏସ୍ଆଇଆର ପରେ ପ୍ରକାଶ ପାଇଥିବା ଭୋଟର ତାଲିକାକୁ ଜାରି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିହାରର ଭୋଟର ତାଲିକାରେ ନେପାଳ ଓ ବାଂଲାଦେଶ ନାଗରିକଙ୍କ ନାମ ରହିଛି ବୋଲି ନିର୍ବାଚନ ଅଧିକାରୀମାନେ ଦାବି କରିଛନ୍ତି। ତାଲିକାରେ ପୁନଃନିରୀକ୍ଷଣ ପାଇଁ ଘରଘର ବୁଲିଛୁ ଓ ତାଲିକାରେ ନେପାଳ, ବାଂଲାଦେଶ ଓ ମିଆଁମାରରୁ ଆସିଥିବା ଲୋକଙ୍କର ନାମ ରହିଥିବାର ଜାଣିବାକୁ ପାଇଛୁ ବୋଲି ଅଧିକାରୀମାନେ କହିଛନ୍ତି। ଅଗଷ୍ଟ ୧ରେ ବାହରୁ ଆସିଥିବା ଏହିଭଳି ଲୋକଙ୍କୁ ଯାଞ୍ଚ କରାଯିବ। ସେପ୍ଟେମ୍ବର ୩୦ରେ ଅନ୍ତିମ ଭୋଟର ତାଲିକା ଜାରି କରାଯିବ ଓ ଏଥିରେ ଅବୈଧ ପ୍ରବାସୀଙ୍କ ନାମକୁ ସାମିଲ କରାଯିବ ନାହିଁ। ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ କରିବାକୁ ନିର୍ବାଚନ କମିଶନ ଏଭଳି ପ୍ରୟାସ ଆରମ୍ଭ କରିଛି ବୋଲି କୁହାଯାଉଛି ।

## ନ୍ୟାୟ ଅପେକ୍ଷାରେ ନିର୍ଯାତିତା

### ୮ ମାସ ହେଲା ଖାଲି ପଡ଼ିଛି ମହିଳା କମିଶନ ଅଧ୍ୟକ୍ଷା ପଦ

■ ଭୁବନେଶ୍ୱର, ୧୩।୭ (ସମିସ): ରାଜ୍ୟରେ ୮ ମାସ ହେବ ମହିଳା କମିଶନ ଅଧ୍ୟକ୍ଷା ପଦ ଖାଲି। ଫଳରେ ବିଗତ ଦିନ ହେବ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହେଉଥିବା ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବା ରାଜ୍ୟ ପ୍ରଶାସନର ସ୍ଥାଣୁତା ଆଡ଼କୁ ଅଙ୍ଗୁଳି କରିଚି।

ଦିନକୁ ଦିନ ରାଜ୍ୟରେ ବଢ଼ି ଚାଲିଛି ମହିଳା ହିଂସା। ନିକଟରେ ଗୋପାଳପୁର ବେଳାଭୂମିରେ ଘଟିଥିବା ଘଟଣା ମନରୁ ଲିଭିନଥିବା ବେଳେ ବାଲେଶ୍ୱର ଏଫଏମ୍ କଲେଜରେ ଘଟିଥିବା ଘଟଣା କେବେଳ ଓଡ଼ିଶା ନୁହେଁ ସାରା ଭାରତବର୍ଷରେ ଚହଳ ପକାଇଛି। ନିଜର ସୁରକ୍ଷା କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ପୁଲିସ, ପ୍ରଶାସନ ଏମିତିକି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଟ୍ୱିଟ ଯୋଗେ ଅବଗତ କରିଥିଲେ ସୁଦ୍ଧା ଉକ୍ତ ଛାତ୍ରୀଙ୍କ ସମସ୍ୟା ଏବଂ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଫଳସ୍ୱରୂପ ସେ ଆତ୍ମôହୁତି ଦେଇ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି। କାର୍ଯ୍ୟକ୍ଷେତ୍ର ହେଉ ଅବା ଶିକ୍ଷାନୁଷ୍ଠାନ ସବୁଠି ମହିଳାଙ୍କ ପ୍ରତି ହିଂସା ବଢୁଛି । ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ସମାଧାନ କରାଯିବାକୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବି ପଦରୁ ହଟାଯାଇଛି। ନୂତନ ଅଧ୍ୟକ୍ଷା ଭାବେ ▶ପୃଷ୍ଠା-୭

## ପୁଣି ପ୍ରଜାକୋର୍ଟରେ ବଳଦ ଦଣ୍ଡ

■ ନାରାୟଣପାଟଣା, ୧୩।୭ (ସମିସ): ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ। ବିବାହ କରି ପରିବାର ଡରରେ ଗାଁ ଛାଡି ଆନ୍ଧ୍ରପ୍ରଦେଶ ପଳାଇଥିଲେ। କିଛି ଦିନ



ଗାଁକୁ ଫେରିବା ପରେ ବିବାହକୁ ସ୍ୱୀକୃତି ମିଳିନଥିଲା। ଏକ ବୈଠକ ଆୟୋଜନ କରି ଗାଁ ଲୋକେ ପ୍ରେମୀଯୁଗଳଙ୍କୁ ଡାକିଥିଲେ। କିନ୍ତୁ ଗାଁରେ ପହଞ୍ଚିବା ପରେ ଉଭୟଙ୍କ ବେକରେ ଜୁଆଳି ପକାଇ ଗାଁ ଦାଣ୍ଡରେ ହଳ କରାଯାଇଥିଲା । ଶହଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରେମୀଯୁଗଳ ବଳଦ ସାଜି ହଳ କରିଥିଲେ। ଏହା ପରେ ତାଙ୍କୁ ଘରେ ରହିବାକୁ ସ୍ୱୀକୃତି ମିଳିଥିଲା। କିଛି ଦିନ ପୂର୍ବେ ରାୟଗଡ଼ା ଜିଲ୍ଲା ଭଳି କୋରାପୁଟ ଜିଲ୍ଲାରେ ମଧ୍ୟ ଆଜି ଅନୁରୂପ ଘଟଣା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ନାରାୟପାଟଣା ବ୍ଲକ ବୋରିଗି ପଞ୍ଚାୟତ ଅନ୍ତର୍ଗତ ପେଦାଇଟିକି ଗାଁର ଏହି ଘଟଣା ପୁଣି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

### ପ୍ରେମ ବିବାହ କରିବାରୁ ଦମ୍ପତିଙ୍କୁ ସାମାଜିକ ଦଣ୍ଡ

### ବେକରେ ଜୁଆଳି ପକାଇ ଗାଁ ଦାଣ୍ଡରେ ହଳ ବୁଲାଇଲେ

ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସମୟରେ ପେଦାଇଟିକି ଗାଁର ନରେନ୍ଦ୍ର ପିଡିକା (୨୨) ଓ ପାଖ ନାରୀମିଟିଂ ଗ୍ରାମର ଜଣେ ଯୁବତୀ ଆଶ ପୀଡ଼ିକା ରଥଯାତ୍ରାରେ ଉଭୟ ପରସ୍ପରକୁ ଭଲ ପାଇ ଗାଁ ଛାଡ଼ି ଆନ୍ଧ୍ରପ୍ରଦେଶକୁ ଚାଲି ଯାଇଥିଲେ । କିଛିଦିନ ପରେ ଘରକୁ ଫେରିଥିଲେ। ପରିବାର ଲୋକମାନେ ଏମାନଙ୍କର ଭଲପାଇବାକୁ ସ୍ୱୀକୃତି ଦେଇନଥିଲେ। ଦୁଇ ଗାଁର ଭଦ୍ରଲୋକ ଓ ପରିବାରର ▶ପୃଷ୍ଠା-୭

### ଗଦାଗଦା ଅଭିଯୋଗକୁ ଚାପି ବସିଛି ଉଚ୍ଚଶିକ୍ଷା ବିଭାଗ

## ନ୍ୟାୟ ଅପେକ୍ଷାରେ ୧୪ ନିର୍ଯାତିତ ଛାତ୍ରୀ

■ ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ପୀଡ଼ିତା ଛାତ୍ରୀ ଜୀବନ ସହ ସଂଗ୍ରାମ କରୁଥିବାବେଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବହୁ ଅଧ୍ୟାପକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଅଭିଯୋଗ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଗତ କେଇ ମାସ ମଧ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୪ଟି ନିର୍ଯ୍ୟାତନା ଅଭିଯୋଗ ଆସିଥିଲେ ମଧ୍ୟ ସବୁ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଛି । କାର୍ଯ୍ୟନୁଷ୍ଠାନ ତ ଦୂର କଥା, ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇ ନାହିଁ।

୨୦୨୪ ମସିହା ଡିସେମ୍ବରରେ ଖୋଦ୍ ରାଜଧାନୀରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଭିଡିଓ ଆଧାରରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରି ପୁରସ୍କୃତ କରାଗଲା । ମାତ୍ର ଏଯାଏ ତଦନ୍ତ ସରୁନାହିଁ କି ଚୂଡ଼ାନ୍ତ ରିପୋର୍ଟ ଆସିନାହିଁ । ସେହିପରି ବିଜେବି କଲେଜର ଓଡ଼ିଆ ବିଭାଗ ମୁଖ୍ୟଙ୍କ ବିରୋଧରେ ମଧ୍ୟ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇନି । ରାଜଧାନୀର ଅନ୍ୟଏକ ଏକ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ମାଡ଼ି ବସିଛି । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଧିକ ୪ଜଣ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଛି । ପଦାର୍ଥ ବିଜ୍ଞାନ ବିଭାଗର ୩ଜଣ ଅଧ୍ୟାପକ ଓ ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ନିର୍ଯ୍ୟାତନା ଅଭିଯୋଗ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ପୂର୍ବରୁ ଅନଗୁଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଇଂରାଜୀ ଅଧ୍ୟାପକ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ହିନ୍ଦୀ, ଭୌତିକ ବିଜ୍ଞାନ ଓ ଜୀବବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଉଚ୍ଚଶିକ୍ଷା ବିଭାଗ ନିକଟରେ ପହଞ୍ଚିଛି । ମାତ୍ର କୌଣସି ଘଟଣାରେ କିଛି ବି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଏଫ୍ଏମ୍ କଲେଜ୍ ପରି ସମସ୍ତ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପରେ ଯାଇ ସରକାର କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ ଉଠିଛି ।

**ସମସ୍ତେ ଆତ୍ମାହୁତି ଉଦ୍ୟମ କରିବା ପରେ କାର୍ଯ୍ୟାନୁଷ୍ଠାନ ନେବେ କି ସରକାର?**




## ଏଫ୍.ଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ଖୋଳତାଡ଼









- ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟିଙ୍କୁ ମାରାଥନ୍ ଜେରା
- କଟକ ସ୍ଥାନାନ୍ତର ହେଲେ ଉଦ୍ଧାରକାରୀ ଛାତ୍ର
- ପରେ ଡାକିବୁ କହି ପୀଡ଼ିତାଙ୍କ ଭାଇକୁ ଫେରାଇଦେଲେ
- ୬ ମାସ ଧରି ଭଉଣୀକୁ ନିର୍ଯାତନା ଦେଉଥିଲେ: ପୀଡ଼ିତାଙ୍କ ଭାଇ

ବାଲେଶ୍ୱର, ୧୩।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ଉଠୁଛିପଡୁଛି। ଏମ୍‌ସରେ ତାଙ୍କ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଏବେ ବି ସଂକଟାପନ୍ନ ରହିଛି। ଏପରି ସ୍ଥିତିରେ ଆଜି ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ଦୁଇ ପୃଥକ୍ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତରେ ସାମିଲ ହେବା ପାଇଁ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ମଧ୍ୟ କଲେଜକୁ ଆସିଥିଲେ। ହେଲେ ତାଙ୍କୁ ପରେ ଡକାଯିବ ବୋଲି କହି ଫେରାଇ ଦିଆଯାଇଥିଲା। ସେହିପରି କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଏସ୍‌ପିଙ୍କୁ ପୁଲିସ୍ ସୁରକ୍ଷା ମାଗିଛନ୍ତି। ଏହାଛଡ଼ା ସେ ତଦନ୍ତରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି କହିଛନ୍ତି। ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଅଧିକ ଚିକିତ୍ସା ଲାଗି ଆଜି ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଫେସର୍ ଝୁମୁକି ରଥଙ୍କୁ ନେଇ ୩ଜଣିଆ ଏକ କମିଟି କଲେଜରେ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରିଛନ୍ତି। କେଉଁ ପରିସ୍ଥିତିରେ ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମ କଲେ, ସେ ନିର୍ଯାତନାର ଶିକାର ହେବା ପରେ କଲେଜ କର୍ତ୍ତୃପକ୍ଷ କାହିଁକି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଆଦି ବିଭିନ୍ନ ଦିଗ ଉପରେ ଟିମ୍ ତଦନ୍ତ କରିଛି। ଏହାସହ ମହାବିଦ୍ୟାଳୟରେ ଗଠିତ ହୋଇଥିବା ଆଇସିସି ଟିମ୍‌କୁ ମଧ୍ୟ ପଚରାଉଚରା କରିଛନ୍ତି। ଏହି ଟିମ୍ ଦୀର୍ଘ ୪ ଘଣ୍ଟା ଧରି ତଦନ୍ତ କରିଥିବା ଜଣାଯାଇଛି। ତଦନ୍ତକାରୀ କମିଟି ପକ୍ଷରୁ କୁହାଯାଇଛି ଯେ ଆଜି ପ୍ରାଥମିକ ତଦନ୍ତ ହୋଇଛି। ପ୍ରଥମେ ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟିର ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ମାରାଥନ୍ ପଚରାଉଚରା କରାଯାଇଛି। ପୁନର୍ବାର ସମସ୍ତଙ୍କୁ ଡକାଯାଇ ତଦନ୍ତ କରାଯିବ। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟ ସରକାରଙ୍କୁ ଏହାର ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଟିମ୍‌ର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

ପରେ ଅପରାହ୍ନରେ କ୍ରାଇମବ୍ରାଞ୍ଚର ଏକ ୱିମେନ ୱିଙ୍ଗ୍ ଆସି ଘଟଣାର ତଦନ୍ତ କରିଛନ୍ତି। ଏହି ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସ୍‌ପି ରହିଛନ୍ତି। ଏହି ଟିମ୍ ଅପରାହ୍ନ ୫ଟା ପରେ ପହଞ୍ଚିବା ପରେ ପ୍ରଥମେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ସହ ଆଲୋଚନା କରିଛନ୍ତି। ପରେ ସେମାନେ କଲେଜରେ ତଦନ୍ତ ପାଇଁ ହୋଇଥିବା କମିଟି ଓ ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରିଥିବା ଜଣାଯାଇଛି।

ଅପରପକ୍ଷେ, ଏହି ତଦନ୍ତରେ ସାମିଲ ହେବା ପାଇଁ ପୀଡ଼ିତାଙ୍କ ଭାଇ ସୌମ୍ୟରଞ୍ଜନ ଆଜି କଲେଜକୁ ଆସିଥିଲେ। ହେଲେ ତାଙ୍କୁ ସେଠାରୁ ଫେରାଇ ଦିଆଯାଇଥିଲା ଏବଂ ପରେ ତାଙ୍କୁ ଡକାଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ସେ କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଚାକିରରୁ ବହିଷ୍କାର କରାଯିବା ସହ ଗିରଫ କରାଯାଉ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ବାହାରିବା ପରେ ଭଉଣୀ ଦେହରେ ପେଟ୍ରୋଲି ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣାର ମୁଖ୍ୟ କାର୍ପଟଦାର ବିଭାଗୀୟ ଏଚ୍‌ଓଡି ଏବଂ କଲେଜର ନିଲମ୍ବିତ ଅଧ୍ୟକ୍ଷ। ୬ମାସ ଧରି ସେମାନେ ମୋ' ଭଉଣୀକୁ ନିର୍ଯାତନା ଦେଉଥିଲେ। ଗତକାଲି ବି ଭଉଣୀ ନ୍ୟାୟ ଆଶାରେ କଲେଜକୁ ଯାଇଥିଲା। ସେଠାରେ ତାଙ୍କୁ ବନ୍ଦ କୋଠରିରେ କିଛି ଏଭଳି କୁହାଯାଇଥିଲା ଯାହାଦ୍ୱାରା ଏଭଳି ଚରମ ନିଷ୍ପତ୍ତି ନେବାକୁ ସେ ବାଧ୍ୟ ହୋଇଥିଲା ବୋଲି ସୌମ୍ୟରଞ୍ଜନ କହିଛନ୍ତି।

## ତଦନ୍ତ କମିଟି ସଦସ୍ୟାଙ୍କୁ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର, ୧୩।୭(ସମିସ): ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗ ୩ ଜଣିଆ କମିଟି ଗଠନ କରିଛି। ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ସମେତ ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଝୁମକି ରଥ ଏହି କମିଟିରେ ସ୍ଥାନ ପାଇଛନ୍ତି। ମାତ୍ର ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ଏହି କମିଟିରେ ସାମିଲ କରିବାକୁ ପ୍ରଶ୍ନ ଉଠାଇଛନ୍ତି ଅନେକ ଅଭିଭାବକ ଓ ଛାତ୍ର। ବିଜେବି କଲେଜ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ଶାରୀରିକ ନିର୍ଯ୍ୟାତନା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ସମ୍ପୃକ୍ତ କଲେଜ ଅଧ୍ୟକ୍ଷା ଆତ୍ମାହୁତି ଉଦ୍ୟମ ଘଟଣାରେ କି ପ୍ରକାର ତଦନ୍ତ କରିବେ ବୋଲି ଅନେକ ପ୍ରଶ୍ନ କରିଛନ୍ତି।

ଗତ ଡିସେମ୍ବର ମାସରେ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାନୁଆରୀ ୧୫ ତାରିଖରେ କଲେଜ ଅଧ୍ୟକ୍ଷାଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦୁଇମାସ ପରେ ମଧ୍ୟ ତଦନ୍ତ ରିପୋର୍ଟ ଦାଖଲ ନ କରିବାରୁ ମାର୍ଚ୍ଚ ୧୯ ତାରିଖରେ ଆଉଥରେ ପୁନଃ ଚିଠି କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ପ୍ରାୟ ୪ମାସ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି କି ତଦନ୍ତ ସରିନାହିଁ। ଏହି ସମୟରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଶିକ୍ଷାଦାନର ବିରତ କରାଯାଇ ଉଚ୍ଚଶିକ୍ଷା ବିଭାଗରେ ପ୍ରଶାସନିକ କାର୍ଯ୍ୟରେ ନିୟୋଜିତ କରାଯାଇ ପୁରସ୍କୃତ କରାଯାଇଛି । ଏହି ପରିପ୍ରେକ୍ଷୀରେ ତଦନ୍ତ କମିଟି ସଦସ୍ୟା ତଥା ବିଜେବି ଅଧ୍ୟକ୍ଷା କି ପ୍ରକାର ତଦନ୍ତ କରିବେ ବୋଲି ପ୍ରଶ୍ନ ଉଠିଛି ।

## ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ, ଛାତ୍ର ବିଜେଡି

ଭୁବନେଶ୍ୱର,୧୩।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଏହି ଘଟଣାରେ କଲେଜ କର୍ତ୍ତୃପକ୍ଷ ଓ ପୁଲିସର ନିଷ୍କ୍ରିୟତା ସରକାରର ଅସଲ ମୁଖା ଖୋଲିଦେଇଥିବା ନେଇ ଦଳ ଅଭିଯୋଗ କରିଛି। ଏଥିସହ ଛାତ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିପକ୍ଷରେ ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛନ୍ତି। ଏହାସହିତ ଅଭଳି ଘଟଣା ପାଇଁ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।

ବିଧାୟକ ଡଃ ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ବାସଭବନ ଆଡ଼କୁ ଶତାଧିକ ବିଜୁ ଯୁବ ଓ ଛାତ୍ର ଜନତା ଦଳର ନେତୃତ୍ୱମାନେ ଧସେଇ ଆସିବା ସହ ପୁଲିସ ସହିତ ଧସ୍ତାଧସ୍ତି ହୋଇଥିଲା। ଏଠାରେ ଦଳ ପକ୍ଷରୁ କୁହାଯାଇଛି ଯେ ଲୋକଙ୍କ ସରକାର କହୁଥିବା ବିଜେପି ଶାସନରେ ସାଧାରଣ ଜନତା ଅସୁରକ୍ଷିତ। ବର୍ଷେ ଏକ ଉପଲକ୍ଷ ଅନେକର ନାରା ଦେଉଥିବା ସରକାରରେ ମହିଳା ଓ ଛାତ୍ରୀ ସଂପୂର୍ଣ୍ଣ ଅସୁରକ୍ଷିତ। ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ବିଇଡି ଶେଷବର୍ଷର ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଛି। ଅନ୍ୟ ଘଟଣା ଓ ମାମଲା ବେଳକୁ ବିଜେପି ସମର୍ଥୀତ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲା ବେଳେ ଏଫଏମ୍ କଲେଜରେ ଘଟିଥିବା ସଂଗୀନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ ବୋଲି ଦଳ ପ୍ରଶ୍ନ କରିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ବିଜେପି ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପିଦେବାକୁ ଚେଷ୍ଟା କରୁଛି ବୋଲି ଯୁବ ଓ ଛାତ୍ର ବିଜେଡି ଅଭିଯୋଗ କରିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଁଥିବା ନେଇ ଛାତ୍ରୀଜଣକ ଗତ ଜୁଲାଇ ୧ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱ ନ ଦେଇ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀଜଣଙ୍କ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ, ଯାହାକୁ ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଶ୍ରୀ ଷଡ଼ଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ।

ଆହୁରିମଧ୍ୟ ଛାତ୍ରୀ ଜଣକ ବାରମ୍ବାର ସୋସିଆଲ ମିଡିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଭଳି ବଡ଼ ଘଟଣାକୁ ହାଲୁକା ଭାବେ ନେବା ଦ୍ୱାରା ଦୀର୍ଘ ୧୨ ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ଛାତ୍ରୀଜଣଙ୍କ ବାଧହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଛାତ୍ରୀ ଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ବୋଲି ଦଳ ପ୍ରଶ୍ନ କରିଛି। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଘେରଉରେ ଅନ୍ୟମାନଙ୍କ ମଧ୍ୟରେ ଧୃତିରଂଜନ ମାର୍ଥା, ଏଲିନା ଦାସ, ବିଜୟକେତନ ସାହୁ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୁଭ୍ରାଂଶୁ ନାରାୟଣ ମିଶ୍ର, ତାରିଣୀ ପ୍ରସାଦ ନାୟକ, ଇପ୍ସିତା ସାହୁ, ରଶ୍ମିରେଖା ମଲ୍ଲିକଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତା ଅଂଶଗ୍ରହଣ କରିଥିଲେ।



## ■ ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା

# ଆଭ୍ୟନ୍ତରୀଣ କମିଟିର ନିରପେକ୍ଷତା ଉପରେ ପ୍ରଶ୍ନ

ବାଲେଶ୍ୱର, ୧୩।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଦୀର୍ଘ ୬ମାସ ଧରି ଶିକ୍ଷା ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ନିର୍ଯାତନା ସହି ନ ପାରି ଆତ୍ମାହୁତି ଉଦ୍ୟମ ଭଳି ଚରମ ନିଷ୍ପତ୍ତି ନେବା ଘଟଣା ପୂରା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ପୀଡ଼ିତା ଛାତ୍ରୀ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଏବେ ବିଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଛାତ୍ରୀଜଣଙ୍କ ଆତ୍ମହତ୍ୟା ଉଦ୍ୟମ ପଛରେ କିଏ ଦାୟୀ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନା କଲେଜ କର୍ତ୍ତୃପକ୍ଷ, ନା ଆଭ୍ୟନ୍ତରୀଣ କମିଟିର ସଦସ୍ୟ, ନା ଛାତ୍ରୀଜଣଙ୍କ ସଂଶ୍ଳିଷ୍ଟ ଛାତ୍ର ସଂଗଠନର ପ୍ରରୋଚନାର ଶିକାର ହେଲେ, ତାହା ଏବେ ସନ୍ଦେହ ଘେରରେ ରହିଛି। ଏହି ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲୁସ୍ଥୁଲ ହେଉଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗକୁ ଏକ ଶକ୍ତ ଧକ୍କା ଲାଗିଛି।



ଅଧ୍ୟାପକଙ୍କ କେଳେଙ୍କାରୀ ଉପରେ ଘଣ୍ଟ ଘୋଡ଼ାଇବାର ମସୁଧା ହେବାରୁ ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେଣୁ, କଲେଜ କର୍ତ୍ତୃପକ୍ଷ ପକ୍ଷରୁ ଗଠିତ ଆଭ୍ୟନ୍ତରୀଣ କମିଟିର କାର୍ଯ୍ୟଦକ୍ଷତା ଓ ନିରପେକ୍ଷତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମିଟିରେ ଥିବା ସଦସ୍ୟମାନେ ଛାତ୍ରୀଙ୍କ ସମ୍ବେଦନଶୀଳ ଅଭିଯୋଗକୁ ଉପରଠାଉରିଆ ଭାବେ ତଦନ୍ତ କରି ରିପୋର୍ଟ ଦେବା ପରେ ଛାତ୍ରୀଜଣଙ୍କ ନିରାଶ ହୋଇପଡ଼ିଥିଲେ। ନ୍ୟାୟ ପାଇବା ପାଇଁ ସେ କଲେଜ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। ସେ ନିଜେ ସଂଶ୍ଳିଷ୍ଟ ଥିବା ଏବିଭିପି ଛାତ୍ର ସଂଗଠନ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ କରାଯାଇ ସଂପୃକ୍ତ ଶିକ୍ଷା ବିଭାଗର ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏପରିକି, ସୌମ୍ୟାଶ୍ରୀ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିବା ପରେ ସେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଗତକାଲି ଆଭ୍ୟନ୍ତରୀଣ କମିଟିର ରିପୋର୍ଟ ଅଭିଯୁକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କ ସପକ୍ଷରେ ଆସିବା ପରେ ଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ ଆରମ୍ଭ ହୋଇଥିଲା। ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେବାର ଧମକ ଦେଇ ବାରମ୍ବାର ଆପୋଷ ବୁଝାମଣା କରିନେବାକୁ କଲେଜ କର୍ତ୍ତୃପକ୍ଷ ଚାପ ପକାଇଥିଲେ। ଗତକାଲି ଶେଷଥର ପାଇଁ କଲେଜ ଅଧ୍ୟକ୍ଷଙ୍କୁ ଭେଟି ସୌମ୍ୟାଶ୍ରୀ ଗୁହାରି କରିବା ପରେ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ।

ଅପରପକ୍ଷେ, ଅଧ୍ୟକ୍ଷଙ୍କ ଚାମ୍ବରରୁ ଫେରିବା ପରେ ସୌମ୍ୟାଶ୍ରୀ ନିଜ ଉପରେ ପେଟ୍ରୋଲ ଢାଳିବା ବେଳେ ସେଠାରେ ଥିବା ଅନ୍ୟ ଛାତ୍ରଛାତ୍ରୀମାନେ ତାଙ୍କୁ ବଲବଲ କରି ଅନେଇଥିଲେ। କେହିକେହି ମୋବାଇଲ୍‌ରେ ଏହାର ଭିଡିଓ ମଧ୍ୟ କରିଥିଲେ। କିନ୍ତୁ ତାଙ୍କୁ ଅଟକାଇନଥିଲେ। ଏପରିକି, କଲେଜ କର୍ତ୍ତୃପକ୍ଷ ମଧ୍ୟ ତାଙ୍କୁ ବାରଣ କରିନଥିଲେ।

### ଚରମ ନିଷ୍ପତ୍ତି ନେବାକୁ ଛାତ୍ରୀଙ୍କୁ ପ୍ରବର୍ତ୍ତାଇଲା କିଏ?

ଫଳରେ ଏପରି ଏକ ବଡ଼ ଅଘଟଣ ଘଟିଗଲା ବୋଲି କୁହାଯାଉଛି। ତେଣୁ ଏହା ପଛରେ ଷଡ଼୍‌ଯନ୍ତ୍ରର ଗନ୍ଧ ବାରି ହେଉଛି।

ସୌମ୍ୟାଶ୍ରୀ ୪ବର୍ଷ ଧରି ଏବିଭିପିର କାର୍ଯ୍ୟକର୍ତ୍ତା ରହିଥିଲେ। ଏପରିକି ଛାତ୍ର ସଂଗଠନର ସମସ୍ତ କାର୍ଯ୍ୟରେ ନେତୃତ୍ୱ ନେଉଥିଲେ। ଏହି ଘଟଣା ଘଟିବା ପରେ ସଙ୍ଗଠନ ତାଙ୍କ ପଛରେ ରହିଥିବା ବେଳେ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲେ। ହେଲେ ଛାତ୍ରୀଜଣଙ୍କ ସାଙ୍ଗରେ ପେଟ୍ରୋଲ ସହ ଦିଆସିଲି ଆଣି ନିଆଁ ଲଗାଇଥିବା ବେଳେ ଏହି ସଙ୍ଗଠନର ସହଯୋଗୀମାନେ କିପରି ଭାବେ ତାହା ଜାଣିପାରିଲେ ନାହିଁ? ତେଣୁ ସୌମ୍ୟାଶ୍ରୀଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ କିଏ ପ୍ରବର୍ତ୍ତାଇଥିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବିକଳ୍ପ ଆଇନଗତ ପଦକ୍ଷେପ ଓ ନ୍ୟାୟ ପ୍ରଦାନର ସୁନିଶ୍ଚିତତା କରାନଯିବାରୁ ଘଟଣା ଏଭଳି ଏକ ଚରମ ନିଷ୍ପତ୍ତି ଆଡ଼କୁ ମୁହାଁଇଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କଲେଜରେ ବିଗତ କିଛିଦିନ ଧରି ଚାଲିଆସୁଥିବା କେଳେଙ୍କାରୀର ପର୍ଦ୍ଦାଫାସ ପାଇଁ ନିରପେକ୍ଷ ତଦନ୍ତ ହେଲେ ଆଗାମୀ ଦିନରେ ଫକୀରମୋହନ ମହାବିଦ୍ୟାଳୟର ବିଶ୍ୱସନୀୟତା ବଜାୟ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର,୧୩।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। କେବଳ କିଛି କାର୍ଯ୍ୟାନୁଷ୍ଠାନ ନେଇ ଘଟଣାକୁ ରଫା ଦଫା କରିବାକୁ ସରକାର ଅପଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ ।

ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଛାତ୍ରୀ ଜଣକ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ନେଇ ଜୁଲାଇ ୧ ତାରିଖ ଦିନ ସାମାଜିକ ଗଣମାଧ୍ୟମ "ଏକ୍ସ' ରେ ମୁଖ୍ୟମନ୍ତ୍ରୀ , ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେ ଶନିବାର ଆତ୍ମାହୁତି ପରି ଚରମ ପଦକ୍ଷେପ ନେଲେ। ତେଣୁ କେଉଁ ରହସ୍ୟମୟ କାରଣ ପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଛାତ୍ରୀଙ୍କ ଅଭିଯୋଗକୁ କଲେ ତାହା ସନ୍ଦେହସୃଷ୍ଟି କରିଛି। ଘଟଣାକୁ ପୂର୍ବରୁ ଅବହେଳା କରିଥିବା ରାଜ୍ୟ ସରକାର ଏବେ ଏହାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ପୀଡିତା ଚିକିତ୍ସିତ ହେଉଥିବା ଏମ୍ସ ହସ୍ପିଟାଲରେ ପୀଡିତାଙ୍କୁ ବିଜେପି ଯୁବ କର୍ମୀମାନେ ଘେରି ରହିଛନ୍ତି। ପୀଡିତା ଛାତ୍ରୀ ଓ ତାଙ୍କ ପରିବାରକୁ ଭେଟିବା ପାଇଁ ଯାଉଥିବା ବିଭିନ୍ନ ସଂଗଠନର ବ୍ୟକ୍ତି ମାନଙ୍କୁ ଦୁର୍ବ୍ୟବାହାର ପ୍ରଦର୍ଶନ କରୁଛନ୍ତି। ଦୁର୍ବ୍ୟବହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ରାଜ୍ୟ ସରକାର ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଡଃ ମହାନ୍ତି ଦାବି କରିଛନ୍ତି।

# ରାଷ୍ଟ୍ରପତିଙ୍କୁ ଫେରାଦ ହେବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୧୩।୭(ସମିସ): ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଖବର ଆସୁଛି । ନାରୀ ନିର୍ଯାତନା ଓ ମହିଳା ବିରୋଧୀ ହିଂସା ସାଧାରଣ ଘଟଣା ପାଲଟିଛି । ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଘଟଣା ଏହାର ସଦ୍ୟତମ ଉଦାହରଣ ପାଲଟିଛି। ଏ ସମ୍ପର୍କରେ ବିଜୁ ମହିଳା ବିଜେଡି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାକୁ ସମୟ ମାଗିଛି ।



ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଟୁକୁନି ସାହୁ ପ୍ରମୁଖ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। ନ୍ୟାୟ ପାଇଁ ପୀଡିତା ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟ ତାଙ୍କୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ମାତ୍ର ତାଙ୍କୁ ନ୍ୟାୟ ମିଳିଲା ନାହିଁ ଓ ଆତ୍ମାହୁତି ପରି ଚରମ ପଦକ୍ଷେପ ପାଇଁ ସେ ନିଷ୍ପତ୍ତି ନେଲେ। ବିଜେପିର ଛାତ୍ର ଶାଖା ଏବିଭିପିର ସଦସ୍ୟ ଥିବା ସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳିଲା ନାହିଁ ବୋଲି ପ୍ରମିଳା କହିଛନ୍ତି ।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ କଲେଜ ଅଧ୍ୟକ୍ଷ ପୀଡିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତ ଅଧ୍ୟାପକଙ୍କ ସମ୍ମୁଖରେ ଅଭିଯୋଗ ପ୍ରତ୍ୟାହାର ସମ୍ପୃକ୍ତ ଛାତ୍ରୀଙ୍କୁ ନିର୍ଦ୍ଦେଶ ଦେବା ଚରମ ଲଜ୍ଜା ଓ କ୍ଷୋଭର ବିଷୟ। ଚିକିତ୍ସାଧୀନ ପୀଡିତା ଛାତ୍ରୀଙ୍କୁ ଏମ୍‌ସରେ ବିଜେପିର ଗୁଣ୍ଡାଶ୍ରେଣୀୟ ଯୁବକମାନେ ଜଗି ରହିଛନ୍ତି। ପୀଡ଼ିତାଙ୍କୁ ଭେଟିବାକୁ ଯାଉଥିବା ବିଭିନ୍ନ ସଙ୍ଗଠନର ବ୍ୟକ୍ତିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ସହିତ ଭେଟିବାରେ ରୋକୁଛନ୍ତି। ସେହିପରି ଟୁକୁନି ସାହୁ କହିଛନ୍ତି ଯେ କେବଳ ଏହି ଘଟଣା ନୁହେଁ ବରଂ ରାଜ୍ୟରେ ଗତ ୧୩ ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷା ନେଇ ଆମେରିକାର ରାଷ୍ଟ୍ରପତିଙ୍କ ଟିପ୍ପଣୀ ଓଡିଶାକୁ ଦେଶ ବିଦେଶରେ ଲଜ୍ଜିତ ଓ ନିନ୍ଦିତ କରିଛି। ଗୋଟିଏ ପରେ ଗୋଟିଏ ଲଜ୍ୟାଜନକ ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟ। ତେଣୁ ମହାମହିମ ରାଷ୍ଟ୍ରପତି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଥିବାରୁ, ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି ରାଜ୍ୟରେ ବିପର୍ଯ୍ୟସ୍ତ ମହିଳା ସୁରକ୍ଷା ପ୍ରସଙ୍ଗରେ ତାଙ୍କ ସହିତ ଆଲୋଚନା ନିମନ୍ତେ ଅନୁରୋଧ କରାଯାଇଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି ।

## ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲା ବିଜେଡି

# ଆଜି କଲେଜ ଓ ଡିଆଇଜି ଅଫିସ୍ ଆଗରେ ବିକ୍ଷୋଭ




ବାଲେଶ୍ୱର,୧୩।୭(ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣା ସାରା ଓଡ଼ିଶାର ପ୍ରତ୍ୟେକ କଲେଜ ଛାତ୍ରୀଙ୍କ ପାଇଁ ଅପମାନ। ନ୍ୟାୟ ନ ମିଳିବାରୁ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ କରି ଏବେ ମୃତ୍ୟୁ ସହ ଲଢୁଛନ୍ତି। ବିଜେପି ସରକାର ଆସିବା ପରଠୁ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଅତ୍ୟାଚାର ବଢ଼ିବାରେ ଲାଗିଛି। କେବଳ ଏହି ଘଟଣା ନୁହେଁ, ଗୋପାଳପୁର ଗଣଦୁଷ୍କର୍ମ ଘଟଣା ପରି ଅନେକ ଏବଂ ନିକଟରେ ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକଙ୍କ ଅପମାନଜନକ ମନ୍ତବ୍ୟ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ନାରୀଙ୍କୁ ଅପମାନ ଓ ବଢୁଥିବା ନାରୀ ବିରୋଧୀ ଅତ୍ୟାଚାରର ପ୍ରତିବାଦରେ ବିଜୁ ଜନତା ଦଳ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ଉପରେ ବର୍ଷିଛି। ଏଥିରେ ଯୋଗଦେଇ ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ନାରୀଙ୍କୁ ଅପମାନ ଏବଂ ନିର୍ଯାତନାକୁ ନେଇ ସବୁବେଳେ ସ୍ୱର ଉତ୍ତୋଳନ କରିଛି ବିଜେଡି। ଆଗକୁ ମଧ୍ୟ ଏହି ଆନ୍ଦୋଳନ ମଜଭୁତ ହେବ। ଏହାର ପ୍ରତିବାଦରେ ଆସନ୍ତାକାଲି (ସୋମବାର) କଲେଜ ଏବଂ ଡିଆଇଜି ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ ହେବ। ଏଥିସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ସ୍ଥାନୀୟ ଉଦ୍ୟୋଗ ଭବନଠାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଡ. ବ୍ୟୋମକେଶ ରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାର ଉପରେ ବର୍ଷିଥିଲେ। ଶେଷରେ ସିମନ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପାଣିଗ୍ରାହୀ, ତାପସ ପରିଡା, ଜୟରାମ ଦାସ ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ।

# ଯୋଡ଼ା ଲଘୁଚାପ; ଆସୁଛି ବଡ଼ ବର୍ଷା

ଭୁବନେଶ୍ୱର,୧୩।୭ (ସମିସ): ଯୋଡ଼ା ଲଘୁଚାପ ପ୍ରଭାବରେ ରାଜ୍ୟରେ ପୁଣି ଆରମ୍ଭ ହୋଇଛି ବର୍ଷା। ବର୍ତ୍ତମାନ ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଏବଂ ତାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଅନ୍ୟ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଦୁଇଟି ପୃଥକ୍ ଲଘୁଚାପ କ୍ଷେତ୍ର ଯୋଗୁଁ ରାଜ୍ୟରେ ଦୁଇ ଦିନ ଯାଏଁ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାର ପ୍ରଭାବ ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାରେ ରହିବାକୁ ଥିବା ବେଳେ କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆକଳନ କରାଯାଇଛି।

ଏହି ଲଘୁଚାପ ଯୋଗୁଁ ସୋମବାର ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼, ବୌଦ୍ଧ, ସୋନପୁର, ନୟାଗଡ଼, ଦେବଗଡ଼, ବଲାଙ୍ଗିର, କନ୍ଧମାଳ ଓ କଳାହାଣ୍ଡି , ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ,ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ପାଣିପାଗ ବିଭାଗ ୟେଲୋ ଆଲର୍ଟ ଜାରି କରିବା ସହ ପ୍ରବଳ ବର୍ଷା ଏବଂ ବିଜୁଳି, ଘଡ଼ଘଡିର ଚେତାବନୀ ଦେଇଛି।

ସେହିପରି ୧୫,୧୬,୧୭ ତାରିଖ ପାଇଁ ମଧ୍ୟ ରାଜ୍ୟର ଅନେକ ଜିଲ୍ଲାକୁ ୟେଲୋ ଆଲର୍ଟ ସହ ବର୍ଷା ନେଇ ସତର୍କ ସୂଚନା ଜାରି ହୋଇଛି। ଲଘୁଚାପ ଯୋଗୁଁ ସମୁଦ୍ର ଅଶାନ୍ତ ରହିବ ତେଣୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ଗତ ୨୪ଘଣ୍ଟାରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ବେଳେ କଳାହାଣ୍ଡିର ଥୁଆମୂଳ ରାମପୁର ଠାରେ ୬୫ମିମି ବର୍ଷା ରେକର୍ଡ ହୋଇଛି ଏବଂ କଟକ କଣ୍ଟାପଡ଼ାରେ ୬୨ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବଜ୍ରାଘାତରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର, ଯାଜପୁର, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

# ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୭ (ସମିସ):** ଏମ୍ସରେ ଚିକିତ୍ସିତ ହେଉଥିବା ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଦିଲ୍ଲୀରୁ ଫେରିବା ପରେ ସେ ଭୁବନେଶ୍ୱର ବିମାନ ବନ୍ଦରରୁ ସିଧାସଳଖ ଏମ୍ସକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏମ୍ସ ନିର୍ଦ୍ଦେଶକ ଓ ଚିକିତ୍ସା କରୁଥିବା ଡାକ୍ତରୀ ଦଳଙ୍କ ସହ ଆଲୋଚନା କରିଥିଲେ।



ମୁଖ୍ୟମନ୍ତ୍ରୀ ଏନେଇ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପୀଡ଼ିତାଙ୍କ ଅବସ୍ଥା ବର୍ତ୍ତମାନ ଜଟିଳ ଅଛି। ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯାଉଛି। ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସ ପରି ଚିକିତ୍ସା ସେବା ଏଠାରେ ପ୍ରଦାନ କରାଯାଉଛି। ଆଗାମୀ ୨୪ ଘଣ୍ଟା ପୀଡ଼ିତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାକୁ ନଜରରେ ରଖାଯାଇ ଦିଲ୍ଲୀ ଏମ୍ସର ଏକ ଟିମ୍ ସହ ଭର୍ଚୁଆଲ ମିଟିଂ ହେବ। ସେମାନଙ୍କ ପରାମର୍ଶ ଆଧାରରେ ତାଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଆବଶ୍ୟକ ହେଲ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଦିଲ୍ଲୀ ଏମ୍ସ ନିଆଯିବ। ମାତ୍ର ଦିଲ୍ଲୀକୁ ନେବା ଭଳି ପରିସ୍ଥିତି ଏବେ ତାଙ୍କର ନାହିଁ। ପରିସ୍ଥିତିରେ ସୁଧାର ଆସିଲେ ଏନେଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପୀଡ଼ିତା ଆଣିଥିବା ଅଭିଯୋଗ ସମ୍ପର୍କରେଉତ୍ତରଦେଇତଦନ୍ତରିପୋର୍ଟଅନୁସାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବାଲେଶ୍ୱର ଘଟଣାକୁ ଗୁରୁତ୍ୱର ଭାବେ ନିଆଯାଇଛି ବୋଲି ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ଦିନରେ ଏଭଳି ଘଟଣା କୌଣସି ଶିକ୍ଷାନୁଷ୍ଠାନରେ ନ ଘଟୁ, ସେଥିପାଇଁ ସ୍ୱତନ୍ତ୍ର ଭାବରେ ସରକାର ପ୍ରସଙ୍ଗକୁ ଗୁରୁତ୍ୱର ଭାବେ ନେଇଛନ୍ତି। ଉଚ୍ଚ ସ୍ତରୀୟ ତଦନ୍ତ କରି ଯେମିତି ଆଗୁଆ ପଦକ୍ଷେପ ନେଇ ହେବ, ତା'ଉପରେ ସରକାର ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

# ହିନ୍ଦୋଳ ମଦ ମୃତ୍ୟୁ ଘଟଣା
# ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଦାବିକଲା ବିଜେଡି



- ଶବ ବ୍ୟବଚ୍ଛେଦ ନ ହେବା ଉପରେ ପ୍ରଶ୍ନ ଉଠାଇଲା ଦଳ
- ଅବକାରୀ ଓ ପୁଲିସ ସହଯୋଗରେ ରାଜ୍ୟରେ ବଢୁଛି ଚୋରା ମଦ କାରବାର

ଭୁବନେଶ୍ୱର,୧୩।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ପରିବାରକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଛି। ପୀଡିତା ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ଦଳ ଦାବି କରିଛି। ଏହା ସହିତ ଚୋରାମଦ କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ଜୋର ଦେଇଛି। ବିଷାକ୍ତ ମଦ ପିଇ ବମ୍ପା ଗ୍ରାମର ମୃତ୍ୟୁବରଣ କରିଥିବା ମିଲୁ ସାମଲ ଓ ପ୍ରଫୁଲ୍ଲ ସାମଲଙ୍କ ପରିବାରକୁ ଭେଟି ସମବେଦନା ଜଣାଇ ସହ ପ୍ରଶାସନିକ ଦାୟିତ୍ୱହୀନତାକୁ ବିଜେଡିର ପ୍ରତିନିଧି ମଣ୍ଡଳୀ କଡା ନିନ୍ଦା କରିଛି। ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ନକରି ମେଡିକାଲରୁ ଘରକୁ ଫେରାଇ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଏ ସରକାର ବିଷାକ୍ତ ମଦ ମୃତ୍ୟୁକୁ ଚପାଇଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ଦଳ ଅଭିଯୋଗ କରିଛି।

ପୀଡିତା ପରିବାର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ଦୀର୍ଘ ଦିନ ହେଲା ପୁଲିସ ଓ ଅବକାରୀ ବିଭାଗର ସହାୟତାରେ ଏହି ଅଞ୍ଚଳ ଖୁଲମଖୋଲା ଚୋରା ମଦ କାରବାର ବିପୁଳ ପରିମାଣରେ ଚାଲୁଛି। ଯାହା ଫଳରେ ଅଞ୍ଚଳର ଯୁବକମାନେ ପଥଭ୍ରଷ୍ଟ ହେବା ଗରିବ ପରିବାରରେ ସାମାଜିକ କଳହ ସୃଷ୍ଟି ହେଉଛି। ଏହି ଅଞ୍ଚଳରେ କିଭଳି ଚୋରା ମଦ କାରବାର ବନ୍ଦ ହେବ ସେ ଦିଗରେ ସରକାର ଦୃଢ ପଦକ୍ଷେପ ନେବା ପାଇଁ ବିଜୁ ଜନତା ଦଳ ଦାବି କରିଛି। ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ମହେଶ ସାହୁ, ମୁଖପାତ୍ର ନାରାୟଣ ଜେନା, ଜିଲ୍ଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ଦେବୀପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ଦାସ, ମିଲନ ରାଉତ ଓ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ବିଜେପି କର୍ମୀଙ୍କ ଗୁଣ୍ଡାଗିରି
# ମହିଳାଙ୍କ ଘର ଦଖଲ ଉଦ୍ୟମ

ବାରିପଦା,୧୩।୭ (ସମିସ): ସ୍ୱାମୀଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱର ଯାଇଥିବା ବେଳେ ଜଣେ ଅନ୍ତଃସତ୍ତ୍ୱା ମହିଳାଙ୍କ ଘରକୁ ବିଜେପି କର୍ମୀମାନେ ଜୋରଜବରଦସ୍ତ ଦଖଲ କରିବାକୁ ପ୍ରୟାସ କରିବା ଭଳି ଏକ ସଂଗିନ୍ ଅଭିଯୋଗ ବାରିପଦା ଟାଉନ୍ ଥାନାରେ ହୋଇଛି। ଅଭିଯୋଗକାରିଣୀ ମହିଳାଜଣଙ୍କ ହେଲେ, ସ୍ଥାନୀୟ ଗୋଲାପବାଗ ଅଞ୍ଚଳର ଶ୍ୱେତା ଶାହା। ଶ୍ୱେତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।





ଅଭିଯୋଗରେ ଶ୍ୱେତା ଦର୍ଶାଇଛନ୍ତି ଯେ ସ୍ୱାମୀ ଅଭିନବ ଶାହଙ୍କ ସହ ସେ ସ୍ଥାନୀୟ ଗୋଲାପବାଗ ଅଞ୍ଚଳରେ ରହି ଆସୁଛନ୍ତି। କିଛି ଦିନ ତଳେ ସେ ଅସୁସ୍ଥ ସ୍ୱାମୀଙ୍କ ଚିକିତ୍ସା କରାଇବା ପାଇଁ ଭୁବନେଶ୍ୱର ଯାଇଥିଲେ। କିନ୍ତୁ ଏହି ସମୟରେ ବିଜେପି କର୍ମୀଙ୍କ ପ୍ରରୋଚନାରେ କିଛି ଗୁଣ୍ଡାଶ୍ରେଣୀୟ ଲୋକେ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶିବା ସହ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଦେଢ଼ ଲକ୍ଷ ଟଙ୍କା ଓ ଜମି କାଗଜପତ୍ର ଆଦି ଲୁଟି ନେଇଛନ୍ତି। ଘରେ ଲାଗିଥିବା ସିସିଟିଭିକୁ ମଧ୍ୟ ବାଡ଼େଇ ଭାଙ୍ଗି ଦେଇଛନ୍ତି। ଖାଲି ସେତିକି ନୁହେଁ, ଜୋରଜବରଦସ୍ତ ତାଙ୍କ ଘରେ ରହିବା ସହ ଘରକୁ ଦଖଲ ନେବାକୁ ପ୍ରୟାସ କରୁଛନ୍ତି। ସେ ବାରିପଦାକୁ ଫେରିବା ପରେ ଘଟଣା ସମ୍ପର୍କରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଆଧାରରେ ପୁଲିସ୍ ଅଙ୍କିତ ଶାହା, ଅପ୍ରତିମ ସାହା ଓ ସୁବ୍ରତ ରଣା ଏବଂ ବିଜେପିର କୁମାର ମଙ୍ଗଳମ, ପାଏଲ ରାୟ, ସୌମ୍ୟ ରଞ୍ଜନ ମିଶ୍ର, ସୁକୁଲ ମୁର୍ମୁ, ସୁରାଜ ଲୋହାର, ବଳିଆ, ଦୀପା ଓ ଏକ ଜିମ୍‌ର ଅନ୍ୟ ସଦସ୍ୟମାନଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଜେପି ସରକାର ନିଜକୁ ଲୋକଙ୍କ ସରକାର କହୁଥିବା ବେଳେ ବିଜେପି କର୍ମୀମାନେ କିପରି ଗୁଣ୍ଡାଗର୍ଦ୍ଦି କରୁଛନ୍ତି, ସେନେଇ ଶ୍ୱେତା ପ୍ରଶ୍ନ କରିଛନ୍ତି।

ଅପରପକ୍ଷେ, ଉପରୋକ୍ତ ଘଟଣାର ଅନ୍ୟତମ ଅଭିଯୁକ୍ତ ସୁବ୍ରତ କୁମାର ରଣା ମଧ୍ୟ ମହିଳାଙ୍କ ନାମରେ ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ ଉକ୍ତ ଘରେ ତାଙ୍କର ଏକ କମ୍ପ୍ୟୁଟର ତାଲିମ କେନ୍ଦ୍ର ଗତ ୫ବର୍ଷ ହେବ ରହିଛି।

- ତାଲା ଭାଙ୍ଗି ଘରୁ ଲୁଟିନେଲେ ୨୫ ଲକ୍ଷର ଅଳଙ୍କାର
- ଟାଉନ୍ ଥାନାରେ ମାମଲା ରୁଜୁ
- ମହିଳାଙ୍କ ବିରୋଧରେ ପାଲଟା ମାମଲା ରୁଜୁ

କିଛି ଦିନ ତଳେ ଅଭିନବ ଓ ତାଙ୍କ ପତ୍ନୀ ଶ୍ୱେତା ତାଙ୍କୁ ବାରମ୍ବାର ଧମକଚମକ ଦେଇଥିଲେ। ତାଙ୍କ କାର୍ଯ୍ୟାଳୟ ମଧ୍ୟରେ ଥିବା ତାଙ୍କର ସିସିଟିଭି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଭାଙ୍ଗି ଦେଇଥିଲେ। ଫଳରେ ତାଙ୍କର ୧୨,୮୭,୮୦୦ଟଙ୍କାର କମ୍ପ୍ୟୁଟର ଯନ୍ତ୍ରାଂଶ ନଷ୍ଟ ହୋଇଛି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଅଭିନବ ଓ ଶ୍ୱେତାଙ୍କ ନାମରେ ମାମଲା ରୁଜୁ କରିଛି। ପୁଲିସ ପକ୍ଷରୁ ଉଭୟ ଅଭିଯୋଗକୁ ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଜାରିଥିବା ଥାନା ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ

ରେଢ଼ାଖୋଲ, ୧୩।୭ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ସରାପାଲି ବିଟ୍ ଟିକିଲିପଡ଼ା ଗ୍ରାମ ଜଙ୍ଗଲ ଚାଷଜମି ନିକଟରେ ଶନିବାର ରାତିରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ଆନୁମାନିକ ବୟସ ୭ବର୍ଷ ହେବ ବୋଲି ବନ ବିଭାଗ କହିଛି।



ଘଟଣାସ୍ଥଳରେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଡ. ଏଲାବରେସନ କେ, ଏସିଏଫ୍ ଗଜେନ୍ଦ୍ର ଅଧାଜ, ମାଳତୀଲତା ହାଁସଦା, ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ଫରେଷ୍ଟର୍ ଅରୁଣ କୁମାର ବେହେରା ପ୍ରମୁଖ ପହଞ୍ଚି ତଦନ୍ତ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟିମ୍ ଆସି ତଦନ୍ତ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ଆସିଲେ ଶବ ବ୍ୟବଚ୍ଛେଦ କରି ପୋତି ଦିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହାକୁ ମିଶାଇ ଗୋଟିଏ ବର୍ଷ ମଧ୍ୟରେ ନାକଟିଦେଉଳ ସଦର ବନଖଣ୍ଡରେ ୫ଟି ହାତୀର ମୃତ୍ୟୁ ଘଟିଲାଣି। ୧୦ ମାସ ପୂର୍ବରୁ ଚହଟାପଦା ନିକଟରେ ଗୋଟିଏ ଏବଂ ୮ ମାସ ପୂର୍ବରୁ ଘୋଷରାମାଳ ଗ୍ରାମ ବୁଡୋମାଳ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଆସି ୩ଟି ହାତୀର ମୃତ୍ୟୁ ଘଟିଥିଲା। ଉଭୟ ଘଟଣାରେ ବିଦ୍ୟୁତ୍ ହିଁ

- ବର୍ଷକରେ ମଲେଣି ୫ ହାତୀ
- ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ଟିମ୍‌ର ତଦନ୍ତ ଜାରି

ପ୍ରମୁଖକରଣ ବୋଲି ସ୍ପଷ୍ଟ ହୋଇଥିବା ଓ ବାରମ୍ବାର ବିଦ୍ୟୁତ ଆଘାତରେ ହାତୀଙ୍କ ଜୀବନ ଯିବା ବନ ବିଭାଗର ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ଘଟଣାରେ ଆମ୍ବବଗିଚା ଚାଷ ଜମି ନିକଟର ଜଣକୁ ଅଟକ ରଖି ତଦନ୍ତ କରାଯାଉଛି। ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀପଲ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ ବି ବନବିଭାଗ ପକ୍ଷରୁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏପରିକି, ଠିକ୍ ଭାବେ ପାଟ୍ରୋଲିଂ ହେଉନଥିବାରୁ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି।

# ମହାନଦୀରେ ଭାସି ଆସିଲେ ୮ ଟିକିଆ ହାତୀପଲ

ବୌଦ୍ଧ,୧୩।୭ (ସମିସ): ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଭରାନଦୀରେ ଏକ ୮ଟିକିଆ ହାତୀପଲ ପହଁରି ଆସିଛନ୍ତି। ସେମାନଙ୍କ ମଧ୍ୟରେ ୩ଟି ହାତୀଛୁଆ ମଧ୍ୟ ରହିଛନ୍ତି। ଏହି ହାତୀପଲ ମଝି ନଦୀରେ ଥିବା କୁଲାରୀକୁଦ ଦୀପରେ ପହଞ୍ଚି ସେଠାରେ ଥିବା ମନ୍ଦିର ନିକଟରେ ବିଶ୍ରାମ ନେଇଛନ୍ତି। ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମହାନଦୀ କୂଳରେ ପହଞ୍ଚିଛି। ଡ୍ରୋନ୍ କ୍ୟାମେରା ମାଧ୍ୟମରେ ହାତୀମାନଙ୍କ ଗତିବିଧି ଉପରେ ସେମାନେ ନଜର ରଖିଛନ୍ତି। କୁଲାରିକୁଦ ଦ୍ୱୀପକୁ ଆସିଥିବା ହାତୀପଲଙ୍କ ମଧ୍ୟରେ ଗୋଟିଏ ଦନ୍ତା, ୩ଟି ଛୁଆ ହାତୀ ଏବଂ ଅନ୍ୟ ୪ଟି ମାଈ ହାତୀ ଅଛନ୍ତି ବୋଲି ବୌଦ୍ଧ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଦେବପ୍ରିୟ କମ୍ପ କହିଛନ୍ତି।



ଏହି ହାତୀପଲ ଏବେ ବି ସେଠାରେ ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ ଜଗିରହିଥିବା ବେଳେ ଅନ୍ୟମାନେ ବିଶ୍ରାମ ନେଉଛନ୍ତି। ସେମାନଙ୍କ ଉପରେ ବନ ବିଭାଗ ଏବେ ବି ତୀକ୍ଷ୍ଣ ନଜର ରଖିଛି। ଏହି ହାତୀପଲ କେଉଁଆଡ଼େ ଯିବେ, ତାହା କହିହେବ ନାହିଁ। ପୁନଃ ଆଠମଲିକ ଅଭିମୁଖେ ଫେରିପାରନ୍ତି ଅବା ବୌଦ୍ଧ ଅଭିମୁଖେ ଆସିପାରନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ

**ହାତୀଙ୍କ ଗତିବିଧି ଉପରେ ନଜର ରଖିଛି ବନ ବିଭାଗ**

ରଖି ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଆଖପାଖ ଅଞ୍ଚଳର ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଇଛି। ବୌଦ୍ଧ ଏସିଏଫ୍ ଆଶିଷ କହଁରଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରସନ୍ନ ପ୍ରଧାନ, ବନକର୍ମଚାରୀ ପ୍ରଦ୍ୟୁମ୍ନ ବାଘ, ମନୋରଞ୍ଜନ ନାୟକଙ୍କ ସମେତ ବହୁ ବନ କର୍ମଚାରୀ ମର୍ଜାକୁଦ ଲାଞ୍ଜିରେ ଥିବା କୁଲାରୀକୁଦ ଇକୋ ଟୁରିଜମଠାରେ ରହି ଡ୍ରୋନ୍ ସାହାଯ୍ୟରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ବଜ୍ରପାତରେ ମହିଳା ମୃତ

ପାରଳାଖେମୁଣ୍ଡି, ୧୩।୭ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଆଖପାଖ ଅଞ୍ଚଳରେ ଆଜି ସନ୍ଧ୍ୟାରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ସହର ଉପକଣ୍ଠସ୍ଥ ତଥା ଗୁମ୍ମା ବ୍ଲକ ଝାମିଗାଁରେ ଜମିରେ କାମ କରୁଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଝାମିଗାଁ କାଲିସେଟୀ ଆପଲନାଇଡୁଙ୍କ ପତ୍ନୀ କାଲିସେଟୀ ବୃନ୍ଦାବତୀ (୩୨)। ଧାନ ରୋଇବାକୁ ଯାଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାରବର୍ଗ ଜମିକୁ ଯାଇ ବୃନ୍ଦାବତୀ ମରି ପଡ଼ିଥିବା ଦେଖିଥିଲେ। ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ନାଗକୁ ଧରି ହସ୍ପିଟାଲରେ ପହଞ୍ଚିଲେ ରୋଗୀ

**ବାରିପଦା,୧୩।୭ (ସମିସ):** ସ୍ଥାନୀୟ ପିଆରଏମ୍ ହସ୍ପିଟାଲରେ ରବିବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତିଙ୍କୁ ସାପ କାମୁଡ଼ିବାରୁ ସେ ସାପକୁ ଧରି ହସ୍ପିଟାଲରେ ପହଞ୍ଚିଛନ୍ତି। ବ୍ୟକ୍ତିଜଣଙ୍କ ହେଲେ, ବାରିପଦା ସଦର ଥାନା ଅଧୀନ ଦାମୋଦରପୁର ଅଞ୍ଚଳର ରଘୁନାଥ ସିଂ (୪୫)।





ରଘୁନାଥ ରବିବାର ଅପରାହ୍ଣରେ ବିଲରେ ଚାଷ କାମ କରୁଥିବା ବେଳେ ଏକ ନାଗ ସାପ ତାଙ୍କ ହାତକୁ କାମୁଡ଼ିଥିଲା। କିନ୍ତୁ ଏଥିରେ ସେ ବିଚଳିତ ନ ହୋଇ ନାଗକୁ କାବୁ କରି ଏକ ଅଖାବୁରାରେ ଭର୍ତ୍ତି କରି ଚିକିତ୍ସା ପାଇଁ ପ୍ରାୟ ୩ଟା ବେଳେ ପିଆରଏମ ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ହସ୍ପିଟାଲରେ ରଘୁନାଥଙ୍କୁ ଏଭଳି ଅବସ୍ଥାରେ ଦେଖି ଡାକ୍ତର, ନର୍ସ, ରୋଗୀ ଓ ଉପସ୍ଥିତ ଲୋକମାନେ ଭୟଭୀତ ହୋଇଯାଇଥିଲେ। ତୁରନ୍ତ ସାପ ଉଦ୍ଧାରକାରୀ ଟିମକୁ ଡକାଯାଇ ସାପକୁ ଉଦ୍ଧାର କରାଯାଇଥିଲା। ଏହାସହ ରଘୁନାଥଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସା ପୂର୍ବରୁ କେଉଁ ସାପ ତାଙ୍କୁ ଦଂଶନ କରିଛି, ତାହା ଦର୍ଶାଇବା ପାଇଁ ରଘୁନାଥ ସାଥୀରେ ସାପକୁ ନେଇ ହସ୍ପିଟାଲକୁ ଆସିଥିଲେ ବୋଲି ସୂଚନା ଦେଇଛନ୍ତି। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# ୧୦ ଗେଟ୍ ବନ୍ଦ କଲା ହୀରାକୁଦ

**ସମ୍ବଲପୁର, ୧୩।୭ (ସମିସ):** ହୀରାକୁଦ ଜଳଭଣ୍ଡାର ଆଜି ଆଉ ୧୦ଟି ଗେଟ୍ ବନ୍ଦ କରିଛି। ଆଜି ସକାଳ ୬ଟା ବେଳେ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ ସନ୍ଧ୍ୟା ସୁଦ୍ଧା ପର୍ଯ୍ୟାୟକ୍ରମେ ୧୦ଟି ଗେଟ୍ ବନ୍ଦ କରିଦିଆଯାଇଛି। ଖବର ଲେଖା ହେବା ସୁଦ୍ଧା ଜଳସ୍ତର ୬୦୬.୬୦ ଫୁଟ୍ ଥିବା ବେଳେ ୪ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି।

ସୂଚନାଯୋଗ୍ୟ, ହୀରାକୁଦର ଦଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ଗତ ୬ ତାରିଖରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିଛି। ହୀରାକୁଦ ନଦୀବନ୍ଧର କର୍ଭରୁଲ୍ଅନୁଯାୟୀ, ଜୁଲାଇ ୩୧ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ରବିବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୦୬.୬୦ ଫୁଟ ରହିଛି। ନଦୀବନ୍ଧର ବାମ ପଟର ୩ଟି ଓ ଡାହାଣ

**ଜଳସ୍ତର ୬୦୬.୬୦ ଫୁଟ୍**

ପଟର ଗୋଟିଏ ଏହିଭଳି ମୋଟ୍ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୫୪,୪୧୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣରେ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୧୬,୬୭୨ ଘନଫୁଟ, ପାୱାର ଚେନାଲ ଦେଇ ୩୪୧୬୧ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୩୩୪୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୨୪୯୭୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଲଠାରେ ୩୧୦୦୦୦ କ୍ୟୁସେକ୍, ବାରମୁଲଠାରେ ୨୭୨୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୩୩୧୯୬୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୧.୦୪ମିମି ଏବଂ ତଳମୁଣ୍ଡରେ ୩.୯୫ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

**ଭୁବନେଶ୍ୱର,୧୩।୭ (ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି (ସୋମବାର) ଦିନ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ସେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

- ବିମାନବନ୍ଦରରୁ କାରକେଡ୍ ରିହର୍ସାଲ କଲା ପୁଲିସ
- ଟ୍ୱିନ୍ ସିଟିରେ ୧୧୦ ପ୍ଲାଟୁନ ଫୋର୍ସ ମୁତୟନ
- ଏମ୍ସ ମେଡିକାଲ, ରେଭେନ୍ସାରେ ରହିଛି କାର୍ଯ୍ୟକ୍ରମ

ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନ ଏବଂ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏଥିସହ ରାଷ୍ଟ୍ରପତି ଯିବାକୁ ଥିବା ରାସ୍ତାର ଉଭୟ ପଟରେ ପୁଲିସ ମୁତୟନ କରାଯାଇଛି। ସୁରକ୍ଷାରେ ତ୍ରୁଟି ଯେପରି ନଘଟେ, ସେଥିଲାଗି ଆଜି ପୁଲିସ ପକ୍ଷରୁ କାରକେଡ୍ ରିହର୍ସାଲ କରାଯାଇଛି।

ବିମାନବନ୍ଦରରୁ ପ୍ରଥମେ ରାଜ୍ୟପାଳ ଭବନ ଓ ପରେ ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାରକେଡ୍ ଯାଇଥିଲା। ପରେ କଟକରେ ମଧ୍ୟ ରିହର୍ସାଲ କରାଯାଇଥିବା ଜଣାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିରୁ ଦ୍ୱୈତନଗରୀରେ ୧୧୦ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ଏଥିରେ ୮ଜଣ ଡିସିପି ର୍‍ୟାଙ୍କ୍ ଅଫିସର, ୧୧ଜଣ ଅତିରିକ୍ତ ଡିସିପି, ୩୧ଜଣ ଏସିପି ରାଙ୍କ, ୪୪ ଇନ୍ସପେକ୍ଟର୍, ୧୮୦ଜଣ ସବ ଇନ୍ସପେକ୍ଟର୍ ରହିଛନ୍ତି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ



ପୋଷ୍ଟ ଓ ନାକା ଅଞ୍ଚଳରେ ପୁଲିସ୍ ନିୟୋଜିତ ରହିବେ। ଅପରପକ୍ଷେ, ଭୁବନେଶ୍ୱର ଏମ୍ସରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା।

ଶ୍ରୀମତୀ ମୁର୍ମୁ ଦୁଇଦିନିଆ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଜୁଲାଇ ୧୪ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପଞ୍ଚମ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ଏହି ସ୍ମରଣୀୟ ଉତ୍ସବରେ ସେ ଛାତ୍ରଛାତ୍ରୀ, ଅଭିଭାବକ ତଥା ସମସ୍ତ ଏମ୍ସ ପରିବାରକୁ ଅନୁପ୍ରେରିତ କରିବେ। ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଜୁଲାଇ ୧୫ ତାରିଖରେ ଶ୍ରୀମତୀ ମୁର୍ମୁ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥି ଭାବେ ଯୋଗଦାନ କରିବା ସହ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିବେ। ସେ ମଧ୍ୟ ଆଦିକବି ସାରଳା ଦାସଙ୍କ ଜନ୍ମ ବାର୍ଷିକୀ ସମାରୋହରେ ଯୋଗ ଦେବା ସହିତ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

## କଲେଜରେ ଅତ୍ୟାଧୁନିକ ଆଇଟି ଲାବ୍ ସ୍ଥାପନ ବିବାଦ

# ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନିଲେନି ଅଧ୍ୟକ୍ଷ

ଯାଜପୁର, ୧୩।୭ (ସମିସ)

ଗତ ମେ' ମାସ ୯ ତାରିଖରେ '୪୪ଟି କଲେଜରେ ଆଇଟି ଲାବ୍-କମ୍ପ୍ୟୁଟର କିଣାରେ ଟେଣ୍ଡର ଫିକ୍ସିଂ ଅଭିଯୋଗ' ଶୀର୍ଷକ ଏକ ତଥ୍ୟ ସମ୍ବଳିତ ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ଯାଜପୁର ଉପଜିଲ୍ଲାପାଳ ତଥା ସମସ୍ତ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ। ସେହିକ୍ରମରେ ସେ ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ସେହି ମାସ ୨୧ ତାରିଖ ଦିନ ଏକ ଚିଠି (ନମ୍ବର-୮୩୯୦) ଲେଖି କଲେଜରେ ଅତ୍ୟାଧୁନିକ ଆଇଟି ଲାବ୍ ସ୍ଥାପନ ପାଇଁ ଯେଉଁ ସବୁ ସାମଗ୍ରୀ କ୍ରୟ କରାଯିବ ସେଥିପାଇଁ ଆହୁତ ହେବାକୁ ଥିବା ଟେଣ୍ଡର ନିର୍ଦ୍ଦିଷ୍ଟ ଗାଇଡ୍ ଲାଇନ ଅନୁସାରେ ଏବଂ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜରଙ୍କ ପରାମର୍ଶ ନେଇ ହିଁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲ୍ଲାପାଳଙ୍କ ଉକ୍ତ ନିର୍ଦ୍ଦେଶକୁ ଅନୁପାଳନ କରି ଇତିମଧ୍ୟରେ ଜିଲ୍ଲାର ପ୍ରାୟ ୨୫ ଗୋଟି କଲେଜର ଅଧ୍ୟକ୍ଷ ଟେଣ୍ଡର ଆହ୍ୱାନ କରିବା ସହ ଅନେକ କଲେଜରେ ସାମଗ୍ରୀ କ୍ରୟ କରାଯାଇ ସାରିଲାଣି। ମାତ୍ର ଆଉ କିଛି କଲେଜର ଅଧ୍ୟକ୍ଷ ବିଭିନ୍ନ କାରଣ ଦର୍ଶାଇ ଏହାକୁ ଏଡେଇ ଚାଲିଛନ୍ତି। କେତେକ କଲେଜ କର୍ତ୍ତୃପକ୍ଷ ଏଯାଏଁ ବି ଟେଣ୍ଡର ଆହ୍ୱାନ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିବା ବେଳେ ବରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗତ ୮ ତାରିଖ ଦିନ ଏଥିପାଇଁ ନିର୍ଦ୍ଦିଷ୍ଟ ଏକ ଖବର କାଗଜରେ ବିଜ୍ଞପ୍ତି ଦେଇ ଯେଉଁ ଟେଣ୍ଡର ଆହ୍ୱାନ କରିଛନ୍ତି। ସେଥିରେ ସେ ଉପଜିଲ୍ଲାପାଳଙ୍କ ଉପରୋକ୍ତ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଉକ୍ତ ବିଜ୍ଞପ୍ତିରେ କିଣାଯିବାକୁ ଥିବା ସାମଗ୍ରୀ ଯଥା କମ୍ପ୍ୟୁଟର୍, ପ୍ରିଣ୍ଟର୍, ୟୁପିଏସ୍, ୱେବ୍ କ୍ୟାମେରା ଓ ୬୫ଇଞ୍ଚର ଏଲଇଡି ଟିଭି ଇତ୍ୟାଦିର ପୂର୍ଣ୍ଣାଙ୍ଗ ସ୍ପେସିଫିକେସନ୍ ଉଲ୍ଲେଖ କରାଯାଇ ନାହିଁ। ଯାହାକି ଓଜିଏଫ୍ଆର୍ ନିୟମର ଧାରା ୨୩କୁ ଉଲ୍ଲଙ୍ଘନ କରୁଛି ଏବଂ ଅନ୍ୟପଟେ ଏହା କୌଣସି ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ଫାଇଦା ଦେବା ପାଇଁ ଟେଣ୍ଡର ଫିକ୍ସିଂ ହେବାର ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପଟେ କୌଣସି ବି ସାମଗ୍ରୀ କ୍ରୟ ନିମନ୍ତେ ଆହୁତ ଟେଣ୍ଡର ଜିଇଏମ୍ ବା ଏନଆଇସି ମାଧ୍ୟମରେ କରିବା ନେଇ ସରକାର ଗୁରୁତ୍ୱ ଆରୋପ କରୁଥିବା ସ୍ଥଳେ ଖବର କାଗଜରେ ଏଭଳି ବିଜ୍ଞପ୍ତି ପ୍ରକାଶ କରିବାକୁ ଅଧ୍ୟକ୍ଷ କାହିଁକି ଆଗ୍ରହ ପ୍ରକାଶ କଲେ ଏବଂ ବିଜ୍ଞପ୍ତି ପାଇଁ ଆବଶ୍ୟକ ଦେୟ କେଉଁ ସୂତ୍ରରୁ ସେ ବ୍ୟୟ କରିଛନ୍ତି ତାହା ବି ଆହୁରି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମେ କଲେଜର କେତେକ ଅଧ୍ୟକ୍ଷ ନାନା ନିୟମକୁ ଉଲ୍ଲଙ୍ଘନ ଓ ଅନିୟମିତତା କରି ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାଠାରୁ ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ତାଙ୍କ ସହ ପୂର୍ବ ଫିକ୍ସିଂ ପୂର୍ବକ ତାଙ୍କଠାରୁ ୩ ପତିଆ କୋଟେସନ୍ ନେଇ ଚଡ଼ା ଦରରେ ନିମ୍ନମାନର ସାମଗ୍ରୀ କିଣିଥିବା ଅର୍ଥ ତୋଷରପାତ ଭଳି ଅଭିଯୋଗ ଆସିବା ପରେ ଉପଜିଲ୍ଲାପାଳଙ୍କୁ ଏଭଳି ଏକ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଗୋପବନ୍ଧୁ ଚୌଧୁରୀ କଲେଜର ଅଧ୍ୟକ୍ଷଙ୍କୁ ପଚାରିବାରେ ଏ ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରିଛନ୍ତି। ଉପଜିଲ୍ଲାପାଳଙ୍କ ସମେତ ଇ-ଗଭର୍ଣ୍ଣାନ୍ସ ମ୍ୟାନେଜରଙ୍କୁ ଅବଗତ କରାଯାଇଛି। ଏଥିରେ କୌଣସି ପ୍ରକାର ହେରଫେର ହେବାର ଆଶଙ୍କା ନାହିଁ ବୋଲି ସେ ସଫେଇ ଦେଇଛନ୍ତି। କିନ୍ତୁ ଉପଜିଲ୍ଲାପାଳଙ୍କ ଦ୍ୱାରା ଜାରି ହୋଇଥିବା ନୂତନ ଗାଇଡ୍‌ଲାଇନ୍‌କୁ ଉଲ୍ଲଙ୍ଘନ କରି ଜିସି କଲେଜ ଅଧ୍ୟକ୍ଷ କିଭଳି ନିଜ ମନଇଚ୍ଛା ଟେଣ୍ଡର ଆହ୍ୱାନ କଲେ ତାହା ସନ୍ଦେହ ସୃଷ୍ଟି ହୋଇଛି। ଉକ୍ତ ଟେଣ୍ଡରକୁ ବାତିଲ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଗାଇଡ୍ ଲାଇନ୍ ଅନୁସାରେ ସ୍ୱଚ୍ଛତାର ସହ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଭାଲୁ ଆକ୍ରମଣରେ ଚାଷୀ ଗୁରୁତର



ସୁକିନ୍ଦା, ୧୩।୭ (ସମିସ): ଏକ ଭାଲୁ ଆକ୍ରମଣରେ ନଗଡ଼ା ଅଞ୍ଚଳର ଚାଷୀ ସୁନା ପ୍ରଧାନ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ଗ୍ରାମ ନନ୍ଦିଆ ପ୍ରଧାନଙ୍କ ପୁଅ ସୁନା ପ୍ରଧାନ ଗ୍ରାମପାଖ ଚାଷଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିଲା। ବହୁ କଷ୍ଟରେ ସୁନା ଭାଲୁ ହାବୁଡ଼ରୁ ମୁକୁଳି ଆସିଥିଲା। ଏହି ଆକ୍ରମଣରେ ସୁନାର ଗୋଡ଼ ଓ ପିଠିରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ସୁନାକୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଜାରି ରହିଛି।

## ବିଦ୍ୟାଳୟ ପରିଚାଳନା କମିଟିରେ ବରିଷ୍ଠ ନାଗରିକଙ୍କୁ ସାମିଲ ଦାବି

ପ୍ରୀତିପୁର, ୧୩।୭ (ସମିସ): ଯାଜପୁର ଜିଲ୍ଲାର ଅଧିକାଂଶ ବିଦ୍ୟାଳୟରେ ପରିଚାଳନା କମିଟି ନଥିବାରୁ ସରକାରଙ୍କ ରାଜକୋଷରୁ ଆସୁଥିବା ଅନୁଦାନ ବେଶ ବାଟମାରଣା ହେବାରେ ଲାଗିଛି। ସେହିପରି ମଧ୍ୟାହ୍ନ ଭୋଜନ ପାଇଁ ଆସୁଥିବା ଚାଉଳ ଓ ଗ୍ରୋସରୀ ବାଟମାରଣା ହେବାରେ ଲାଗିଛି। ତେଣୁ ସରକାରଙ୍କ ପକ୍ଷରୁ ଏବେ ଯେଉଁ ନୂତନ ପରିଚାଳନା କମିଟି ଗଠନର ପ୍ରୟାସ ଚାଲିଛି ସେଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଭାପତି ରହିବା ସହିତ ୫ ଜଣ ପୁରାତନ ଓ ୫ ଜଣ ବରିଷ୍ଠ ନାଗରିକଙ୍କୁ ସଦସ୍ୟ ରୂପେ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏମାନେ ବିଦ୍ୟାଳୟର ଉନ୍ନୟନ ଓ ଆର୍ଥିକ ସ୍ୱଚ୍ଛତା ରକ୍ଷା ଦିଗରେ ସଠିକ ମାର୍ଗ ଦର୍ଶାଇ ପାରିବେ ବୋଲି ବୁଦ୍ଧିଜୀବୀ ହରେକୃଷ୍ଣ ପଣ୍ଡା, ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ, ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶାନ୍ତନୁ କୁମାର ଧଳ ପ୍ରମୁଖ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କବି ବିଦ୍ୟୁତପ୍ରଭା ଦେବୀଙ୍କ ଜୟନ୍ତୀ

ପ୍ରୀତିପୁର, ୧୩।୭ (ସମିସ): ନାରୀକବି ବିଦ୍ୟୁତପ୍ରଭା ଦେବୀଙ୍କ ଜୟନ୍ତୀ ଉପଲକ୍ଷେ ଅଖିଳଚକ୍ର ପକ୍ଷରୁ ଏକ ଆଭାସୀ ଆଲୋଚନାଚକ୍ର ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବିୟିତ୍ରୀ ବ୍ରଜେଶ୍ୱରୀ ସିଂହ, ଡ. ଶ୍ରୀହରି ଧଳ, କବି ରମାକାନ୍ତ ନାୟକ, ଅଧ୍ୟାପିକା ପାର୍ବତୀ ଦାଶ, ସନ୍ତୋଷ କୁମାର ବେହୁରୁଆ, ଅଭୟ ଖୁଣ୍ଟିଆ, ଗୌରାଙ୍ଗ ସ୍ୱାଇଁ, ଅକ୍ଷୟ କୁମାର ସେଠୀ, ନିର୍ମଳା ମିଶ୍ର, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ ପ୍ରମୁଖ ଅଂଶଗ୍ରହଣ କରି ବିଦ୍ୟୁତପ୍ରଭାଙ୍କ କାବ୍ୟକୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଶତବାର୍ଷିକୀ ଉପଲକ୍ଷେ ଓଡ଼ିଶାର ଦଶଜଣ ଲବ୍ଧ ପ୍ରତିଷ୍ଠିତ ନାରୀ କବିଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରାଯିବାକୁ ଏହି ବୈଠକରେ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମ ତାଙ୍କ ଜନ୍ମପୀଠ ଏରଡ଼ଙ୍ଗ ନାଟରା ସାରସ୍ୱତ ତୀର୍ଥଭୂମିରେ କରାଯିବାକୁ ସ୍ଥିର କରାଯାଇଛି।

## ଦୁଗ୍ଧ ଉନ୍ନୟନ ବୋର୍ଡ ଅଧିକାରୀଙ୍କ ପରିଦର୍ଶନ


ଯାଜପୁର, ୧୩।୭ (ସମିସ): ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତି ଭୁବନେଶ୍ୱର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯାଜପୁର ଜିଲ୍ଲାର ବିଞ୍ଝାରପୁରୀ ଗୋ-ପ୍ରଜାତିର ରାଷ୍ଟ୍ରୀୟ ଦୁଗ୍ଧ ଅଭିଲେଖନ କାର୍ଯ୍ୟକ୍ରମକୁ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ବରିଷ୍ଠ ପରିଚାଳକ ଡା. ପରାଗ ପାଣ୍ଡେ (ପ୍ରାଣୀ ପ୍ରଜନନ) ଓ ଡା. ଅର୍ଚ୍ଚନ ଭଟ୍ଟ (ଓଏସ୍‌ଡି) ଅନୁଧ୍ୟାନ କରିବା ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ। ଉକ୍ତ ଅଧିକାରୀ ଦ୍ୱୟ ଯାଜପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଳଧିକାରୀ ଡା. ସୁବ୍ରତ କୁମାର ମହାପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ପରେ ପରେ ପ୍ରକଳ୍ପ ଅଧିକାରୀ ଡା. ନିମାଇଁ ଚରଣ ପଟ୍ଟନାୟକ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରସୁଲପୁର ତଥା ବିଞ୍ଝାରପୁରୀ ଗୋ-ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତିର ବୈଷୟିକ ପରାମର୍ଶଦାତା ଡା. ଜ୍ୟୋତିରଞ୍ଜନ ମହାନ୍ତି, ଏହି ସମିତିର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ, ସୁପରଭାଇଜର ଦୁର୍ଯ୍ୟୋଧନ ମିଶ୍ର, ନରେନ୍ଦ୍ର କୁମାର ସାହୁ ଏବଂ ଦୁଗ୍ଧ ଅଭିଲେଖକ ମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ତା ପରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ଚାଷୀମାନଙ୍କ ସହିତ ଆଲୋଚନା କରିବା ସହିତ ରେକର୍ଡିଂ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରି ଏହାର ପରିଚାଳନାକୁ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପର ଅଧିକାରୀ ଓ ସମିତିର ସମ୍ପାଦକ ସହାୟକ ପ୍ରଦାନ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତିର ଉପନିର୍ଦ୍ଦେଶକ ଡା. ସୌମେନ୍ଦ୍ର କୁମାର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା।

## ପୋଖରୀରେ ବୁଡ଼ି ଶ୍ରମିକ ମୃତ

ପାଣିକୋଇଲି, ୧୩।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ବଡ଼ବରୁଣାଇପଦା ସ୍ଥିତ ମରିଚିଆ ପୋଖରୀରୁ ଜଣେ ଶ୍ରମିକର ମୃତ ଦେହ ଉଦ୍ଧାର କରାଯାଇଛି। ଶନିବାର ରାତ୍ରିରେ ପୋଖରୀରେ ମୃତଦେହ ଭାସୁଥିବାର ଖବର ପାଇ ପୁଲିସ ବୈତରଣୀରୋଡ୍ ଦମକଳ ବାହିନୀ ସହାୟତାରେ ଶବକୁ ଉଦ୍ଧାର କରି ଯାଜପୁର ସଦରମହକୁମା ଚିକିତ୍ସାଳୟକୁ ପଠାଇଥିଲା। ଆଜି ଶବ୍ୟ ବେବଚ୍ଛେଦ ପରେ ଅନ୍ତିମ ସତ୍କାର କରାଯାଇଛି। ପଥରପଦା ମୌଜା (ବେଙ୍ଗା ଆଦିବାସି ସାହି)ର ମଧୁ ନାଏକ ନାମକ ଶ୍ରମିକ ଶନିବାର ବିଲକାମ ସାରି ଗାଧୋଇବାକୁ ମରିଚିଆ ପୋଖରୀକୁ ଯାଇଥିଲେ। ମାତ୍ର ଅସାବଧନତା ହେତୁ ଗୋଡ ଖସିଯିବାରୁ ଆଉ ଉଠିନପାରି ପାଣିରେ ବୁଡିଯାଇଥିଲେ। ସ୍ତ୍ରୀ କୁନି ନାଏକ ଘରକୁ ଫେରିବା ବିଳମ୍ବିତ ଦେଖି ଖୋଜାଖୋଜି କରିଥିଲେ। ହେଲେ ତାଙ୍କୁ ପାଇନଥିଲେ। ମୃତ ଶରୀର ପୋଖରୀରେ ଭାସିବାରୁ ସ୍ଥାନୀୟ ଲୋକ ସନ୍ଧ୍ୟାରେ ଖବର ଦେଇଥିଲେ। ଏନେଇ କୁନି ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳେ ପହଞ୍ଚି ଦମକଳ ବାହିନୀ ସହାୟତାରେ ଶବ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଆଜି ଏକ ଅପମୃତ୍ୟୁ ମାମଲା ୨୧/୨୫ ରୁଜ୍ଜୁ କରି ବ୍ୟବଚ୍ଛେଦ ପରେ ତାର ମରଶରରକୁ ଅନ୍ତିମ ସତ୍କାର କରାଯାଇଛି। ମଧୁଙ୍କ ସ୍ତ୍ରୀ କୁନି ଜଣେ ଭିନ୍ନକ୍ଷମ ମହିଳା ଅଟନ୍ତି। ତାଙ୍କର ଦୁଇଟି ଛୋଟ ପୁଅ ଅଛନ୍ତି। ମଧୁ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ। ତାଙ୍କର ମୃତ୍ୟୁ ପରେ ସେ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସଙ୍ଗୀତକାର ବେଣୁଧର ସ୍ୱାଇଁଙ୍କ ପରଲୋକ

ଧର୍ମଶାଳା, ୧୩।୭ (ସମିସ): ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇ ଗ୍ରାମର ବିଶିଷ୍ଟ ସଙ୍ଗୀତକାର ବେଣୁଧର ସ୍ୱାଇଁ (୮୫)ଙ୍କ ଆଜି ପୂର୍ବାହ୍ନରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ପୀଡ଼ିତ ଥିଲେ। ସେ ଜଣେ ଉଚ୍ଚକୋଟୀର ସଙ୍ଗୀତକାର ଓ ସଙ୍ଗୀତ ଶିକ୍ଷକ ଥିଲେ।



ସଙ୍ଗୀତ ମାଧ୍ୟମରେ ତାଙ୍କୁ ମିଳିଛି ଅନେକ ଯଶ ଓ ଖ୍ୟାତି। ସଙ୍ଗୀତକୁ ବୃତ୍ତି ଭାବରେ ଗ୍ରହଣ ନକରି ପ୍ରବୃତ୍ତି ଭାବରେ ଗ୍ରହଣ କରିଥିଲେ ସେ। ସେହି ନିଶା ତାଙ୍କୁ ଘାରିଥିଲା ଛାତ୍ର ଜୀବନରୁ। ଗରିବ ପିଲାମାନଙ୍କୁ ବିନା ଅର୍ଥରେ ସଙ୍ଗୀତ ଶିକ୍ଷା ଦେଉଥିଲେ ସେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଶିଷ୍ଟ ଲୋକମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ଯୁବନେତା ମାନସ ରଞ୍ଜନ କର, ପ୍ରଭୁଦତ୍ତ ଜେନା, ରାଜେଶ ପାଳ, ଜିତେନ୍ଦ୍ର ରାଉତ, ପ୍ରମୋଦ କୁମାର ଜେନା, ଅଭୟ କୁମାର ରାଉତ, ଅଖିଳ କୁମାର ସ୍ୱାଇଁ, ତାପସ କୁମାର କର, ପ୍ରସନ୍ନ କୁମାର ପାଳ, ସତ୍ୟବ୍ରତ ନାୟକ ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ଶେଷ ଦର୍ଶନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବ୍ରାହ୍ମଣୀ ନଦୀ ତଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅରୁଣ ମୁଖାଗ୍ନି ଦେଇଥିଲେ। ସାନପୁଅ କିଶୋର ଓ ଆଲୋକ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହଟୁନି ଜବରଦଖଲ

# ନିର୍ମାଣ ହୋଇପାରୁନି ଦୁବକଣ ଅଙ୍ଗନବାଡ଼ି ଘର

କୟାଁଗୋଲା/ମଙ୍ଗଳପୁର, ୧୩।୭ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବି ହେଲାନି କାର୍ଯ୍ୟାନୁଷ୍ଠାନ। ଦୁଇ ସରକାରୀ କର୍ମଚାରୀଙ୍କ ଦ୍ୱାରା ହୋଇଥିବା ଜବରଦଖଲ ହଟିଲା ନାହିଁ। ଫଳରେ ନିର୍ମାଣ ହୋଇପାରୁନି ଅଙ୍ଗନବାଡ଼ି କେନ୍ଦ୍ର। ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଗ୍ରାମରେ ଏକ ନୂତନ ଅଙ୍ଗନବାଡ଼ି ଘର ନିର୍ମାଣ ପାଇଁ ଦଶରଥପୁର ତହସିଲଦାର ଗ୍ରାମରେ ଥିବା ଏକ ସରକାରୀ ଜାଗା ଚିହ୍ନଟ କରିଥିଲେ। ଏହି ଜାଗାଟି କୟାଁ ମୌଜା ଅଧୀନ ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ ଏରିଆ ୩ ଡେସିମିଲ ଉପରେ ରହିଛି। ଜାଗା ଚିହ୍ନଟ କରିବା ସହ ଦଶରଥପୁର ବିଡିଓଙ୍କୁ ଲିଖିତ ଆଦେଶନାମା ମଧ୍ୟ ପ୍ରଦାନ କରିଥିଲେ। ମାତ୍ର ଉକ୍ତ ଜାଗାକୁ ଦୁଇ ଭାଇ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସରୋଜ ଯେନା ଓ ଦୁବକଣ ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଜୟ ଯେନା ଜବରଦଖଲରେ ରଖିଥିବା କାରଣରୁ ଉକ୍ତ ପ୍ଲଟରେ ଘର ନିର୍ମାଣ କାର୍ଯ୍ୟ ହୋଇ ପାରିନଥିଲା। ଏହାପରେ ଦଶରଥପୁର ତହସିଲଦାରଙ୍କ ପକ୍ଷରୁ ତା.୩୧-୮-୨୪ ଓ ତା.୪-୬-୨୫ ରିଖରେ ଦୁଇ ଦୁଇ ଥର ଉକ୍ତ ସ୍ଥାନରୁ ଜବର ଦଖଲ ଉଚ୍ଛେଦ କରିଥିଲେ। ପୁନର୍ବାର ଉକ୍ତ ୨ ଭାଇ ଉକ୍ତ ସ୍ଥାନକୁ ଜବରଦଖଲ କରିବା ସହ କ ଅସ୍ଥାୟୀ ରୋଷେଇ ଘର, ପକ୍କା ଚଉଁରା ନିର୍ମାଣ କରିଛନ୍ତି। ଫଳରେ ଉକ୍ତ ଯାଗାରେ କୌଣସି କାର୍ଯ୍ୟ କରାଇ ଦେଉନଥିବା ନେଇ ବିଡିଓ ଆକାଶ ପଟ୍ଟନାୟକ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳପୁର ପୁଲିସ ବିଡିଓଙ୍କ ଅଭିଯୋଗ ଆଧାରରେ ସରୋଜ ଓ ତାଙ୍କ ପରିବାରର ଅନ୍ୟ ୫ ଜଣଙ୍କ ନାମରେ ମାମଲା ରୁଜ୍ଜୁ କରିଛନ୍ତି। ବିଡିଓ ଆକାଶ ପଟ୍ଟନାୟକ, ସରୋଜ ଓ ଅଜୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ଜୁଲାଇ ୮ ତାରିଖରୁ ଲିଖିତ ଭାବେ ଜଣେଇଛନ୍ତି। ତେବେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ବେଳେ ଜବରଦଖଲକାରିଙ୍କ ସହ ବୁଝାମଣା କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ଚାପ ସୃଷ୍ଟି କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ଜିଲ୍ଲାପାଳ ତୁରନ୍ତ ୨ ଭାଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଅଙ୍ଗନବାଡି ଘର ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବି କାର୍ଯ୍ୟାନୁଷ୍ଠାନ ନ ହେବା ପରେ ଏହି ଅଭିଯୋଗକୁ ନେଇ ଗ୍ରାମବାସୀ ୧୦ ତାରିଖରେ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ପାଇଁ ଯାଇଥିଲେ। ତେବେ ଜିଲ୍ଲାପାଳଙ୍କ ଭେଟ ନପାଇ ଗ୍ରାମବାସୀ ନିରାଶ ହୋଇ ଫେରି ଆସିଥିଲେ। ୧୪ ତାରିଖ ଦିନ କେଏନ୍‌ଡିଏ କନଫରେନ୍ସ ହଲ କଳିଙ୍ଗନଗର ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଥିବା ବେଳେ ସେଠାରେ ଦୁବକଣ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି କିପରି ଅଙ୍ଗନବାଡି ଘର ନିର୍ମାଣ ହୋଇପାରିବ ଏବଂ ଜବରଦଖଲକାରୀ ୨ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ ସେ ନେଇ ଦାବି କରିବେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାମୋଦର ନାୟକ, ଭୁବନାନନ୍ଦ ନାୟକ, ଦେବଦତ୍ତ ନାୟକ, ପ୍ରଭାତ କୁମାର ନାୟକ, ସୁବାସ ମଲ୍ଲିକ, ବାବୁରାମ ବାରିକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ମାନେ କହିଛନ୍ତି।

## ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା, ୧୩।୭ (ସମିସ): କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବିଶିଷ୍ଟ ଶିଶୁ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀଙ୍କୁ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଧର୍ମଶାଳାରୁ ପ୍ରକାଶିତ ମାସିକ ସମ୍ବାଦପତ୍ର 'ସୂର୍ଯ୍ୟାସ୍ତ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା କବି ଗୌତମ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟିକ ତଥା ସମାଜସେବୀ ପ୍ରଭାସ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, କବି ବ୍ରହ୍ମାନନ୍ଦ ବିଶ୍ୱାଳ ମୁଖ୍ୟବକ୍ତା, ସମାଜସେବୀ ମିନତୀ ସାହୁ ଓ ସାହିତ୍ୟିକ ଡ. ରବୀନ୍ଦ୍ର ବିହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସୂର୍ଯ୍ୟାସ୍ତର ସାମ୍ବାଦିକ ଶୁଭେନ୍ଦୁ ସାମଲ ଓ ସତ୍ୟଜିତ ଦତ୍ତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଉତ୍ସବରେ ସମ୍ବବର ସମ୍ପାଦକ



ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାହିତ୍ୟିକ ଶଶିଭୂଷଣ ଦ୍ୱାରି ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ପାଢ଼ୀଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ସୂର୍ଯ୍ୟାସ୍ତର ସମ୍ପାଦକ ବିବେକାନନ୍ଦ ରାୟ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, କାହ୍ନୁଚରଣ ଦାଶ, ବଳଭଦ୍ର ଦାଶ, ବ୍ରଜକିଶୋର ଦାଶ, ବିଭୁତି ଭୂଷଣ ପାଳ, ଗୋଲକ ଚନ୍ଦ୍ର ପଲେଇ, ସଂଗ୍ରାମ କେଶରୀ ଜେନା, ପ୍ରଶାନ୍ତ କୁମାର ସାହୁ, ମହେଶ୍ୱର ପାଢ଼ୀ, ଅର୍ଜୁନ ଚରଣ ପୃଷ୍ଟି, ବିଜୟ କୁମାର ନାୟକ, ଯୁଗଳ କିଶୋର ଦାସ, ନରେନ୍ଦ୍ର କୁମାର ବେହେରା, ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ଅବିନେଶ୍ୱର ଶତପଥୀ, ବିକ୍ରମ କେଶରୀ ମହାନ୍ତି, ବିମଳ ପତି, ପ୍ରଶାନ୍ତ କୁମାର ନାୟକ, ପ୍ରମୋଦ କୁମାର ରାଉତ, ସନ୍ତୋଷ କୁମାର ଓଝା, ପ୍ରେମଲତା ମହାରଣା, ଉଗ୍ରେସନ ନାୟକ, ରାମଚନ୍ଦ୍ର ବେହେରା ଓ ଚିତ୍ତ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ■ ସୁକିନ୍ଦାରେ ଜିଲ୍ଲାସ୍ତରୀୟ ବନମହୋତ୍ସବ

# ୭ ହେକ୍ଟର ଜାଗାରେ ଲାଗିଲା ୧୦ହଜାର ଚାରା

ସୁକିନ୍ଦା, ୧୩।୭ (ସମିସ): ସୁକିନ୍ଦା ବନବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅତା ଅନ୍ଧାରଗୋଡି ଠାକୁରାଣୀ ପୀଠଠାରେ ୭୬ତମ ଜିଲ୍ଲାସ୍ତରୀୟ ବନମହୋତ୍ସବ ପାଳନ କରାଯାଇଛି। କଟକ ବନଖଣ୍ଡ ଅଧିକାରୀ ଅନୀଲ ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ବନ ମହୋତ୍ସବରେ ସ୍ଥାନୀୟ ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ ମୁଖ୍ୟଅତିଥି ଓ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅର୍ବାନ ଯୋଜନାରେ ୭ ହେକ୍ଟର ଜାଗାରେ ୧୦ହଜାର ବିଭିନ୍ନ ପ୍ରଜାତିର ବୃକ୍ଷରୋପଣର ଶୁଭାରମ୍ଭ କରିବା ସହିତ ବୃକ୍ଷ ବଣ୍ଟନ କରିଥିଲେ। ବନଖଣ୍ଡ ଅଧିକାରୀ ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ୯ ଲକ୍ଷ ବୃକ୍ଷ ରୋପଣ କରାଯିବାର ଯୋଜନା ରହିଛି ବୋଲି ସୂଚନା ଦେଇଥିଲେ। ସୁକିନ୍ଦା ବନାଞ୍ଚଳ ଅଧୀନରେ ୩୦ହଜାରୁ ଉର୍ଦ୍ଧ୍ୱ ଚାରା ବିତରଣ ହେବ ବୋଲି ମଧ୍ୟ ସେ ସୂଚନା



ଦେଇଥିଲେ। ଦାମୋଦରପୁର ଠାରେ ୧୦ହେକ୍ଟର ଜାଗାରେ ୧୬ହଜାର, ବାଲିଆ ଠାରେ ୫୦ ହେକ୍ଟର ଜାଗାରେ ୨୫ହଜାର ବୃକ୍ଷରୋପଣ କରାଯିବ ବୋଲି କଟକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସନ୍ତୋଷ କୁମାର ପତି ସୂଚନା ଦେଇଥିଲେ।

ଏହି ବନ ମହୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ସୁକିନ୍ଦା ବିଡିଓ ପ୍ରଜ୍ଞାପାରମିତା ପୃଷ୍ଟି, ଓଡ଼ିଶା ମାଇନିଂ ୱାର୍କରସ ୟୁନିୟନ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା, ସହକାରୀ ବନ ସଂରକ୍ଷକ କିଶୋର କୁମାର ପାଣିଗ୍ରାହୀ, ସୁକିନ୍ଦା ବନାଞ୍ଚଳ ଅଧିକାରୀ ଦେବେନ୍ଦ୍ର ମାଝୀଙ୍କ ସମେତ ସମସ୍ତ ବନ କର୍ମଚାରୀ ଏବଂ ଜଙ୍ଗଲ ସୁରକ୍ଷା ସମିତିର ସଭ୍ୟ ଓ ସଭ୍ୟା ବୃନ୍ଦ ଏଥିରେ ସାମିଲ ହୋଇ ବ୍ୟାପକ ବୃକ୍ଷ ରୋପଣ କରିଥିଲେ।

## ବେଲେଶ୍ୱର ସେତୁ ଦବିବା ଘଟଣା

# ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଯାଜପୁର, ୧୩।୭ (ସମିସ)

ଯାଜପୁର ବ୍ଲକ ପଣସା ପଞ୍ଚାୟତର ବେଲେଶ୍ୱର ଠାରେ ମାତ୍ର ୧୦ ବର୍ଷର ବିଜୁ ସେତୁ ଭାଙ୍ଗିବା ଘଟଣା ପରେ ଯାଜପୁର କଂଗ୍ରେସର ଏକ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିଛି। କଂଗ୍ରେସ ନେତା ସନ୍ତୋଷ ନନ୍ଦଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛି। ଏହି ପୋଲ ଆଖପାଖ ଅଞ୍ଚଳରୁ ବେଆଇନ ଭାବେ ବ୍ୟାପକ ମାତ୍ରାରେ ବାଲିଚାଲାଣ କରାଯାଉଥିଲା। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପ୍ରଶାସନକୁ ଅବଗତ କରିଥିଲେ। କିନ୍ତୁ ଶାସକ ଦଳର ଚାପରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ଏହି ପୋଲ ନିର୍ମାଣରେ କୌଣସି ତ୍ରୁଟି ଥିଲା



କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରିବାକୁ ମଧ୍ୟ ଦାବି କରାଯାଇଛି। ଏହି ପୋଲ ଦବିବା ଫଳରେ ଦୁଇ ପଞ୍ଚାୟତ ପଣସା ଓ ଚଇନପୁରର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ପଣସା ପଞ୍ଚାୟତର ଅନେକ ଲୋକ ଦୁଇ କିମି ରାସ୍ତା ବଦଳରେ ଏବେ ୧୦ କିମି ରାସ୍ତା ପାର ହେବାକୁ ପଡୁଛି। ଆଜି କଂଗ୍ରେସର ଏହି ପ୍ରତିନିଧି ଦଳରେ ଭାସ୍କର ମହାନ୍ତି, ଅକ୍ଷୟ ଶତପଥୀ, ସଂଗ୍ରାମ ସାହାଣୀ, ନକୁଳଦେବ ସାହୁ, ଦବାଶିଷ ସାମନ୍ତ, ଘନଶ୍ୟାମ ପଣ୍ଡା, ଜୟନ୍ତ ସ୍ୱାଇଁ, ରମେଶ ପଣ୍ଡା ପ୍ରମୁଖ ସ୍ଥାନୀୟ ଜନସାଧାରଣଙ୍କ ସହ କ୍ଷତିଗ୍ରସ୍ତ ହୋଇଥିବା ବ୍ରିଜ ବୁଲି ସ୍ଥିତି ଦେଖିବା ସହ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଏହି ନିମ୍ନମାନର ନିର୍ମାଣରେ ସମ୍ପୃକ୍ତ ଥିବା ଯନ୍ତ୍ରୀ, ଠିକାଦାର, ବିଭାଗୀୟ ମୁଖ୍ୟ ଅଧିକାରୀ ସମସ୍ତଙ୍କ ହରିଲୁଟ ଭିତରେ ପୋଲର ଭାଗ୍ୟ ବଳି ପଡ଼ିଯାଇଛି। ତେଣୁ ଏହାକୁ ନିର୍ମାଣ କରିଥିବା ସଂସ୍ଥା ସହ ଦାୟିତ୍ୱରେ ଥିବା ତତକାଳୀନ ଅଧିକାରୀଙ୍କୁ ଯାଞ୍ଚ ପରିସର ଭୁକ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି କରିଛି। ଏପରି ଘଟଣାକୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ ଓ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ନିନ୍ଦା କରି ତୁରନ୍ତ ଅଞ୍ଚଳବାସୀଙ୍କ ପାଇଁ ନୂତନ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି।

# ନାରୀ ସଶକ୍ତୀକରଣ ସଚେତନତା ଶିବିର




ଭୁବନେଶ୍ୱର,୧୩।୭(ସମିସ): ମୀରାରାଣୀ ଏଜୁକେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଯାଜପୁର ଜିଲ୍ଲା ବଡଚଣା ବ୍ଲକର ଖଡଗପୁର ଗ୍ରାମରେ ଏକ ନାରୀ ସଶକ୍ତୀକରଣ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଏଥିରେ ମହିଳା ମାନେ କିପରି ସ୍ୱାବଲମ୍ବୀ, ରୋଜଗାରକ୍ଷମ, ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ତା'ସହିତ ସେମାନେ କିପରି ନିଜର ମୌଳିକ ଅଧିକାର ଜାଣିବା ସହିତ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ମହିଳାମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଯଥା-ସିଲେଇ, ଚାନ୍ଦୁଆ ତିଆରି, ବଡ଼ି ପାମ୍ପଡ ତିଆରି, ଧୂପକାଠି, ଖଲି ପତ୍ର ଇତ୍ୟାଦି ଶିକ୍ଷା ଦିଆଯିବ ବୋଲି ଆୟୋଜକ ମୀରାରାଣୀ ଏଜୁକେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ନିର୍ଦ୍ଦେଶିକା ମୀରାରାଣୀ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ନାରୀ ସଂଗଠନର ଜାତୀୟ ସଭାପତି କୁସୁମମଞ୍ଜରୀ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନାରୀ ସଶକ୍ତିକରଣ ଉପରେ ବହୁତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଥିଲେ। ଏଥିରେ ଟ୍ରଷ୍ଟର ସଂପାଦକ ଯଶୋବନ୍ତ ଦାସ ଓ ଜନ୍ମେଞ୍ଜୟ ଦାସ, ଗୌରବ ଦତ୍ତ ଆଦି ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତୁଲାଇଥିଲେ। ଗ୍ରାମର ଅଙ୍ଗନବାଡ଼ି ଦିଦି କାଜଲ କର, କୁନିଲତା ସାହୁ, ମହିଳା ସ୍ୱୟଂ ସହାୟିତା ଗୋଷ୍ଠୀର ମୁଖ୍ୟ ନମିତା ପ୍ରଧାନ, ବବିତା ପୃଷ୍ଟି, ପ୍ରମିଳା ପ୍ରଧାନ, ସୁଷମା ରାଣୀ ପ୍ରଧାନ, ସସ୍ମିତା ପତି ଆଦି ସହଯୋଗ କରିଥଲେ। ଶେଷରେ ପ୍ରମିଳା ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ

ଯାଜପୁର,୧୩।୭(ସମିସ)



ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ସ୍ଥାନୀୟ କୋଦଣ୍ଡପୁର ଦେବେଶ୍ୱର କଲଚରାଲ ଏକାଡେମୀ ପରିସରରେ ସାଙ୍ଗଠନିକ ଆଲୋଚନା ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଙ୍ଘ ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ହିସାବ, ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ଯାଜପୁର ବ୍ଲକ ସଂଯୋଜକ ଭାବେ ବିଦ୍ୟାଧର ବେହେରାଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରକାରର ଫଳ ଏବଂ ଫୁଲ ଚାରାରୋପଣ କରାଯାଇ ପରିବେଶ ସନ୍ତୁଳନତା ଦିଗରେ ସମାଜକୁ ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସଭାପତି ହରିହର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପ ସଭାପତି ପବିତ୍ର ରଞ୍ଜନ ମହାନ୍ତି, ପ୍ରଦୀପ କୁମାର ଜେନା, ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଜିଲ୍ଲା କୋଷାଧକ୍ଷ ସଞ୍ଜୟ କର, ଯାଜପୁର ମ୍ୟୁନିସିପାଲିଟି ସଂଯୋଜକ ଦିବ୍ୟକାନ୍ତ କର, ବ୍ୟାସନଗର ସଂଯୋଜକ ଯଜ୍ଞଦତ୍ତ ତ୍ରିପାଠୀ, ଅବିନାଶ ସ୍ୱାଇଁ, ଅଜୟବେହେରା, ଭରତ ନାୟକ, ସୁରେଶ କର, ପ୍ରକାଶ ସାହୁ, ଦର୍ଶନୀ ବେହେରା, ଅଶୋକ ଦାସ, ସତ୍ୟବ୍ରତ ନାୟକ, ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସଭ୍ୟ ସତ୍ୟବ୍ରତ ନାୟକ ଧନ୍ୟବାଦ ପ୍ରସ୍ତାବ ଦେବା ପରେ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା।

# ବିଶ୍ୱନାଥ ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବ୍ୟାସନଗର,୧୩।୭(ସମିସ): ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ଉମାପଦା ହାଉସିଂ ବୋର୍ଡ କଲୋନୀଠାରେ ବିରାଜମାନ "ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିର' ୧ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। 'ବାବା ବିଶ୍ୱନାଥ ପରିଚାଳନା କମିଟି' ପକ୍ଷରୁ ପ୍ରତାପ ନାୟକ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଆସନ ଗ୍ରହଣ କରିଥିବା ବେଳେ ପ୍ରତିଷ୍ଠା ଉତ୍ସବରେ ବେଦଜ୍ଞ ଜ୍ଞାନୀ ପଣ୍ଡିତ ବ୍ରାହ୍ମଣ ରଞ୍ଜିତ ପଣ୍ଡା, ଅମିତ୍ ଦାଶ, କାଳିନ୍ଦୀ ଚରଣ ଦାଶ ଓ ବଳରାମ ଦାଶ ପ୍ରମୁଖଙ୍କ



ଦ୍ୱାରା ଠାକୁରଙ୍କ ନିତି କାନ୍ତି, ପୂଜାବିଧି, ମନ୍ତ୍ରପାଠ, ଯଜ୍ଞ, ପୂଜାପାଠ କାର୍ଯ୍ୟ ସମାପନ ହୋଇଥିଲା। ଏହି ଅବସରରେ କୀର୍ତ୍ତନ, ଭକ୍ତି କୈବଲ୍ୟ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି କୁଳମଣି ଧଳଙ୍କ ନେତୃତ୍ୱରେ ସରୋଜ ବିଶ୍ୱାଳ, ସନ୍ତୋଷ କୁମାର ଧଳ, ହରିହର କରଣ, ତାରାକାନ୍ତ ପୁହାଣ, ସମିର ପତିଙ୍କ ସମେତ ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ ପ୍ରଦାନ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ଅଜୟ କୁମାର ନାୟକ, ରବିନ୍ଦ୍ର କୁମାର ନାୟକ, କାଉନସିଲର ଶିବାନନ୍ଦ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟ ଉପଦେଷ୍ଟା ଶ୍ରୀ ବିନୋଦ ବିହାରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଦ୍ୟୁତ ସଂସ୍ପର୍ଶରେ ଆସି ଷଣ୍ଢର ମୃତ୍ୟୁ

ଦାନଗଦି,୧୩।୭(ସମିସ): ଦାନଗଦି ସରକାରୀ ଡାକ୍ତରଖାନା ସାମ୍ନା ରାସ୍ତା ଉପରେ ବିଦ୍ୟୁତ ସରବରାହ ଥିବା ଏକ ମେଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଆଜି ଅପରାହ୍ନରେ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଛି। ବଜାର ଉପରେ ଥିବା ଏହି ଟ୍ରାନ୍ସଫର୍ମର ଟି ଦୀର୍ଘବର୍ଷ ହେବ ବସିଥିଲେ ମଧ୍ୟ ଏହାର ଚତୁପାଶ୍ୱର୍ରେ ପାଚେରୀ କରାଯାଇନାହିଁ, ଯାହାଫଳରେ ସନ୍ଧ୍ୟାରେ ଷଣ୍ଢଟି ଘାସ ଚରୁଥିବାବେଳେ ହଟାତ ଟ୍ରାନ୍ସଫର୍ମର ବସିଥିବା ଜାଗା ତଳକୁ ଚାଲିଯାଇଥିଲା। ଯାହାଫଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଛଟପଟ ହୋଇ ମୃତ୍ୟୁବରଣ କରିଥିଲା। ଖବର ପାଇ ଦାନଗଦି ବିଦ୍ୟୁତ ବିଭାଗ ର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଷଣ୍ଢଟିକୁ ସେଠାରୁ ନେଇ ନିକଟସ୍ଥ ଜଙ୍ଗଲ ମଧ୍ୟରେ ପକାଇ ଦେଇଛନ୍ତି। ତେବେ ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ନିରୀହ ଷଣ୍ଢର ଜୀବନ ଗଲା। ଏଠାରେ ପ୍ରଶ୍ନ ଉଠୁଛି ଯଦି ଷଣ୍ଢ ନ ହୋଇ କେହିଜଣେ ମଣିଷ ସେହି ଜାଗାକୁ ଯାଇଥାନ୍ତା ଓ ମୃତ୍ୟୁବରଣ କରିଥାନ୍ତା ତେବେ ଏବେ ପରିସ୍ଥିତି କଣ ହୋଇଥାନ୍ତା ତାହା ତଦନ୍ତ ସାପେକ୍ଷ। ତୁରନ୍ତ ଏହି ଖୋଲା ଜାଗାକୁ ପାଚେରୀ ଘେରେଇବାକୁ ଲୋକେ ଦାବି କରିଛନ୍ତି।

# ବଜ୍ରପାତ ରେ କୃଷକଙ୍କ ମୃତ୍ୟୁ



କବାଟବନ୍ଧ,୧୩।୭ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ମୃତକ ଜଣଙ୍କ ହେଲେ ଭାଗୀରଥି ନାୟକ ଓରଫ ଭାଗିନ (୬୫) ବୋଲି ଜଣାପଡିଛି। ଖବର ମୁତାବକ ରବିବାର ଅପରାହ୍ନରେ ଭାଗିନ ନିଜ ବିଲରେ ଚାଷ କାମ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ପାଖ ଜମିରେ କାମ କରୁଥିବା ସବୁ ଲୋକ ଛାନିଆରେ ଦୌଡ଼ି ପଳେଇ ଆସିଥିଲେ। ଭାଗିନ ଘରକୁ ନ ଫେରିବାରୁ ପ୍ରାୟ ଅଧ ଘଣ୍ଟାଏ ପରେ ବର୍ଷା ଟିକେ କମ ହେବାରୁ ପରିବାର ଲୋକେ ଆଶଙ୍କା କରି ବିଲକୁ ଯାଇଥିଲେ। ସେଠାରେ ଚାଷ ଜମିରେ ବଜ୍ରପାତରେ ଆଘାତ ହୋଇ ଭାଗିନ ସେହି ବିଲରେ ଟଳି ପଡ଼ିଥିଲେ। ଭାଗିନ ଗୋଟିଏ ହାତରେ ଧାନ ତଳି ଧରି ସେହି ବିଲରେ ପଡ଼ିଥିବା ସହିତ ତାଙ୍କ କାନରୁ ରକ୍ତସ୍ରାବ ହେଉଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଜେନାପୁର ପୁଲିସ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଆସନ୍ତା କାଲି ସୋମବାର ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ବିଜୁ ଜନତା ଦଳର ସାଂଗଠାନିକ ବୈଠକ




ବଡ଼ଚଣା,୧୩।୭(ସମିସ): ବଡ଼ଚଣା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବଡ଼ଚଣା କଲ୍ୟାଣ ମଣ୍ଡପ ଠାରେ ତୃଣମୂଳ ସ୍ତରରେ ସଙ୍ଗଠନ ସୃଦୃଢ଼ କରିବା ନିମନ୍ତେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଜେଡି କର୍ମକର୍ତ୍ତା, ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ପ୍ରତି ପଞ୍ଚାୟତର ସାଂଗଠାନିକ ସଭାପତି ମାନେ ଯୋଗଦେଇଥିଲେ। ତୃଣମୂଳ ସ୍ତରରେ ସମସ୍ତ ଲୋକଙ୍କ ପାଖରେ ପହଞ୍ଚି ସଙ୍ଗଠନରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡିବା, ସେମାନଙ୍କ ସୁଖ ଦୁଃଖରେ ସାମିଲ ହେବାକୁ ଦଳୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦିଆଯାଇଛି। ଦୁର୍ନିତୀ ବିରୋଧରେ ସ୍ୱର ଉତ୍ତୋଳନ କରିବା ଓ ପ୍ରତି ବୁଥ ସ୍ତରରୁ ଲୋକଙ୍କ ହକ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ଆଦି ବିଷୟରେ ଆଲେଚନା କରାଯାଇଛି। ବଡ଼ଚଣା ବିଜୁ ଜନତା ଦଳର ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଏହି ବୈଠକ କର୍ମକର୍ତ୍ତାମାନଙ୍କୁ ଆହୁରି ପ୍ରେରଣା ଯୋଗାଇବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ସୀମନ୍ତିନୀ ଜେନା, କୈଳାସ ଚନ୍ଦ୍ର ରାଉତ, ଜ୍ଞାନ ରଞ୍ଜନ ସାହୁ, ଅମର ମହାନ୍ତି, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଆଶିଷ ଗଂଜନ ଚୌଧୁରୀ, ଧନେଶ୍ୱର ବେହେରା, ବିବେକ ରଞ୍ଜନ ସୁବୁଦ୍ଧି, ରମେଶ ଚନ୍ଦ୍ର ପୃଷ୍ଟି, ବିଜୟ ସ୍ୱାଇଁ, ରବୀନ୍ଦ୍ର ନାୟକ, ରବୀନ୍ଦ୍ର ବେହେରା, ରତ୍ନାକର ପ୍ରଧାନ, ତୁଷାର ପଣ୍ଡା, ତପନ ରାଉତରାୟ, ମନ୍ମଥ କେଶରୀ ସାହେବରାୟ, ଦିଲୀପ ରାଉତ, ହୃଷୀକେଶ ସାମଲ, ଦିଲ୍ଲିପ ସାମଲ, ଧୁଲେଶ୍ୱର ଦାସ, ଗଣେଶ୍ୱର ସାମଲ, ତପନ କୁମାର ସିଂହ, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ସତ୍ୟ ପ୍ରକାଶ ଦାସ, ପ୍ରହଲ୍ଲାଦ ବାରିକଙ୍କ ସମେତ ଶତାଧିକ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଟ୍ରକ ଦୁର୍ଘଟଣାରେ ଚାଷୀ ଗୁରୁତର

ସୁକିନ୍ଦା,୧୩।୭(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ସଂସାଇଲୋ ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଦୁର୍ଘଟଣାରେ ଜଣେ ଚାଷୀ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଓଳିଆ ପଞ୍ଚାୟତ ଅଧୀନ ଅଭୟପୁର୍ ଗ୍ରାମ ପ୍ରାଣକୃଷ୍ଣ ଦାସ(୫୫)ନାମକ ଚାଷୀ ରାଜପଥ କଡ଼ରେ ଥିବା ଚାଷ ଜମିରେ ଚାଷକାର୍ଯ୍ୟ ସାରି ଫେରୁଥିବା ସମୟରେ ଏକ ଦ୍ରୁତଗାମୀ ୧୪ଚକିଆ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ପ୍ରାଣକୃଷ୍ଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ପ୍ରାନକୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଂପୃକ୍ତ ଟ୍ରକ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



# ବନ୍ୟାପାଣିରେ ବାଇକ୍ ଭାସିଗଲା



ତୁରୁମୁଙ୍ଗା, ୧୩।୭(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ପୁରୁଣାପାଣି ରେଙ୍ଗାଳବେଡା ରାସ୍ତାର ପୁରୁଣାପାଣି ବିରଳ ନଦୀ ପୋଲ ଉପରେ ଯାଉଥିବା ସମୟରେ ବଢ଼ି ପାଣି ଆସିଯିବାରୁ ନୂଆବନ୍ଧ ଗ୍ରାମର ରଜତ ନାଏକ ବାଇକ ସହ ବନ୍ୟାପାଣିରେ ଭାସିଯାଇଥିଲେ। ରବିବାର ଅପରାହ୍ନ ୩ଟା ସମୟରେ ବିରଳ ନଦୀ ପୋଲ ଦେଇ ଘରକୁ ବାଇକ୍‌ରେ ଫେରିବା ସମୟରେ ଏହି ଅଘଟଣ ଘଟିଛି। ପରେ ଯୁବକ ଜଣକ ନିଜେ ପହଁରି ପହଁରି ଉଦ୍ଧାର ପାଇଥିବା ବେଳେ ବାଇକ୍‌ଟି ଭାସି ଯାଇଛି। ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ହେଁ ଯୁବକ ଜଣଙ୍କ ନିଜେ ପହଁରି ପହଁରି ଉଦ୍ଧାର ହୋଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି।

# ଭଡ଼ା ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଦାନଗଦି, ୧୩।୭(ସମିସ): ଦାନଗଦି ଫାଣ୍ଡି ନିକଟସ୍ଥ ସିଙ୍ଗାଗାଡ଼ିଆ ଗାଁରେ ଭଡ଼ାଘରେ ରହୁଥିବା ଜଣେ ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ମନୋରଞ୍ଜନ ଜେନା (୨୪)। ତାଙ୍କ ଘର ନୟାଗଡ଼ ଜିଲ୍ଲା ଗୋଟିପାଲି ଗାଁରେ ବୋଲି ଜଣାପଡ଼ିଛି। ମନୋରଞ୍ଜନ ଆଜି ସକାଳୁ ନିକଟସ୍ଥ ଜିନ୍ଦଲ କାରଖାନାକୁ ଏ ସିଫ୍ଟ ଡ୍ୟୁଟିରେ ଯାଇଥିଲା। ସେଠାରୁ ୨ଟା ବେଳେ ରୁମକୁ ଫେରି ଆସିଥିଲେ। ପରେ ସନ୍ଧ୍ୟା ସମୟରେ ତା' ସାଙ୍ଗମାନେ ତାକୁ ଫୋନ କଲ କରିଥିଲେ। ହେଲେ ସେ ଫୋନ ରିସିଭ କରିନଥିଲେ। ଯାହାଫଳରେ ସେ ରହୁଥିବା ଭଡାଘରେ ସାଙ୍ଗମାନେ ଯାଇ ପହଞ୍ଚିଥିଲେ ଏବଂ ଘର ଭିତରୁ କବାଟ ଦିଆ ଯାଇଥିବାର ଦେଖିଥିଲେ। ପରେ ଘରମାଲିକ ଓ ଅନ୍ୟମାନେ ମିଶି କବାଟ ଭାଙ୍ଗି ଘର ଭିତରକୁ ପଶିବା ପରେ ତାକୁ ମୃତ ଅବସ୍ଥାରେ ଝୁଲୁଥିବାର ଦେଖିଥିଲେ। ଦାନଗଦି ଫାଣ୍ଡି ପୁଲିସକୁ ଖବର ଦେଇବାରୁ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଛି। କାଲି ଶବ ବ୍ୟବଚ୍ଛେଦ କରାଯିବ।

**● ଚାଳକ ମହାସଂଘ ଆନ୍ଦୋଳନ ପ୍ରତ୍ୟାହୃତ**

# ସ୍ୱାଭାବିକ ହେଲା ଜୀବନଯାତ୍ରା

ପାଣିକୋଇଲି, ୧୩।୭(ସମିସ): ପ୍ରତ୍ୟାହୃତ ହୋଇଛି ଚାଳକ ମହାସଂଘର ଆନ୍ଦୋଳନ। ଧିରେ ଧିରେ ସ୍ୱାଭାବିକ ହେଉଛି ଜୀବନ ଯାତ୍ରା। ଶନିବାର ଘରୋଇ ବସ୍ ଚଳାଚଳ କିଛି ମାତ୍ରାରେ ଅଶ୍ୱସ୍ତି ଦେଇଥିଲା। ଆଜି ସବୁ କିଛି ସ୍ୱାଭାବିକ ହେବାରେ ଲାଗିଛି। ବଜାରଘାଟ ପରିପୂର୍ଣ୍ଣ ଲାଗୁଛି। ରାଜପଥରେ ଗାଡି ଚଳାଚଳ ପୂର୍ବଭଳି ଲାଗିରହିଛି। ଆଉ ଯାତ୍ରୀମାନଙ୍କ ଯାତାୟତରେ କୌଣସି ଅସୁବିଧା ଦେଖାଯାଉନି। ପ୍ରତ୍ୟେକ ବ୍ୟବସାୟ ଅନୁଷ୍ଠାନ ମାନଙ୍କରେ ଗାଡି ଲାଗିଛି। କ୍ରୟ ବିକ୍ରୟ ଚାଲିଛି। ସବୁ କିଛି ସ୍ୱଭାବିକ ଥିବା ବେଳେ କିଛି ଅସାଧୁ ବ୍ୟବସାୟୀଙ୍କ ମନ ଦୁଃଖ ହେବା ଦେଖାଯାଉଛି। ଆନ୍ଦୋଳନ ସମୟରେ ପୋଟ୍ରୋଲ ଓ ଡିଜେଲର ଅଭାବ ଥିବା ବେଳେ ଗ୍ୟାସ କୃତ୍ରିମ ଅଭାବ ସୃଷ୍ଟି କରାଯାଇ ଚଡ଼ା ଦର ବା ଅଧିକର ୫୦ରୁ ଶହେ ଟଙ୍କା ଦରରେ ଗ୍ୟାସ ବିକ୍ରି କରାଯାଉଥିଲା। ଯାହାକୁ ଆଜି ଆଉ ଉପଭୋକ୍ତାମାନେ ଦେବାକୁ ପ୍ରସ୍ତୁତ ନୁହନ୍ତି। କାହାର ସର୍ବନାଶ ତ ପୁଣି କାହାର ପୁଷମାସ ହେବା ଭଳି ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ଅଜି ତାହାର ସୁଧାର ଆସିଛି।

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନିୟମିତତାର ତଦନ୍ତ ଦାବି

କେନ୍ଦୁଝର, ୧୩।୭(ସମିସ)





ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ ଶହୀଦ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲ୍ଲାର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଧରଣୀଧର ମହାବିଦ୍ୟାଳୟର ସ୍ୱାତନ୍ତ୍ର ବଜାୟ ରଖିବା ଓ ବିଶ୍ୱବିଦ୍ୟାଳୟକୁ ସଂପୂର୍ଣ୍ଣ ଭାବେ ସୁଲେଇଖମାକୁ ସ୍ଥାନାନ୍ତରିତ କରିବାକୁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି କରିଥିଲେ। ଏହା ନ ହେଲେ ନାଗରିକ ସମାଜ ଓ ବିଭିନ୍ନ ରାଜନୈତିକ ଦଳ ଓ ଛାତ୍ର ସଂଗଠନ ସହଯୋଗରେ ସୁରକ୍ଷା ମଞ୍ଚ ଜିଲ୍ଲା ବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଓଏସଡି କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ୬ ତାରିଖରେ ଶେଷ ହେଉଥିବାରୁ ତାକୁ ନ ବଢ଼ାଇବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ବିରୋଧରେ ମଞ୍ଚ ବିଭିନ୍ନ ଅଭିଯୋଗ ଆଣି ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଛି। ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି, କେନ୍ଦୁଝର ଜିଲ୍ଲାର ଅତିଥି ଅଧ୍ୟାପକଙ୍କୁ ବହିଷ୍କାର କରି କଟକର ଏକ ନିର୍ଦ୍ଦିଷ୍ଟ କୋଚିଂ ସେଣ୍ଟର୍ ଅଧ୍ୟାପକଙ୍କୁ ବିପୁଳ ଅର୍ଥ କାରବାର କରି ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେବା, ପୂର୍ବରୁ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଦକ୍ଷ ଓଏସ ଅଫିସରଙ୍କ ସ୍ଥାନରେ ଜଣେ କନିଷ୍ଠ ଅନଭିଜ୍ଞ ଅଧ୍ୟାପକଙ୍କୁ ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦେବା, ମର୍ଯ୍ୟାଦାଜନକ ସିଣ୍ଡିକେଟରେ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାବିତ୍‌ଙ୍କୁ ଅଣଦେଖା କରି ଜିଲ୍ଲା ଓ ରାଜ୍ୟ ବାହାରର ଶିଳ୍ପପତିଙ୍କୁ ମନୋନୀତ କରିବା, ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ଭାବେ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସ୍ଥାପିତ ଜଣେ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଆଦି ଅଭିଯୋଗର ତଦନ୍ତ କରାଯିବାକୁ ମଞ୍ଚ ସରକାରଙ୍କ ନିକଟରେ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସଦସ୍ୟ ଭରତଚନ୍ଦ୍ର ପାତ୍ର, ଆବାହକ ତଥା କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ, କଲେଜର ପ୍ରଥମ ବ୍ୟାଚର ଛାତ୍ର ତଥା କେନ୍ଦୁଝର ସିଟିଜେନ ଫୋରମ୍ ଉପଦେଷ୍ଟା ଇଂଜିନିୟର ଲାଲମୋହନ ରାଉତ, ଅବସରପ୍ରାପ୍ତ କଲେଜ୍ ପ୍ରିନ୍ସିପାଲ ଶିକ୍ଷାବିତ୍ ଡ. ବିପିନ ବିହାରୀ ମହାପାତ୍ର, ବରିଷ୍ଠ ଆଇନଜୀବୀ ଅଶୋକ ଦାସ, କଲେଜ ୟୁନିୟନର ପୂର୍ବତନ ସଭାପତି ଦିଲ୍ଲୀପ ସାହୁ, ସାମ୍ବାଦିକ ସତ୍ୟଜିତ ମିଶ୍ର, ସତ୍ୟଜିତ ସାମନ୍ତରାୟ, ଶିକ୍ଷାବିତ ଡ. କ୍ଷୀରୋଦ ମିଶ୍ର, ସୁପରିଚିତ ଯୁବନେତା ଇଂଜିନିୟର ପ୍ରଶାନ୍ତ ଦଳେଇ, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା



ଧର୍ମଶାଳା,୧୩।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ନିକଟସ୍ଥ ଜାମୁବଣିଆ ସ୍ଥିତ ସନାତନ ସାହୁ ଗତ ୨ବର୍ଷ ତଳେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଏକମାତ୍ର ଝିଅ ପ୍ରିୟଙ୍କା ପ୍ରିୟଦର୍ଶିନୀ ଏବେ ମାଟ୍ରିକ ପାସ୍ କରିଛନ୍ତି କ୍ଷ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଯୁକ୍ତ ୨ରେ ଆଡ୍‌ମିସନ କରିବା କଷ୍ଟକର ହୋଇପଡିଛି। ଉକ୍ତ ଖବର ପାଇ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ ଟ୍ରଷ୍ଟର ସମ୍ପାଦକ ଆଲୋକ ଜେନାସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ମଞ୍ଚର ସମସ୍ତ ସଦସ୍ୟ ତାଙ୍କ ଘରେ ପହଞ୍ଚି ପ୍ରିୟଙ୍କା ପାଠ ପଢିବା ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେବା ସହିତ ଭବିଷ୍ୟତରେ ଉଚ୍ଚଶିକ୍ଷା ନିମନ୍ତେ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମଞ୍ଚ ପକ୍ଷରୁ ସିପକ ଜେନା ସାମନ୍ତ, ବ୍ରଜକିଶୋର ବିଶ୍ୱାଳ, ଜୟନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ପୃଷ୍ଟି, ସବ୍ୟସାଚୀ ପଣ୍ଡା ଓ ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତଥିଲେ।

# ସମ୍ପାଦକୀୟ



ମହାକାଶରେ ତାରାମାନଙ୍କ ପାଖକୁ ଯିବା ରାସ୍ତାରେ ପ୍ରଥମ ମାଇଲଖୁଣ୍ଟ ହେଉଛି ଚନ୍ଦ୍ରମା
-ଆର୍ଥର ସି କ୍ଲାର୍କ

ସକାଳ THE SAKALA

## ପାଇଲଟ୍‌ଙ୍କ ତ୍ରୁଟି?

ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦ୍ ବିମାନବନ୍ଦରରେ ଘଟିଥିବା ଲୋମହର୍ଷଣକାରୀ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା 'ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ(ଏଏଆଇବି)'ର ପ୍ରାଥମିକ ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇଛି। ରିପୋର୍ଟର ନିଷ୍କର୍ଷ ଅନୁଯାୟୀ ବିମାନରେ ଯାନ୍ତ୍ରିକ ତ୍ରୁଟି ନଥିଲା, ହୁଏତ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ଘଟି ଥାଇପାରେ। କିନ୍ତୁ ବିଶେଷଜ୍ଞଙ୍କ ଦ୍ୱାରା ଏହି ରିପୋର୍ଟ ଗ୍ରହଣଯୋଗ୍ୟ ହୋଇପାରିନାହିଁ। ରିପୋର୍ଟକୁ ତର୍ଜମା କଲା ବେଳେ ଯେଉଁ କେତେକ ଯୁକ୍ତି ସାମ୍ନାକୁ ଆସୁଛି ସେଥିରୁ ରିପୋର୍ଟ ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହେଉଛି।

ଆମେରିକୀୟ ଦୈନିକ ଖବରକାଗଜ 'ୱାଶିଂଟନ୍ ପୋଷ୍ଟ'ରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ ବିମାନଟି ଉଠିବାର କିଛି ସେକେଣ୍ଡ ପରେ ଇନ୍ଧନ ନିୟନ୍ତ୍ରଣକାରୀ ଗୁରୁତ୍ୱପୂର୍ଣ୍ଣ ସ୍ୱିଚ୍ ସକ୍ରିୟ(ରନ ମୋଡ୍)ରେ ରହିବା ବଦଳରେ ନିଷ୍କ୍ରିୟ(କଟ୍‌ଅଫ୍) ସ୍ଥିତିରେ ଥିଲା। ଜଣେ ପାଇଲଟ୍ ଅନ୍ୟଜଣଙ୍କୁ 'କାହିଁକି ଇନ୍ଧନ ସ୍ୱିଚ୍ ବନ୍ଦ କରିଛ' ବୋଲି ପଚାରିଥିଲେ ଏବଂ ଦ୍ୱିତୀୟ ପାଇଲଟ୍ ଉତ୍ତର ଦେଇଥିଲେ ଯେ 'ମୁଁ ସ୍ୱିଚ୍ ବନ୍ଦ କରିନାହିଁ।' କକ୍‌ପିଟ୍ ଭଏସ୍ ରେକର୍ଡିଂ ବ୍ୟବସ୍ଥାରେ ରେକର୍ଡ ହୋଇଥିବା ଏତିକିମାତ୍ର ବାର୍ତ୍ତାଳାପକୁ ତର୍ଜମା କରି ଏଏଆଇବି ଏହି ନିଷ୍କର୍ଷରେ ପହଞ୍ଚି ଯାଇଛି ଯେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ଥିବାରୁ ଇଞ୍ଜିନ୍‌କୁ ଆବଶ୍ୟକ ପରିମାଣର ଇନ୍ଧନ ଯାଇପାରିଲା ନାହିଁ। ଯେତେବେଳେ ପୁଣି ସ୍ୱିଚ୍‌କୁ 'ରନ୍' କରାଗଲା ସେତେବେଳକୁ ଇଞ୍ଜିନ କାମ କରିବା ବନ୍ଦ କରିଦେଇଥିଲା ଏବଂ ବିମାନ ଦୁର୍ଘଟଣା ଘଟିଲା। ଏପରିକି ୨୦୨୩ ପରଠାରୁ ସ୍ୱିଚ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ କିମ୍ବା ଅଭିଯୋଗ ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାର ଅର୍ଥ କୌଣସି ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ବିମାନ ଦୁର୍ଘଟଣା ପଛରେ କେବଳ ପାଇଲଟ୍‌ମାନଙ୍କର ତ୍ରୁଟି ହିଁ ଦାୟୀ ବୋଲି ରିପୋର୍ଟ ସ୍ପଷ୍ଟ କରିଛି।

ବିଶେଷଜ୍ଞଙ୍କ ମତାନୁଯାୟୀ, ୪୦୦ ଫୁଟ୍ ଉଚ୍ଚତାକୁ ବିମାନ ଉଠିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା। ଯଦିବା ସ୍ୱିଚ୍ ସ୍ଥିତିରେ ବ୍ୟତିକ୍ରମ ଥିଲା ତାହା କେଉଁ ପାଇଲଟ୍ କାହାକୁ କହିଥିଲେ ତାହାର କୌଣସି ସ୍ପଷ୍ଟ ସୂଚନା ଏଏଆଇବି ରିପୋର୍ଟରେ ନାହିଁ। ଏହାଛଡ଼ା ବିମାନର ଦୁଇଟି ଇଞ୍ଜିନ୍ ପାଇଁ ଦୁଇଟି ପୃଥକ୍ ଇନ୍ଧନ ସ୍ୱିଚ୍ ରହିଥାଏ। ସେଦୁଇଟି ଏଭଳି ଢାଙ୍କୁଣି ଦ୍ୱାରା ସୁରକ୍ଷିତ ଥାଏ ଯେ ଅନ୍ୟମନସ୍କ ଭାବେ ହାତବାଜିଲେ ମଧ୍ୟ ଏତେସହଜରେ 'ରନ୍' କିମ୍ବା 'କଟ୍‌ଅଫ୍' ସ୍ଥିତିକୁ ଆସିପାରିବ ନାହିଁ। ସ୍ୱିଚ୍‌ର ସ୍ଥିତି ବଦଳାଇବା ପାଇଁ ପାଇଲଟ୍‌ଙ୍କୁ ରୀତିମତ କସରତ କରିବାକୁ ପଡ଼େ। ସ୍ୱିଚ୍ 'ରନ୍' ସ୍ଥିତିକୁ ନ ଆଣିବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ପାଇଁ ଇଞ୍ଜିନ୍ ଷ୍ଟାର୍ଟ(ଚାଲୁ) ହେବ ନାହିଁ। ବିମାନଟି ପୁଣି ଅବତରଣ କରିବା ପରେ ହିଁ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ। କୌଣସି ବିଶେଷ ବା ଜରୁରିକାଳୀନ ପରିସ୍ଥିତିରେ ମଧ୍ୟାକାଶରେ ବିମାନ ଉଡୁଥିବା ବେଳେ ଯଦି ପାଇଲଟ୍ ଅନୁଭବ କରନ୍ତି ଯେ ବିମାନର କୌଣସି ଇଞ୍ଜିନ୍ କାମ କରିବା ବନ୍ଦ କରିଦେଇଛି ସେକ୍ଷେତ୍ରରେ କେବଳ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ। ତେଣୁ ବିମାନଟି ପୃଥିବୀପୃଷ୍ଠରୁ ଆକାଶକୁ ଉଠିବା ମାତ୍ରେ ହିଁ ଦୁଇଟି ଯାକ ସ୍ୱିଚ୍ ସ୍ଥିତିରେ ଯେ ବ୍ୟତିକ୍ରମ ଘଟିଥିବ ବା କଟ୍‌ଅଫ୍ ସ୍ଥିତିକୁ ଅଣାଯାଇଥିବ, ତାହା କୌଣସି ସୁସ୍ଥ ମସ୍ତିଷ୍କଧାରୀ ପାଇଲଟ୍‌ଙ୍କ ପକ୍ଷେ ସମ୍ଭବ ନୁହେଁ। ଦୁର୍ଘଟଣା ପରେ ପରେ ଏୟାର ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଜୁନ୍ ୧୨ ତାରିଖ ଦିନ ବିମାନ ଉଡ଼ାଣ ଦାୟିତ୍ୱରେ ଥିବା ମୁଖ୍ୟ ପାଇଲଟ୍ ସୁମୀତ୍ ସବରୱାଲ୍ ଓ ସାଥୀ ପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କ ଅଭିଜ୍ଞତା ଓ ଦକ୍ଷତା ପ୍ରଶ୍ନାତୀତ। ଉଡ଼ାଣ ପୂର୍ବରୁ କରାଯାଇଥିବା ସ୍ୱାସ୍ଥ୍ୟ ପରୀକ୍ଷାରେ ସେମାନେ ପର୍ଯ୍ୟାପ୍ତ ବିଶ୍ରାମ ନେଇ ପରବର୍ତ୍ତୀ ଉଡ଼ାଣ ପାଇଁ ମାନସିକ ଓ ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତରୀ ପ୍ରମାଣପତ୍ର ଦିଆଯାଇଥିଲା। ତେଣୁ ଏଭଳି ଆତ୍ମଘାତୀ କାର୍ଯ୍ୟକଳାପ ଜିହାଦିଙ୍କ ବ୍ୟତୀତ ଅନ୍ୟ କାହା ପକ୍ଷେ ଚିନ୍ତା କରିବା ମଧ୍ୟ ସମ୍ଭବ ନୁହେଁ। ତେବେ ଏଏଆଇବି କ'ଣ ପ୍ରମାଣ କରିବାକୁ ଚାହୁଁଛି?

ରିପୋର୍ଟର ପରିପକ୍ୱତା ଉପରେ ପ୍ରଶ୍ନ ଉଠାଇଥିବା ବିଶେଷଜ୍ଞମାନେ ଆହୁରି ମଧ୍ୟ କହିଛନ୍ତି ଯେ 'ୟୁଏସ୍ ଫେଡେରାଲ୍ ଆଡମିନିଷ୍ଟ୍ରେସନ୍' ଦ୍ୱାରା ୨୦୧୮ରେ 'ସ୍ପେଶାଲ୍ ଏୟାରଓର୍ଥିନେସ୍ ଇନ୍‌ଫର୍ମେସନ୍ ବୁଲେଟିନ୍'ରେ ଜାରି ମାର୍ଗଦର୍ଶିକା ଅନୁଯାୟୀ ଇନ୍ଧନ ସ୍ୱିଚ୍ ସୁରକ୍ଷା ଯାଞ୍ଚ ନିୟମିତ ବ୍ୟବଧାନରେ ହେବା ଆବଶ୍ୟକ। କିନ୍ତୁ ଡ୍ରିମ୍‌ଲାଇନର ୭୮୭-୮ ପ୍ରସ୍ତୁତକାରୀ ସଂସ୍ଥା ସେଭଳି କରିଥିବା ଉଚିତ୍ ମନେ କରି ନଥିଲା। ଏଏଆଇବି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ଇନ୍ଧନ ଅଭାବ କାରଣରୁ ଇଞ୍ଜିନ ବନ୍ଦ ହୋଇଯିବା ପରେ ଲ୍ୟାଣ୍ଡିଂଗିୟର ପଛ ପାଖରେ ଥିବା ପବନଚାଳିତ ବିକଳ୍ପ ଶକ୍ତି ଉତ୍ସ ରାମ୍‌ଏୟାର ଟର୍ବାଇନ୍(ରାଟ୍) ତତ୍କାଳ ଚାଲୁ କରାଯାଇଥିଲା ଏବଂ ସ୍ୱିଚ୍‌କୁ 'ରନ୍' କରିବା ପରେ 'ଅକ୍ସିଲାରୀ ପାୱାର ୟୁନିଟ୍ ବା ଏପିୟୁ ସ୍ୱୟଂକ୍ରିୟ ଭାବେ ଚାଲୁ ହୋଇଯାଇଥିଲା। ବିଶେଷଜ୍ଞଙ୍କ ମତାନୁଯାୟୀ ଦୁଇଟିଯାକ ଇଞ୍ଜିନ୍ ସମ୍ପୂର୍ଣ୍ଣ ଅକାମୀ ହୋଇଯିବା ପରେ ହିଁ ଏହି ଦୁଇ ବିକଳ୍ପ ବ୍ୟବସ୍ଥା ଆପେ ଆପେ କାର୍ଯ୍ୟକ୍ଷମ ହେବ। ତେଣୁ ଆପାତତଃ ଇଞ୍ଜିନ୍ ଅକାମୀ ହୋଇଥିବା ଏଥିରୁ ପ୍ରମାଣିତ ହେଉଛି। ତଥାପି ଇଞ୍ଜିନ ତ୍ରୁଟି ଜନିତ କାରଣ ରିପୋର୍ଟରେ ଦର୍ଶାଯାଇନାହିଁ କି ସେ ସମ୍ପର୍କରେ ଅଧିକ ଅନୁସନ୍ଧାନ ପାଇଁ ସୁପାରିସ ମଧ୍ୟ କରାଯାଇନାହିଁ।

ବ୍ଲାକ୍‌ବକ୍ସ ତଦନ୍ତ ଆଧାରରେ ଚୂଡ଼ାନ୍ତ ରିପୋର୍ଟ ଆସିବାକୁ ବର୍ଷେ କିମ୍ବା ତଦୂର୍ଦ୍ଧ୍ୱ ସମୟ ଲାଗିପାରେ। ତେଣୁ ଯା' ଭିତରେ ତଦନ୍ତକାରୀ ସଂସ୍ଥାଙ୍କୁ ପ୍ରଲୋଭିତ କରି ଏଭଳି ଏକ ଉଦ୍ଦେଶ୍ୟମୂଳକ ରିପୋର୍ଟ ପ୍ରସ୍ତୁତ କରାଇନେବା ଆଶ୍ଚର୍ଯ୍ୟଜନକ ନୁହେଁ। ସ୍ୱିଚ୍ କଟ୍‌ଅଫ୍ ବିଷୟରେ କେଉଁ ପାଇଲଟ୍ କାହାକୁ କେଉଁ ପରିସ୍ଥିତିରେ କ'ଣ କହିଥିଲେ ତାହା କେବଳ ସେମାନେ ହିଁ ସ୍ପଷ୍ଟ କରିପାରିଥା'ନ୍ତେ। କିନ୍ତୁ ସେମାନେ ଜୀବିତ ନଥିବାରୁ ତାହା ଜାଣିବା ସମ୍ପୂର୍ଣ୍ଣ ଅସମ୍ଭବ। ଘଟଣାର ସାକ୍ଷୀ ବା ପ୍ରମାଣ ଦେବାକୁ ପ୍ରତ୍ୟକ୍ଷଦର୍ଶୀ ମଧ୍ୟ କେହି ନାହାନ୍ତି। ଏହି ପୃଷ୍ଠଭୂମିରେ 'ମାର ମାର ଭଣ୍ଡାରିଆକୁ ମାର' ନୀତିରେ ଦୁଇ ପାଇଲଟ୍‌ଙ୍କ ଅବର୍ତ୍ତମାନରେ ସେମାନଙ୍କ ମୁଣ୍ଡରେ ଦୋଷ ଲଦି ଦେଇ ଡ୍ରିମ୍‌ଲାଇନର ସଂସ୍ଥା ନିଜର ଭାବମୂର୍ତ୍ତି ସଜାଡ଼ିବାର ଭରପୂର ପ୍ରୟାସ କରିଥିବା ସମ୍ଭାବନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ନିୟମ ଅନୁଯାୟୀ କୌଣସି ଦୁର୍ଘଟଣା ଘଟିବାର ମାସକ ମଧ୍ୟରେ ଏଏଆଇବି ପ୍ରାଥମିକ ରିପୋର୍ଟ ଦେବାକୁ ପଡ଼ିବ। ତେଣୁ ତରବରିଆ ଭାବେ ପ୍ରସ୍ତୁତ ରିପୋର୍ଟର ତଦନ୍ତ ଆଧାର ଓ ନିଷ୍କର୍ଷ ଅପରିପକ୍ୱ ହୋଇପାରେ। ଏଭଳି ଏକ ସନ୍ଦେହବିଜଡ଼ିତ ପରିସ୍ଥିତିରେ ରିପୋର୍ଟକୁ ନେଇ କୌଣସି ଉପସଂହାରରେ ନ ପହଞ୍ଚିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିମାନ ଦୁର୍ଘଟଣା ଘଟିବା ପରେ ଏ ପର୍ଯ୍ୟନ୍ତ ଅନେକ ମତ ଓ ମନ୍ତବ୍ୟ ପ୍ରକାଶ ପାଇଛି। କିନ୍ତୁ ତାହା କେବଳ ଅନୁଭୂତି ଆଧାରିତ ଓ ଆନୁମାନିକ। ବ୍ଲାକ୍‌ବକ୍ସ ପରୀକ୍ଷା ଆଧାରରେ ପୂର୍ଣ୍ଣାଙ୍ଗ ରିପୋର୍ଟ ନ ଆସିବା ଯାଏଁ କୌଣସିଟିକୁ ସମ୍ପୂର୍ଣ୍ଣ ବିଶ୍ୱାସକୁ ନେବା ଠିକ୍ ହେବ ନାହିଁ। ସେହିଭଳି ରିପୋର୍ଟ ଯଦି ଉଦ୍ଦେଶ୍ୟମୂଳକ ହୁଏ ତେବେ ଏଏଆଇବି ଭଳି ଆନ୍ତର୍ଜାତିକ ସଂସ୍ଥା ବିଶ୍ୱସନୀୟତା ହରାଇବା ସାର ହେବ। ●

## ନିଦଭରା ଶିକ୍ଷା କାହା ହିତରେ?

ଡ.ଅନ୍ତର୍ଜିତା ନାୟକ

ପୂର୍ବରୁ କୁହାଯାଉଥିଲା ଶୀଘ୍ର ଶୁଅ, ଶୀଘ୍ର ଉଠ, ସ୍ୱାସ୍ଥ୍ୟବାନ, ଧନବାନ ଓ ଜ୍ଞାନୀ ହୁଅ। କିନ୍ତୁ ଅତ୍ୟାଧୁନିକ ଯୁଗରେ ତାହା ବଦଳି ଯାଇ ହୋଇଗଲାଣି- ଡେରିରେ ଶୁଅ, ଶୀଘ୍ର ଉଠ, କେବଳ ଧନୀ ହୁଅ। ଆଜିକାଲି କାଳେ ଧନ ଥିଲେ ସ୍ୱାସ୍ଥ୍ୟ ଓ ଜ୍ଞାନ କିଣି ହେଉଛି। ସେଥିଲାଗି ଧନ ଉପାର୍ଜନର ବାଟକୁ ବଢ଼ାଇବା ହେଲା ଆମର ପ୍ରମୁଖ ଲକ୍ଷ୍ୟ। କିନ୍ତୁ ଆମେ ଭୁଲି ଯାଉଛନ୍ତି ଯେ ବିଳମ୍ବିତ ରାତିରେ ଶୋଇବା ଓ ରାତି ନ ପାହୁଣୁ ଉଠିବା ଆମକୁ କେବଳ ରୋଗ କିଣିବାରେ ହିଁ ସହାୟତା କରିପାରିବ। ଆଜି ଆମ ଚାରିପାଖରେ ମାନସିକ, ଶାରୀରିକ ଓ ସାମାଜିକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଉ ଆମେ ଆମ ଘରେ ଏଇ ରୋଗୀ ତିଆରି କାରଖାନା ଖୋଲିଛନ୍ତି।

ଆଗରୁ ସିନା ଟି.ଭି., ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ହ୍ୱାଟ୍‌ସଆପ୍, ଫେସବୁକ୍, ହୋମୱାର୍କ, ପ୍ରୋଜେକ୍ଟ, ଏସାଇନମେଣ୍ଟ, ଟ୍ୟୁସନ୍ ନଥିଲା ଯେ ସମସ୍ତେ ଶୀଘ୍ର ଖାଇପିଇ ରାତି ୯ଟା ସୁଦ୍ଧା ଶୋଇପଡୁଥିଲେ। ହେଲେ ଏବେ ରାତି ୧୨ଟା-୧ଟେ ଆଗରୁ ଘରର ଲାଇଟ୍ ବନ୍ଦ ହେଉ ନାହିଁ। ରାସ୍ତାରେ ଟ୍ରାଫିକ୍ ଏତେ ବଢ଼ିଯାଇଛି ଯେ କାର୍ଯ୍ୟାଳୟରୁ ଘରକୁ ଫେରିଲା ବେଳକୁ ଅଧେ ରାତି ସରିଯାଉଛି। ଖାଇ-ପିଇ ଶୋଇଲାବେଳକୁ ଉଠିବା ସମୟ ହୋଇଯାଉଛି। ଠିକ୍ ନିଦ ଆସୁଥିବ, ଆଖି ଜୋରରେ ଲାଗି ଯାଉଥିବ, ସେତେବେଳକୁ ପିଲାଙ୍କର ସ୍କୁଲ୍ ଯିବା ସମୟ ହୋଇଯାଉଥିବ। ସକାଳ ୭.୨୦ରେ ସ୍କୁଲ୍ ଆରମ୍ଭ। ୭ଟା ସୁଦ୍ଧା ସ୍କୁଲ୍‌ରେ ପହଞ୍ଚିବାକୁ ହେବ। ସକାଳ ୫.୪୫ରେ ସ୍କୁଲ୍ ବସ୍ ଆସିଯିବ। ଭୋର ୪.୩୦ ରୁ ୪.୪୫ ଭିତରେ ଉଠିବାକୁ ହେବ। ଶୋଇଲାବେଳକୁ ରାତି ୧୨ଟା ଏବଂ ଉଠିଲାବେଳକୁ ସକାଳ ୪.୪୫। ସମୁଦାୟ ୫ଘଣ୍ଟାର ନିଦ୍ରା। କିନ୍ତୁ ଆମ ପିଲା ଶୋଇବା କଥା ୮ରୁ୧୦ଘଣ୍ଟା। ଏହା ସ୍ପଷ୍ଟ କରିଦେଉଛି ଯେ, ଆମେ ଆମ ଘରେ ଗୋଟେ ଗୋଟେ ରୋଗୀ ତିଆରି କରୁଛନ୍ତି, ଯାହାଙ୍କର ନିଦ ଆମେ ଏବେ ଖରାପ କରୁଛନ୍ତି। ପରେ ସେମାନେ ଆମ ନିଦ ହଜାଇବେ।

ଛୁଆଟି ଯେତେବେଳେ ଠିକ୍ ଭାବରେ ଶୋଇପାରେ ନାହିଁ ବା ଅଳ୍ପ ସମୟ ଲାଗି ଶୋଇଲାପରେ ତାକୁ ଜୋର୍ ଜବରଦସ୍ତ ଉଠିବାକୁ ବାଧ କରିଦିଆଯାଏ, ସିଏ ସେତେବେଳେ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଏ, ଯାହା ତା'ର ଧ୍ୟାନ, ଏକାଗ୍ରତା ଓ ସ୍ମରଣଶକ୍ତିକୁ ବ୍ୟାଘାତ କରିଥାଏ ଏବଂ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହି ନିଦ୍ରାଭାବ ହେତୁ ଧ୍ୟାନାଭାବ ଓ ଅତିସକ୍ରିୟତା ବିକାର ଦେଖାଦେଇଥାଏ, ଯାହାଫଳରେ ପିଲାଟି ଶ୍ରେଣୀଗୃହରେ ପଢ଼ା ଯାଉଥିବା ପାଠ ଠିକ୍‌ରେ ଶୁଣିପାରେ ନାହିଁ କି ବୁଝିପାରେ ନାହିଁ। ଶ୍ରେଣୀରେ ତା'ର ପ୍ରଦର୍ଶନ ଅତି ନୈରାଶ୍ୟଜନକ ହୋଇଯାଏ। ବାଲ୍ୟକାଳରୁ ଅନିଦ୍ରା ବା ଉପଯୁକ୍ତ ନିଦ୍ରାଭାବ, ପ୍ରତିରକ୍ଷା ପ୍ରଣାଳୀରେ ସମସ୍ୟା, ଉଦାସୀନତା, ଆଲର୍ଜି ଜନିତ ନାସାପ୍ରଦାହ ଆଦି ସମସ୍ୟା ସହିତ ଭବିଷ୍ୟତରେ ମେଦବହୁଳତା, ମଧୁମେହ, ଉଚ୍ଚରକ୍ତଚାପ ଜରିଆରେ ହୃଦ୍‌ରୋଗ ବିପଦ ଆଣିପାରେ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି।

ସଅଳ ସ୍କୁଲ୍ ସମୟ ଛୋଟ ପିଲା ଓ ପ୍ରାଥମିକ ଶିକ୍ଷା ଉପରେ ଯେପରି କୁପ୍ରଭାବ ପକାଇ ଥାଏ, ଠିକ୍ ସେହିପରି କିଶୋରାବସ୍ଥାର ପିଲା ଓ ସେମାନଙ୍କର ଶିକ୍ଷାରେ ମଧ୍ୟ କୁପ୍ରଭାବ ପକାଇ ଥାଏ। କିଶୋରାବସ୍ଥାରେ ଘଟୁଥିବା ଶାରୀରିକ ଓ ମାନସିକ ପରିବର୍ତ୍ତନ ଯୋଗୁଁ ପିଲାମାନଙ୍କୁ ବିଳମ୍ବିତ ରାତି ଯାଏଁ ନିଦ ଆସେ ନାହିଁ। ବିଳମ୍ବିତ ସକାଳ ଯାଏଁ ନିଦ ଭାଙ୍ଗେ ନାହିଁ। ପର୍ଯ୍ୟାପ୍ତ ପରିମାଣରେ ନିଦ ଅଭାବ ସାଙ୍ଗକୁ ଶରୀରରେ ବିଭିନ୍ନ ଜୈବ ରାସାୟନିକ (ହର୍ମୋନ୍) ପରିବର୍ତ୍ତନ, କିଶୋରାବସ୍ଥାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ, ଯାହା ମଧ୍ୟରୁ ମେଦବହୁଳତା ଖୁବ୍ ବେଶୀ। ଶରୀରରେ ହେଉଥିବା ଜୈବ ପରିବର୍ତ୍ତନ ସାଙ୍ଗକୁ ସ୍କୁଲ୍‌ର ସଅଳ ସମୟ, ବୋଝ ଉପରେ ନଳିତା ବିଡ଼ା, ଯାହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଅଳ୍ପ ନିଦ୍ରା ବା ଅଧା ନିଦ୍ରାରୁ ଉଠି ଶୀଘ୍ର ସ୍କୁଲ୍ ଯିବା ସାମାନ୍ୟ ଲାଗିପାରେ, କିନ୍ତୁ ଏହି ବାଧ୍ୟତାମୂଳକ ଅଭ୍ୟାସ କିଶୋରମାନଙ୍କ ମଧ୍ୟରେ ନିଶା ସେବନ, ଉଦାସୀନତା, ଆତ୍ମହତ୍ୟା ପ୍ରବଣତା, ଧୂମପାନ, ଅସୁରକ୍ଷିତ ଯୌନ ସମ୍ପର୍କ, ସଡ଼କ ଦୁର୍ଘଟଣା, ବଳାତ୍କାର ଭଳି ସମସ୍ୟାମାନଙ୍କୁ ଟାଣି ଆଣୁଛି, ଯାହାକୁ ଆମେ ବହୁ ସମୟରେ ଅଣଦେଖା କରନ୍ତି। ସମସ୍ୟାର ତର୍ଜମା କରନ୍ତି ନାହିଁ।

ସକାଳ ୭ଟାରୁ ସ୍କୁଲ୍ ଆରମ୍ଭ କରି ଦ୍ୱିପ୍ରହର୨ଟାରେ ସାରିବା କାହିଁକି ଏତେ ଜରୁରୀ? ସ୍କୁଲ୍ ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏଁ ଚାଲିଲେ ଅସୁବିଧା କ'ଣ? ପିଲା କେତେସୁନ୍ଦର ସକାଳୁ ଉଠି ପାରିବେ, ନିତ୍ୟକର୍ମ ଠିକ୍‌ରେ ସାରିପାରିବେ, ଭଲରେ ଖାଇ-ପିଇ ସ୍କୁଲ୍ ଯାଇ ମନଦେଇ ପାଠ ପଢ଼ିପାରିବେ। ସ୍କୁଲ୍‌ରୁ ଫେରି ଖେଳିବାକୁ ଯାଇପାରିବେ। ସନ୍ଧ୍ୟା ସମୟରେ ପାଠପଢ଼ି ବସିପାରିବେ। ସବୁ କେତେ ବ୍ୟବସ୍ଥିତ ହୋଇପାରିବ! କେବଳ ସରକାରୀ ସ୍କୁଲ୍‌କୁ ଛାଡ଼ିଦେଲେ ଘରୋଇ ସ୍କୁଲ୍ ସବୁ ଶୀଘ୍ର ଆରମ୍ଭ କରି ଶୀଘ୍ର ଶେଷ କରିବାରେ ବ୍ୟସ୍ତ। କିନ୍ତୁ କାହିଁକି? ଏହାର କାରଣ ଯଦି ଖୋଜିବା, ତେବେ ଅସଲ ଦୋଷୀ ହେଲା ଟ୍ୟୁସନ୍। ଆଜିକାଲିକାର ଧାରଣା ଯେ ପିଲା ଯେତେ ଟ୍ୟୁସନ୍ ଯିବେ, ଯେତେ ଅଧିକ ସମୟ ପାଠପଢ଼ିବେ, ସେତେ ଅଧିକ ନମ୍ବର ପରୀକ୍ଷାରେ ରଖିବେ। ସେତେ ଅଧିକ ନାଁ ହେବ। ଗୋଟେ ଗୋଟେ ବିଷୟ ଲାଗି ଦୁଇ ଦୁଇଟା ଟ୍ୟୁସନ୍! ସ୍କୁଲ ଶେଷକରି ସିଧା ଟ୍ୟୁସନ୍ ଯାଉଛନ୍ତି, ଲଗାତାର ଟ୍ୟୁସନ୍ ସାରି ଘରକୁ ଫେରୁଛନ୍ତି। ବେଳେବେଳେ ଏହା ମଧ୍ୟ ଦେଖିବାକୁ ମିଳିଛି ଯେ ରାତି ୧୦ଟା ଯାଏଁ ଟ୍ୟୁସନ୍ ଚାଲୁଛି। ପିଲାମାନେ ସ୍କୁଲ୍ ୟୁନିଫର୍ମ ବଦଳାଇବାକୁ ସମୟ ପାଉନାହାନ୍ତି।

ଶୀଘ୍ର ସ୍କୁଲ୍ ଯିବା ଲାଗି ରାତିର ନିଦ ସକାଳୁ ପୂର୍ଣ୍ଣ ହୋଇନଥିବ। ଖରାବେଳେ ଲଗାତାର ଟ୍ୟୁସନ୍ ଲାଗି ପିଲାଟି ଶୋଇପାରିବ ନାହିଁ। ପରୀକ୍ଷାରେ ଅଧିକ ନମ୍ବର ଲାଗି ପିଲାଙ୍କ ନିଦ ବଳି ପଡ଼ିଗଲେ ସେଥିରେ କାହାରି କିଛି ଯାଏ ଆସେ ନାହିଁ। ଆମ ପିଲାଙ୍କ ସାଙ୍ଗରେ ଆମେ ଏ କ'ଣ କରୁଛନ୍ତି? ବହୁତ ଭଲ ସ୍କୁଲ୍‌ରେ ପଢ଼ିବା ଲାଗି ରାତିର ନିଦକୁ ଅଧାରେ ଭାଙ୍ଗିବ, ତା'ବାଦ ପୁଣି ଟ୍ୟୁସନ୍ ଯିବ ବୋଲି ବଳକା ନିଦକୁ ତ୍ୟାଗ କରିବ। ସ୍କୁଲ୍‌ରେ ଯଦି ଏତେ ଭଲ ପାଠପଢ଼ା ହେଉଛି, ତେବେ ଟ୍ୟୁସନ୍ କ'ଣ ଜରୁରୀ? ଆମେ ବୋଧେ ଭୁଲି ଯାଉଛନ୍ତି ଯେ ନିଦ ଭରା ଆଖିରେ ଉଚ୍ଚ ସ୍ୱପ୍ନ ଦେଖିବାକୁ କୌଣସି ଜାଗା ରହେ ନାହିଁ। ସରକାର, ପ୍ରଶାସନ ଓ ଅଭିଭାବକମାନଙ୍କୁ କ'ଣ ଏହା ଜଣା ପଡୁନାହିଁ? ସରକାର କହିଲେ ପିଲାଙ୍କର କଲ୍ୟାଣ ଲାଗି ସେମାନଙ୍କୁ ପାଠର ଚାପ କମ ଦିଆଯିବ, ପରୀକ୍ଷା ଉଠାଇ ଦିଆଯିବ, ଶାରୀରିକ ଦଣ୍ଡ ଦିଆଯିବ ନାହିଁ, ସ୍କୁଲ୍ ବ୍ୟାଗର ଓଜନ କମେଇଦିଆଯିବ, ଏମିତି କେତେ ପ୍ରକାରର କଥା। କିନ୍ତୁ ପିଲାଙ୍କର ବାସ୍ତବ ଯନ୍ତ୍ରଣାକୁ ଦେଖିଲେ ଲାଗେ ସବୁ ନିୟମ ତା' ଜାଗାରେ ଏବଂ ପିଲାଙ୍କ ବେଦନା ପିଲାଙ୍କ ପାଖରେ। ସ୍କୁଲ ଗଲା ବେଳକୁ ପିଲା ଯଦି ଆଖିରେ ଆଖିଏ ନିଦ, କାନ୍ଧରେ ଭାରି ବୋଝ ଓ ପେଟରେ ଭୋକ ନେଇ ଯିବ, ତେବେ ପାଠ ମୁଣ୍ଡରେ ପଶିବାକୁ ଆଉ ବାଟ ରହିବ ତ? ସେଥିରେ ଆମେ ଶିଶୁ ଅଧିକାର ବିଷୟରେ କହିବା। ପ୍ରକୃତ ଶିଶୁ ଅଧିକାର କ'ଣ, ଶିଶୁ କଲ୍ୟାଣ କ'ଣ, ଆମକୁ ବୁଝିବାକୁ ହେବ। ଜୋର୍ ନିଦ ଲାଗୁଥିବ ପିଲାଟି ଶୋଇପାରିବ ନାହିଁ, କଥା ଠିକ୍‌ରେ କହି ଶିଖି ନଥିବ ପାଠପଢ଼ା ଆରମ୍ଭ ହୋଇଯିବଣି, କାନ୍ଧ କାଟୁଥିବ ହେଲେ ବହିବସ୍ତାନି ନନେଇ ସ୍କୁଲ୍ ଯାଇପାରିବନି, ଏସବୁ କ'ଣ ଶିଶୁ ଅଧିକାରର ଉଲ୍ଲଂଘନ ନୁହେଁ କି?

ପାଠପଢ଼ାକୁ ଆମେ ଗୋଟେ ଦଣ୍ଡ ଭଳିଆ କରିସାରିଲୁଣି, ଯାହାକୁ ପିଲା ଡରିକି ବାଧ୍ୟରେ କରୁଛନ୍ତି। ଯଥେଷ୍ଟ ଓ ସମ୍ପୂର୍ଣ୍ଣ ନିଦ ସମସ୍ତଙ୍କର ଅଧିକାର। ପିଲାମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ବିକାଶ, କଲ୍ୟାଣ ଓ ସ୍ଥିରତା ନିମନ୍ତେ ସମ୍ପୂର୍ଣ୍ଣ ନିଦ ଜରୁରୀ। ଆମ ବ୍ୟବସ୍ଥା ଯୋଗୁଁ ଆମେ ଯେମିତି ଆମ ପିଲାଙ୍କର ନିଦ ହଜାଉଛନ୍ତି, ସେମିତି ସେହି ବ୍ୟବସ୍ଥା ଆମ ପିଲାଙ୍କୁ ଆଗକୁ ଯାଇ ଏତେ ଅବ୍ୟବସ୍ଥିତ ନକରିଦେବ ଯେ ସେମାନେ ଆମ ନିଦ ହଜାଇବେ। ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଆମେ ନିଜେ। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ନାରୀ ସମାଜ: ଆମ ମାନସିକତା ଓ ବ୍ୟବସ୍ଥା

କୃଷ୍ଣଚନ୍ଦ୍ର ସୁଆଁସିଆ

ସମ୍ପ୍ରତି ମହିଳା ସଶକ୍ତୀକରଣ ଏବଂ ସଶକ୍ତ ମହିଳା ସମାଜ ଗଠନର ନାରା ଦିଆଯାଉଛି। କିନ୍ତୁ ଆମ ସମାଜରେ ନାରୀମାନେ କ'ଣ ପ୍ରକୃତରେ ସଶକ୍ତ? ପ୍ରତିଦିନ ଆମେ ଗଣମାଧ୍ୟମରେ ନାରୀ ନିର୍ଯାତନା ସମ୍ବନ୍ଧିତ ସମ୍ବେଦନଶୀଳ ଘଟଣାମାନ ବଢ଼ି ଚାଲିଥିବାର ପଢୁଛେ, ଦେଖୁଛେ, ଶୁଣୁଛେ। ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିବା ସହ ଏଭଳି ଅମାନବୀୟ ଘଟଣା ସାମ୍ନାକୁ ଆସୁଛି। ଘଟଣା ଘଟିବା ପରେ ପ୍ରତିକ୍ରିୟାମାନ ମଧ୍ୟ ପ୍ରକାଶ ପାଉଛି। କିନ୍ତୁ ପ୍ରତିକ୍ରିୟାଶୀଳତା କେବଳ ସୀମିତ ସମୟ ଓ ସ୍ୱାର୍ଥ ନିହିତରେ ଆବଦ୍ଧ ହୋଇ ରହି ଯାଉଛି। ପୀଡ଼ିତାକୁ ନେଇ ରାଜନୀତିର ପଶାପାଲି ଆରମ୍ଭ ହୋଇଯାଉଛି। 'ନାରୀ ଦୁର୍ବଳା ନୁହେଁ ସବଳା' ନାରା ଦେଇ ରାଜନୈତିକ ଦଳର ବ୍ୟକ୍ତି ରାଜଧାନୀରେ ଆନ୍ଦୋଳନ, କ୍ୟାଣ୍ଡେଲ ଶୋଭାଯାତ୍ରା କରନ୍ତି। ହୋହାଲ୍ଲା ଏତିକିରେ ସୀମିତ ରୁହେ। ପରେ ପ୍ରସଙ୍ଗ ଥଣ୍ଡା ପଡ଼ିଯାଏ। ବିଶେଷରେ ପୀଡ଼ିତା କିମ୍ବା ତା'ର ପରିବାର ନ୍ୟାୟ ପାଇବା ଦୂରର କଥା, ବଦନାମ ହେବା ଦେଖିବାକୁ ମିଳୁଛି।

ସମାଜ ଯେତିକି ବିକଶିତ ହେଉଛି ନାରୀମାନଙ୍କ କାର୍ଯ୍ୟଶୈଳୀରେ ସେତିକି ବିକାଶ ପରିଲକ୍ଷିତ ହେଉଛି। କିନ୍ତୁ ଶିକ୍ଷିତ ସମାଜରେ ନାରୀମାନଙ୍କ ପ୍ରତି ମନୋଭାବରେ ପରିବର୍ତ୍ତନ ନ ହେବା ଚିନ୍ତାର ବିଷୟ ପାଲଟିଛି। ଏପରିକି ଜଣେ ନାରୀ ସମସ୍ୟା ପ୍ରତି ସମାଜ ପ୍ରତିକ୍ରିୟାଶୀଳ ହେବା ଦୂରର କଥା ନାରୀ ସମାଜ ହିଁ ନୀରବଦ୍ରଷ୍ଟା ପାଲଟିବା ନାରୀ ସୁରକ୍ଷା ପ୍ରତି କୁଠାରଘାତ ହେଉଛି। କେଉଁଠି ରାଜନୈତିକ ଚାପ ପଡୁଛି ତ କେଉଁଠି ଅନ୍ୟ କିଛି କାରଣ ପାଇଁ ଦୋଷୀ ନିର୍ଦ୍ଦୋଷରେ ଖସି ଯାଉଛି। ଆଶ୍ଚର୍ଯ୍ୟର କଥା ସମାଜସେବା ଓ ରାଜନୀତିରେ ନୂଆ ନୂଆ ମହିଳାଙ୍କ ଚେହେରା ସାମ୍ନାକୁ ଆସୁଥିଲେ ସୁଦ୍ଧା କିଛି ନିର୍ଦ୍ଦିଷ୍ଟ ସମସ୍ୟାକୁ ନେଇ ଆଗକୁ ଆସୁନାହାନ୍ତି। ଦଳ କିମ୍ବା ସଂଗଠନକୁ ସୁହାଇଲା ଭଳି ସ୍ୱର ଉତ୍ତୋଳନ କରିବା କେଉଁଠି ନା କେଉଁଠି ନାରୀ ପାଇଁ ନାରୀମାନଙ୍କ ଆନ୍ତରିକତାରେ ପ୍ରଶ୍ନବାଚୀ ଲାଗିଯାଉଛି।



ନାରୀମାନେ ସଂଗଠିତ ହୋଇ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସକ୍ରିୟ ହେଲେ ହିଁ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅପରାଧ ହ୍ରାସ ପାଇପାରିବ। ନାରୀକୁ ଉଚିତ ସମ୍ମାନ ମିଳିବ। ନାରୀ ଶକ୍ତି ଯେତେବେଳେ ସଂଗଠିତ ହୋଇ ଏକସ୍ୱର ଉଠାଇବେ ସେତେବେଳେ ଯାଇ ରକ୍ଷକ ଭକ୍ଷକ ସାଜିବାକୁ ସାହସ କରିବ ନାହିଁ। ପୁରାଣ, ଇତିହାସକୁ ପଢ଼ିବା କିମ୍ବା ଶୁଣିବାରେ ସୀମିତ ନରହି ନାରୀ ସମାଜ ସଂଘଟିତ ହେବା ଜରୁରୀ। ନଚେତ ଏମିତି ଗୋଟେ ପରେ ଗୋଟେ ଅଭାବନୀୟ ଘଟଣାମାନ ସାମ୍ନାକୁ ଆସୁଥିବ। ଆଉ ଏସବୁକୁ ଢାଲ କରି ରାଜନୀତି ତା'ର ଫାଇଦା ଉଠାଇ ଚାଲିଥିବ।

ଏସବୁକୁ ପ୍ରତିହତ କରି ଜନସାଧାରଣଙ୍କୁ ଏକ ସୁସ୍ଥ ପରିବେଶ ମଧ୍ୟରେ ଜୀବନଜୀବିକା ଅତିବାହିତ କରିବା ଲାଗି ଉତ୍କୃଷ୍ଟ ସମାଜ ଗଢ଼ିବାରେ ଉଭୟ ଶାସକ ଓ ବିରୋଧୀଦଳମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ କିଛିଦିନ କ୍ୟାଣ୍ଡେଲ ଶୋଭାଯାତ୍ରା, ଟିଭିରେ ଦୋଷାରୋପର ପ୍ରହସନ ସହ 'ପୀଡ଼ିତାଙ୍କୁ ନ୍ୟାୟ' ଦେବାର ଅଭିନୟରେ ନାରୀ ସୁରକ୍ଷା ସୀମିତ ରହିଯାଉଛି। କଥାରେ ଅଛି ପିଲା ନକାନ୍ଦିବା ଯାଏଁ ଯେମିତି ମାଆ ପିଲାର ଭୋକ ଜାଣିପାରି ନଥାଏ ସେଭଳି ସମସ୍ୟାକୁ ଗୁରୁତର ସହ ନାରୀ ସମାଜ ଯେପର୍ଯ୍ୟନ୍ତ ଶାଣିତ ଓ ପ୍ରତିକ୍ରିୟାଶୀଳ ଭାବେ ଉପସ୍ଥାପନ ନ କରିଛି, ନାରୀମାନେ ସଂଗଠିତ ନ ହୋଇଛନ୍ତି ସେତେବେଳେ ଯାଏଁ ଏଭଳି ଘଟଣା ଘଟିଚାଲିଥିବ।

ଏଭଳି ଘଟଣାଗୁଡ଼ିକ ଦେଖି ମନେ ପଡ଼େ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର କାଳଜୟୀ ରଚନା - 'ଜନ୍ମ ଆମର ମଣିଷ କୋଳରେ ନାହିଁ ଇଜ୍ଜତ ମାନ, ଆମ ଝିଅବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।'

ସମାଜରେ ଉଭୟ ପୁରୁଷ ଓ ନାରୀ ସମାନ। କିନ୍ତୁ ସଭ୍ୟ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ନିର୍ଯାତନା, ଅନୀତି, ଅପରାଧକୁ ଦେଖି ସମାଜ ନିରବଦ୍ରଷ୍ଟା ପାଲଟିବା ଅନୁଚିତ। ବ୍ୟକ୍ତିଟି ଯେଉଁ ବିଚାର ସହ ସଂଶ୍ଳିଷ୍ଟ ଥାଉ ପଛେ ନାରୀ ସୁରକ୍ଷା ପାଇଁ ସମସ୍ତଙ୍କ ସ୍ୱର ଏକ ହେବାର ଆବଶ୍ୟକ ରହିଛି। ପୀଡ଼ିତା ଶବ ଉପରେ ସ୍ୱାର୍ଥସାଧନ ପ୍ରତି ଗୁରୁତ୍ୱ ନଦେଇ ବରଂ ପୀଡ଼ିତା ପରିବାରବର୍ଗ କିଭଳି ନ୍ୟାୟ ପାଇପାରିବେ ଏବଂ ଦୋଷୀ କଠୋର ଦଣ୍ଡ ପାଇବା ଦରକାର ସେ ଦିଗରେ ଆନ୍ତରିକତାର ସହ କାର୍ଯ୍ୟ କରିବାର ମାନସିକତା ରଖିବା ଆବଶ୍ୟକ। ଫଳରେ ଏଭଳି ଜଘନ୍ୟ ଅପରାଧ କରିବା ପୂର୍ବରୁ ଦୋଷୀ ବାରବାର ଅନୁଭବ କରିବାକୁ ବାଧ୍ୟ ହେବ। ଏପରିକି ନିଜ ପରିବାରରେ ଥିବା ମାଆ, ଝିଅ, ବୋହୂଙ୍କ ସହ ଅନ୍ୟ ନାରୀମାନଙ୍କୁ ମଧ୍ୟ ସମାନ ନଜର ଦେବାକୁ ବାଧ୍ୟ ହେବ। ସେଭଳି ବ୍ୟବସ୍ଥାରେ କଠୋର ଦଣ୍ଡ ବିଧାନ ଦ୍ୱାରା ଅପରାଧୀ ଓ ଅପରାଧ ପ୍ରତି ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କ ମନରେ ଭୟ ସୃଷ୍ଟି କରିବାକୁ ପଡ଼ିବ। ଏହାଦ୍ୱାରା ସଭ୍ୟ ସମାଜରେ ନାରୀ ପୁରୁଷ ସାଥିରେ ନିର୍ଭୟରେ ଜୀବନଯାପନ କରିବାରେ ସମର୍ଥ ହୋଇପାରିବ। ●

ଶେରଗଡ଼(ଗଞ୍ଜାମ), ମୋ: ୬୩୭୦୯୧୨୪୦୨

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ଇନ୍ଦ୍ରମହି

ସୌଭାଗ୍ୟସୁନ୍ଦର

ଇନ୍ଦ୍ରମହି ବା 'ମହି' ହେଉଛି ଏକ ଉଷ୍ଣମଣ୍ଡଳୀୟ ଶୁଷ୍କ ପର୍ଣ୍ଣମୋଚୀ ବୃକ୍ଷ, ଯାହା ଭାରତ ସମେତ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଦେଖାଯାଏ। ଭାରତରେ ଏହା ପ୍ରାୟ ସମସ୍ତ ରାଜ୍ୟ ଏବଂ ଆଣ୍ଡାମାନ, ନିକୋବର ଦ୍ୱୀପପୁଞ୍ଜରେ ବଢ଼ିଥାଏ। ପ୍ରାକୃତିକ ଉତ୍ପତ୍ତି ଆବାସ ସ୍ଥାନ ଅନୁସାରେ ମହି ଗଛ ୧୦ ରୁ ୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଗଣ୍ଡି କଠିନ, ଘନ, ଧୂସର-ବାଦାମୀ ରଙ୍ଗର। ବକଳ ବା ଛାଲି ପୃଷ୍ଠ ଧୂସରରୁ ଗାଢ଼ ବାଦାମୀ, ରୁକ୍ଷ, ଖଣ୍ଡ ଖଣ୍ଡ ହୋଇ ଉଠିଆସେ, ତନ୍ତୁମୟ; ଅଠାଳିଆ ରସ ନିର୍ଗତ ହୁଏ, ଲାଲ କଅଁଳିଆ ଶାଖା ଏବଂ ପ୍ରଶାଖାଗୁଡ଼ିକ ସୂକ୍ଷ୍ମ କେଶ ଦ୍ୱାରା ଆଚ୍ଛାଦିତ। ପତ୍ରଗୁଡ଼ିକ ସାଧାରଣତଃ ୫ ରୁ ୧୧ ଅଂଶବିଶିଷ୍ଟ, ଅଗ୍ର ଭାଗରେ ଗୋଟିଏ ପତ୍ରାଂଶ ସହିତ ଶେଷ ହୁଏ, କଅଁଳିଆ ସମୟରେ ଘନ ମଖମଲ-ଲୋମଯୁକ୍ତ ଥାଏ। ଫୁଲଗୁଡ଼ିକ ଛୋଟ ଓ ସବୁଜ-ହଳଦିଆ। ପ୍ରତି ଫୁଲରେ ସେପାଲ୍ ବା ବହିରାବରଣ ବୃନ୍ତାଧାର ୪ଟି ଓ ପାଖୁଡ଼ା ୪ଟି ଥାଏ। ଫୁଲକେଶରଗୁଡ଼ିକ ବହୁତ ଛୋଟ ଏବଂ ଡିମ୍ବାଶୟ ଉପରିସ୍ଥ। ବେରି ଭଳି ଦେଖାଯାଉଥିବା ଫଳଗୁଡ଼ିକ ପାଚିଲେ ଲାଲ କିମ୍ବା ବାଇଗଣୀ ରଙ୍ଗଧାରଣ କରେ। ପେଣ୍ଡାରେ ଆକାରରେ ପତ୍ରହୀନ ଶାଖାର ଅଗ୍ର ବା ଶେଷରେ ଫଳଗୁଡ଼ିକ ଥାଏ। ଫଳ ୧ ରୁ ୨ ସେମି ଲମ୍ବା, ଲାଲ, ସଙ୍କୁଚିତ, ଚେପଟା, ବୃକକ୍ ଆକାରର ଓ ଏକକ ବିହନଯୁକ୍ତ।

ଇନ୍ଦ୍ରମହୀ ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ହୋଲିଷ୍ଟିକ୍ ସ୍ୱାସ୍ଥ୍ୟର ପାରମ୍ପରିକ ଚିକିତ୍ସା ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ। ଏହାକୁ ସମଗ୍ର ଭାରତରେ ଆଦିବାସୀ ଜନଜାତିମାନେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବହୁଳ ବ୍ୟବହାର କରୁଥିବା ଜଣାଯାଏ। ଏହା ପ୍ରଦାହ-ବିରୋଧୀ, ଆଣ୍ଟିମାଇକ୍ରୋବାୟଲ୍, ଆଫ୍ରୋଡିସିଆକ୍ ବା କାମଉଦ୍ଦୀପକ। ଏହା ଏକ ଜଣାଶୁଣା ପାରମ୍ପରିକ ଔଷଧୀୟ ଗଛ, ଯାହା କ୍ଷତ, ଝାଡ଼ା, ହୃଦରୋଗ, ଗଣ୍ଠିବାତ, ସାଧାରଣ ଦୁର୍ବଳତା, ନିଶାଦ୍ରବ୍ୟ ଦ୍ୱାରା ହେଉଥିବା କୋମାରେ ପ୍ରତିଷେଧକ, ଶୁକ୍ରାଣୁ କ୍ଷୟଜନିତ ଦୁର୍ବଳତା, ଦାନ୍ତ ଯନ୍ତ୍ରଣା, କାଶ ଓ ଗଳା ଯନ୍ତ୍ରଣା, ହାଡ଼ଭଙ୍ଗା ଅପସ୍ମାର, କ୍ଷତକୁ ସୁସ୍ଥ କରିବା, ଅଲସର, କାନ୍ଧ ଓ ବେକ ଯନ୍ତ୍ରଣା, କୁଷ୍ଠ ଇତ୍ୟାଦି ଚିକିତ୍ସାରେ ବହୁଳ ବ୍ୟବହୃତ ହୁଏ। ପରଜା ଏବଂ ଗଡ଼ବା ଜନଜାତି ଚର୍ମ ରୋଗର ଚିକିତ୍ସା ପାଇଁ ଛାଲି ଏବଂ ପେଟ ଯନ୍ତ୍ରଣା ପାଇଁ କୋମଳ ପତ୍ର ବ୍ୟବହାର କରନ୍ତି। ଏହି ଉଦ୍ଭିଦରେ କାର୍ବୋହାଇଡ୍ରେଟ୍, ପଲିସାକାରାଇଡ୍, ଅଠା, ପ୍ରୋଟିନ୍, ଆମିନୋ ଏସିଡ, ଗ୍ଲାଇକୋସାଇଡ୍, ଫ୍ଲାଭୋନଏଡ୍, ଟର୍ପେନଏଡ୍, ପଲିଫେନୋଲ୍, ଟାନିନ୍ ଭଳି ବିଭିନ୍ନ ଯୌଗିକ ଜୈବ ରସାୟନିକ ଉପାଦାନ ରହିଥିବା ଜଣାଯାଏ।

ଆଧ୍ୟାତ୍ମିକ ଭାବରେ ଏହାକୁ ଦୁଷ୍ଟ ଆତ୍ମାଙ୍କଠାରୁ ରକ୍ଷା କରିବା ପାଇଁ ବ୍ୟବହାର କରାଯାଏ। କଅଁଳ ପତ୍ର ଏବଂ ଗଜାକୁ ପନିପରିବା ଭାବରେ ଖିଆଯାଏ। ଗଣ୍ଡିରୁ ମିଳୁଥିବା ଅଠା ପ୍ରାୟତଃ ମିଠା ତିଆରିରେ ଏବଂ ଛାଲି ଗୁଣ୍ଡକୁ ଏକ ସୁସ୍ୱାଦ ଉପାଦାନ ଭାବରେ ବ୍ୟବହାର କରାଯାଏ। ଗଛ ଲାଖ କୀଟ ପାଇଁ ଏକ ଆବାହକ ଭାବରେ ବ୍ୟବହୃତ ହୁଏ, ଯାହା ଲାଖ ଉତ୍ପାଦନ କରେ। ଏହାର ଉତ୍କୃଷ୍ଟ ଉଇ ପ୍ରତିରୋଧୀ ଗୁଣ ପାଇଁ ଏହା ପ୍ଲାଏ-କାଠ, ଘର ନିର୍ମାଣ, ଫର୍ଣ୍ଣିଚର, ଚାଉଳ ପାଉଡର, କାରୁକାର୍ଯ୍ୟ ଏବଂ ଟର୍ନରୀ ଇତ୍ୟାଦିରେ ବ୍ୟବହୃତ ହୁଏ। ଡ୍ରମ୍ ଏବଂ ଗିଟାର ଭଳି ବାଦ୍ୟଯନ୍ତ୍ର ତିଆରି କରିବାରେ ଏହି ଗଛର କାଠ ବ୍ୟବହୃତ ହୁଏ। କାଣ୍ଡରୁ ଝିଙ୍ଗମ ଗମ୍ ନାମକ ଏକ ରେଜିନ୍ ମିଳିଥାଏ ଏବଂ ଏହାକୁ କାଲିକୋ ମୁଦ୍ରଣ ପାଇଁ ବ୍ୟବହୃତ ହୁଏ। ଆଖୁ ରସକୁ ସ୍ପଷ୍ଟ କରିବା ପାଇଁ ଏକ ଫ୍ଲୋକୁଲେଟିଂ ଏଜେଣ୍ଟ ଭାବରେ ମଧ୍ୟ ବ୍ୟବହୃତ ହୁଏ। ଏହାର ଛାଲିରେ ଟାନିନ୍ ଥାଏ ତେଣୁ ଏହାକୁ ଟ୍ୟାନିଂ, ରଙ୍ଗ ଭାବରେ ଏବଂ ମାଛ ଧରିବା ଜାଲ ସଂରକ୍ଷଣ ପାଇଁ ବ୍ୟବହାର କରାଯାଏ।

ଏହା ଏକ ଲାଭଦାୟକ ଉଦ୍ଭିଦ ଏବଂ ତେଣୁ ଏହାର ଚାଷକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଏହାକୁ ପ୍ରାୟତଃ କୃଷି ବନୀକରଣ ପ୍ରଣାଳୀରେ ଲଗାଯାଏ, କାରଣ ଏହା ଛାଇ ପ୍ରଦାନ କରେ ଏବଂ ମାଟିର ଉର୍ବରତାକୁ ଉନ୍ନତ କରେ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆସୁଛନ୍ତି ରାଷ୍ଟ୍ରପତି | ଗସ୍ତ ପାଇଁ ଗଛ ଓପାଡ଼ିଦେଲେ



ଭୁବନେଶ୍ୱର,୧୩।୭ (ସମିସ): ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଗଛ ଓପାଡ଼ିଦେଲେ। ଗୋଟିଏ କିମ୍ବା ଦୁଇଟି ନୁହେଁ, ଏକ କିଲୋମିଟର ବ୍ୟାପି ଲାଗିଥିବା ପ୍ରାୟ ଶହେ ଗଛ ଉପରେ ପ୍ରଶାସନ ବୁଲ୍‌ଡୋଜର୍ ଚଲାଇଦେଲା। ଗଛଗୁଡ଼ିକୁ ମୂଳରୁ ଓପାଡି ଫୋପାଡ଼ି ସେହି ସ୍ଥାନରେ କବର ଦେଇଦେଲା। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ଷକ ତଳେ ଲଗାଇଥିବା ଏହି ଗଛଗୁଡ଼ିକ ରାଷ୍ଟ୍ରପତିଙ୍କ ଗସ୍ତର

## ଏମ୍ସ ପାର୍ଶ୍ୱବର୍ତ୍ତୀ ସବୁଜିମାକୁ ଚ୍ୟାଲେଞ୍ଜ

## ସୁରକ୍ଷା ବାହାନାରେ ଜବରଦଖଲ ସୁଯୋଗ

ସୁରକ୍ଷା ନିଶ୍ଚିତ କରିବାକୁ ଉପୁଡ଼ା ଯାଇଥିବା କୁହାଯାଉଥିବାବେଳେ ଏହା ଏମ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସବୁଜିମାକୁ କିଭଳି ଚ୍ୟାଲେଞ୍ଜ ସୃଷ୍ଟି କରୁଛି ତାହା ସ୍ପଷ୍ଟ ପ୍ରତୀୟମାନ। ଅନ୍ୟପକ୍ଷରେ ସୁରକ୍ଷା ଏବଂ ସଫେଇ ଆଳରେ ପ୍ରଶାସନର ପରିବେଶ ବିରୋଧୀ କାର୍ଯ୍ୟକଳାପ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସେହିପରି ସୁରକ୍ଷା ବାହାନାରେ ଗଛ ଉପଡ଼ାଯାଇଥିବା ସ୍ଥାନରେ ଜବରଦଖଲ ପାଇଁ କିଭଳି ସୁଯୋଗ ସୃଷ୍ଟି କରାଗଲା ତାହାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ସୋମବାର ଏମ୍ସ ଗସ୍ତରେ ରହିବେ। ଏଥିପାଇଁ ଏମ୍ସ ଅଣ୍ଡରପାସ୍‌ରୁ ଏମ୍ସ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯିବା ସହ ସଫେଇକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ଏବଂ ସଫେଇ ଆଳରେ ୧କିଲୋମିଟର ରାସ୍ତାରେ ବୁଲଡୋଜର୍ ଚଲାଇ ଦିଆଗଲା। ଶହେରୁ ଊର୍ଦ୍ଧ୍ୱ ଗଛକୁ ଓପାଡ଼ି ଦିଆଗଲା। ପ୍ରଶାସନ ପକ୍ଷରୁ ବର୍ଷେ ତଳେ ବର୍ଷା ଋତୁରେ ଏହି ଗଛଗୁଡ଼ିକୁ ପୋତି ଫଟୋ ଉଠାଯାଇଥିଲା। ସବୁଜିମା ସୃଷ୍ଟି ଲାଗି ସରକାରଙ୍କ ଏହି ପଦକ୍ଷେପକୁ ନେଇ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। ବର୍ଷେ ଭିତରେ ଗଛଗୁଡ଼ିକର ଉଚ୍ଚତା ୬ରୁ ୮ ଫୁଟ୍ ହୋଇଯାଇଥିଲା। ଗଛ ଗୁଡ଼ିକର ସୁରକ୍ଷା ପାଇଁ ବିଏମ୍‌ସି ପ୍ଲାଷ୍ଟିକ୍ ବ୍ୟାରିକେଡିଂ କରିଥିଲା। ଏହି ବ୍ୟାରିକେଡ୍‌ରେ ସବୁଜ ଭୁବନେଶ୍ୱର, ଆହ୍ୱାନ ବୃକ୍ଷରୋପଣର ବୋଲି ପୋଷ୍ଟର ବି ଲାଗିଥିଲା। ହେଲେ ବିଏମ୍‌ସିର 'ଆହ୍ୱାନ ବୃକ୍ଷରୋପଣର' ନାରା ଏବଂ ପରିଶ୍ରମ ଗୋଟିଏ ବର୍ଷ ମଧ୍ୟରେ ଫସରଫାଟିଗଲା। ଚଳିତବର୍ଷ ଠିକ୍ ବର୍ଷା ସମୟରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସେହି ଗଛକୁ ପ୍ରଶାସନ ଓପାଡ଼ି ଦେଲା।

ମିଳିଥିବା ସୂଚନା ମୁତାବକ, ବିଏମ୍‌ସିର ପରିବେଶ ବିଭାଗ ପ୍ରତ୍ୟେକ ଗଛର ରକ୍ଷଣାବେକ୍ଷଣ ପାଇଁ ୯ହଜାର ଟଙ୍କା ଖର୍ଚ୍ଚ କରୁଛି। ଏହି ଗଛଗୁଡ଼ିକ ପାଇଁ ବିଏମ୍‌ସି ଏ ପର୍ଯ୍ୟନ୍ତ ପ୍ରାୟ ୯ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲାଣି। ରାଷ୍ଟ୍ରପତିଙ୍କ ସୁରକ୍ଷା ଏବଂ ସଫେଇ ଆଳରେ ୯ଲକ୍ଷ ଏବେ ସ୍ୱାହା ହୋଇଗଲା। ଏପରିକି ଗଛ କ'ଣ ପାଇଁ ଉପୁଡ଼ାଗଲା ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କ ପାଖରେ ଖବର ବି ନାହିଁ। ଏ ସମ୍ପର୍କରେ ବିଏମ୍‌ସିର ବିଭାଗୀୟ ଅଧିକାରୀ ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ କହିଛନ୍ତି କେଉଁ କାରଣ ପାଇଁ ଗଛ ଓପଡ଼ା ଯାଇଛି ତାହା ସ୍ପଷ୍ଟ ହୋଇନାହିଁ।

ରାସ୍ତା କଡ଼ ବୃକ୍ଷରୋପଣ ଦ୍ୱାରା ରାଜଧାନୀରେ ସବୁଜ ବଳୟ ସୃଷ୍ଟି ହେବା ସହ ସରକାରୀ ଜମି ଜବରଦଖଲମୁକ୍ତ ରହୁଛି। ଏହି ରାସ୍ତାରେ ଗଛ ଲାଗିବା ଦ୍ୱାରା ସରକାରୀ ଜମି ଜବରଦଖଲ ହୋଇପାରୁ ନ ଥିଲା। ଏବେ କିନ୍ତୁ ଏହି ସ୍ଥାନଗୁଡ଼ିକରୁ ଗଛ ମୁକ୍ତ ହେବା ଯୋଗୁଁ ଏଠାରେ ଜବରଦଖଲ ଆରମ୍ଭ ହୋଇଯିବ। ସୁରକ୍ଷା ଏବଂ ସଫେଇ ବାହାନାରେ ସରକାରୀ ଜମି ଜବରଦଖଲର ସୁଯୋଗ ସୃଷ୍ଟି କରାଗଲା ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।

# ଓଡ଼ିଶାରେ ଆରମ୍ଭ ହେଲା 'ଅରଫାନ୍ ସର୍ଭେ'

## 'ଆମରି ଶିଶୁ' ପୋର୍ଟାଲରେ ରହିବ ପ୍ରତ୍ୟେକ ଶିଶୁଙ୍କ ତଥ୍ୟ

ଭୁବନେଶ୍ୱର,୧୨।୭ (ସମିସ): ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଛି ଅରଫାନ୍ ସର୍ଭେ-୨୦୨୫। ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଚଳିତ ଜୁଲାଇ ମାସ ୨୧ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ପିତୃମାତୃହୀନ ଶିଶୁଙ୍କର ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରିବେ। ଏଥିରେ ଉଭୟ ପିତାମାତାଙ୍କୁ ହରାଇ ଥିବା ଶିଶୁ, ପିତାଙ୍କୁ ହରାଇ ମାତାଙ୍କ ସହିତ କିମ୍ବା ମାତାଙ୍କୁ ହରାଇ ୪୦%ରୁ ଅଧିକ ଭିନ୍ନକ୍ଷମ/ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ରୋଜଗାରହୀନ ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ କରାଯିବାର ଲକ୍ଷ୍ୟ ରହିଛି। ୨୦୨୫ ମସିହା ଜୁନ୍ ୧ ତାରିଖ ସୁଦ୍ଧା ଜନ୍ମଗ୍ରହଣ କରିଥିବା ଶିଶୁଙ୍କଠାରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏହି ଅଭିଯାନରେ ଚିହ୍ନଟ କରାଯିବ। ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଯତ୍ନ, ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ।



ଯଶୋଦା ଯୋଜନାରେ ପ୍ରତି ୪ ବର୍ଷରେ ଥରେ ସାରା ରାଜ୍ୟରେ ଏହି ସର୍ଭେ କରିବାର ବ୍ୟବସ୍ଥା ରହିଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଜିଲ୍ଲାମାନଙ୍କ ପାଇଁ ଅରଫାନ୍ ସର୍ଭେ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିପାଇଁ ରାଜ୍ୟସ୍ତରରେ ସ୍ୱତନ୍ତ୍ର ଫର୍ମ ପ୍ରସ୍ତୁତ ହେବା ସହିତ ଜିଲ୍ଲାସ୍ତରରେ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେହିପରି ଜିଲ୍ଲାସ୍ତରରେ ତାଲିମ ଦାତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ତାଲିମଦାତାମାନେ ଅଙ୍ଗନବାଡି କର୍ମୀଙ୍କୁ ସର୍ଭେ ସମ୍ବନ୍ଧୀୟ ତାଲିମମଧ ପ୍ରଦାନ କରିଛନ୍ତି। ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ସଂଗୃହିତ ତଥ୍ୟକୁ ସୁପରଭାଇଜରଙ୍କ ଦ୍ୱାରା ତଦାରଖ ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ଜରିଆରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଶିଶୁର ତଥ୍ୟକୁ 'ଆମରି ଶିଶୁ' ପୋର୍ଟାଲରେ ଦାଖଲ କରାଯିବ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏହି ତଥ୍ୟକୁ ସମ୍ମିଳିତ କରି ସବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି ବାଲେଶ୍ୱର ଗସ୍ତ କରିବ ପିସିସି ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର,୧୩।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ନାରୀ ନ୍ୟାୟ ବାହିନୀର ଆବହକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ବିଧାୟକ ସୋଫିଆ ଫିର୍ଦ୍ଦୋସ, ପିସିସି ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ, ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତି ମିଶ୍ର, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ସମ୍ପାଦିକା ଡା. ଦେବସ୍ମିତା ଶର୍ମା ଓ ମହିଳା କଂଗ୍ରେସ ନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ସଭ୍ୟ ରହିଛନ୍ତି। ଉକ୍ତ କମିଟି ସୋମବାର ବାଲେଶ୍ୱର ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

■ ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ମହିଳା କଂଗ୍ରେସ

ଭୁବନେଶ୍ୱର,୧୩।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ମହିଳା କଂଗ୍ରେସ। ରବିବାର ଏହି ପ୍ରସଙ୍ଗରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ପୀଡ଼ିତା ଏବେ ଗୁରୁତର ହୋଇ ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଓଡ଼ିଶାର ଶିକ୍ଷା, ପ୍ରଶାସନ ଓ ନାରୀ ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଫଳତା ପ୍ରମାଣ କରୁଛି। ତେଣୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦେବା ସହ ଭାରାପ୍ରାପ୍ତ ଅଧ୍ୟକ୍ଷଙ୍କ ଗିରଫ ଓ ଜଣେ ଅଭିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ମାମଲାର ନ୍ୟାୟିକ ତଦନ୍ତ କରାଯାଉ ବୋଲି ଶ୍ରୀମତୀ ବାହିନିପତି ଦାବି କରିଛନ୍ତି।

ଏହାସହିତ ପୀଡ଼ିତାଙ୍କୁ ଭେଟିବା ପାଇଁ ମହିଳା କଂଗ୍ରେସ ତରଫରୁ ଯାଇଥିବା ପ୍ରତିନିଧି ଦଳକୁ ଏବିଭିପିର ଜଣେ ରାଜ୍ୟ ସଦସ୍ୟା ଅଶାଳୀନ ବ୍ୟବହାର ପ୍ରଦର୍ଶନ ପୂର୍ବକ ଭିତରକୁ ଯିବା ପାଇଁ ଦେଉନଥିଲେ। ଏହା କ'ଣ ଏବିଭିପିର ଶିଷ୍ଟାଚାର ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀଜଣଙ୍କ ତାଙ୍କ ଉପରେ ହୋଇଥିବା ନିର୍ଯାତନା ପ୍ରସଙ୍ଗରେ ସାଂସଦ, ବିଧାୟକ ଏବଂ ପୁଲିସକୁ ଜଣାଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ କାହିଁକି ନେଲେ ନାହିଁ ବୋଲି ନାରୀ ନ୍ୟାୟ ବାହିନୀ ଅବାହାକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଉଦବେଗ ପ୍ରକାଶ କରିଛନ୍ତି। ଏହାସହ ସିଏମଓ, କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ମହିଳା କମିଶନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ସୁଦ୍ଧା ସେମାନେ ମଧ ଏହାକୁ ଗୁରୁତ୍ୱର ସହ ନେଇନାହାନ୍ତି ତେଣୁ କଂଗ୍ରେସ ଦଳ ଏହାକୁ ଦୃଢ଼ ନିନ୍ଦା କରୁଛି ବୋଲି ପିସିସି ମୁଖପାତ୍ର ସୋନାଲି ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଡବଲ ଇଞ୍ଜିନ ସରକାରରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଯେଉଁମାନେ ନ୍ୟାୟ ପାଇଁ ଦାବି କରନ୍ତି ସେମାନେ ଦମନର ଶିକାର ହୁଅନ୍ତି ବୋଲି ମୁଖପାତ୍ର ଡଃ ମନୀଷା ଦାଶପଟ୍ଟନାୟକ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିର୍ଯାତନା ନିଆଁ...

ସରକାର ବିଫଳ ହେଲେ। ବିଡ଼ମ୍ବନା ହେଉଛି ଏ ସମ୍ପର୍କରେ ଛାତ୍ରୀଜଣକ ସରକାରଙ୍କୁ ଗତ ୧ ତାରିଖରେ ଅବଗତ କରିଥିଲେ, ସ୍ଥାନୀୟ ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ହେଁ କାହିଁକି ଓ କାହା ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଓ ପରିଣତିସ୍ୱରୂପ ଗୋଟିଏ ଝିଅର ଜୀବନ ନଷ୍ଟ ହୋଇଗଲା ତାହା ସାଧାରଣ ଲୋକଙ୍କୁ ବି ବିଚଳିତ କରିଛି । ପ୍ରଥମରୁ ଦାୟିତ୍ୱରେ ଅବହେଳା କରିଥିବା ଉଚ୍ଚଶିକ୍ଷା ବିଭାଗ ତଦନ୍ତ ପାଇଁ ଏକ କମିଟି ଗଢ଼ିଛି । ଏହି କମିଟି ବାଲେଶ୍ୱରରେ ତଦନ୍ତ ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝି ଏମ୍‌ସରେ ପୀଡ଼ିତା ଛାତ୍ରୀଙ୍କୁ ଭେଟିଛନ୍ତି, ତାଙ୍କୁ ଦିଲ୍ଲୀ ଏମ୍‌ସକୁ ଚିକିତ୍ସା ନିମନ୍ତେ ପଠାଇବା ନିମନ୍ତେ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ନିଶାଣ କରିଛନ୍ତି । ରାଜ୍ୟରେ ମହିଳା ବିରୋଧୀ ହିଂସା ଚରମସ୍ଥିତିରେ ପହଞ୍ଚିଛି, ତେଣୁ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ନିମନ୍ତେ ବିଜେଡି ଦାବି କରିଛି ଓ ଆସନ୍ତାକାଲି ତାଙ୍କୁ ଭେଟିବାକୁ ସମୟ ମାଗିଛି । ଅନ୍ୟପକ୍ଷରେ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ତାଙ୍କ ବାସଭବନ ଘେରାଉ କରିଛି । ସେହିପରି ପିସିସି ସଭାପତି ମଧ ଏହି ଘଟଣାରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ରାଜ୍ୟରେ ମହିଳା ହିଂସାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ।

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା...

ସ୍ତର କମି ଯାଇଥିବାରୁ କିଡ୍‌ନୀ କାମ କରୁନାହିଁ। ପରିସ୍ରା ହେଉ ନଥିବାରୁ କିଡ୍‌ନୀକୁ କ୍ରିୟାଶୀଳ କରିବା ଲାଗି ସାଲାଇନ ଓ ଅନ୍ୟାନ୍ୟ ଚିକିତ୍ସା କରାଯାଉଛି। ନିଆଁ ଯୋଗୁଁ ରକ୍ତରେ ଏସିଡ୍ ଅଂଶ ବ୍ୟାପି ଯାଇଥିବା ଟିଏଲ୍‌ସି ପରୀକ୍ଷାରୁ ସୂଚନା ମିଳିଛି। ପୀଡ଼ିତା ୫ ଗୁଣ ଅଧିକ ସଂକ୍ରମଣର ଶିକାର ହୋଇଛନ୍ତି। ରକ୍ତଚାପ, ପଲ୍‌ସ, ରେସ୍ପିରେଟର ରେଟ୍ ଆଦି ନିୟନ୍ତ୍ରଣ କରିବା ପାଇଁ ହେମୋଡାଇନାମିକ୍ ମନିଟରିଂ କରାଯାଉଛି। ଇଞ୍ଜେକ୍ସନ ମଧ ଦିଆଯାଉଛି; ସୁଗାର ଲେବଲ୍ ଉପରେ ଦୃଷ୍ଟି ରଖାଯାଇଥିବା ବେଳେ ଭିଟାମିନ ସି, ଡି, ଏ, ଜିଙ୍କ୍ ସପ୍ଲିମେଣ୍ଟ ଦିଆଯାଉଛି। ହାର୍ଟ ବିଟ୍ ରେଟ୍ ୧୮୦ ବିପିଏମ୍ ରହିଥିବା ବେଳେ ଅମ୍ଳଜାନ ସ୍ତର ୯୮ ପ୍ରତିଶତ ରହିଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ ଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା ଡାକ୍ତର ଗିରି କହିଛନ୍ତି।

ସୌମ୍ୟାଶ୍ରୀଙ୍କ ଉନ୍ନତ ଚିକିତ୍ସା ପାଇଁ ଏମ୍‌ସ ପକ୍ଷରୁ ୧୦ ଜଣ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ନିଶ୍ଚେତକ ବିଭାଗର ପ୍ରଫେସର ଜୟନ୍ତ ମିତ୍ର, ଜେନେରାଲ ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଅନୁପମ ଦେ, ପଲ୍‌ମୋନାରି ମେଡିସିନର ପ୍ରଫେସର ମନୋଜ ପାଣିଗ୍ରାହୀ, ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରି, ସହକାରୀ ପ୍ରଫେସର ଡାକ୍ତର ଶାନ୍ତନୁ ସୁବା, କାର୍ଡିଓଲୋଜି ବିଭାଗର ସହକାରୀ ପ୍ରଫେସର ଡାକ୍ତର ଦେବାଶିଷ ଆଚାର୍ଯ୍ୟ, ନେଫ୍ରୋଲୋଜିର ସହକାରୀ ପ୍ରଫେସର ଡାକ୍ତର ସନ୍ଦୀପ ପଣ୍ଡା, ନିଶ୍ଚେତକ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବିଶ୍ରୀ ଦାସ, ନର୍ସିଂ ଅଧୀକ୍ଷକ ଡାକ୍ତର ମହାଲିଙ୍ଗମ ଓ ଆସିଷ୍ଟାଣ୍ଟ ନର୍ସିଂ ଅଧୀକ୍ଷକ ପ୍ରିୟଦର୍ଶିନୀ ସାହୁଙ୍କୁ ନେଇ କମିଟି ଗଠନ ହୋଇଥିବା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଶେଷଜ୍ଞ ଡାକ୍ତର କମିଟି ପୀଡ଼ିତାଙ୍କ ଚିକିତ୍ସାର ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ କିଛି ସୁଧାର ଆସିନାହିଁ ବୋଲି ଭୁବନେଶ୍ୱର ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି। ସୌମ୍ୟାଶ୍ରୀଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଙ୍ଗରେ ମଧ ଆଘାତ ଲାଗିଛି। ଏମିତିକି ତାଙ୍କ କିଡ୍‌ନୀ ଓ ଫୁସ୍‌ଫୁସ୍ ମଧ ପ୍ରଭାବିତ ହୋଇଛି। ବିଭିନ୍ନ ବିଭାଗର ଡାକ୍ତର ତାଙ୍କ ଚିକିତ୍ସା କରୁଛନ୍ତି। ସୌମ୍ୟାଶ୍ରୀଙ୍କୁ ଆଇସିୟୁ ଭେଣ୍ଟିଲେଟର୍‌ରେ ରଖାଯାଇଛି। ତାଙ୍କ ପାଇଁ ଆସନ୍ତା ୨୪ରୁ ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି।

## ଲୋଡ଼ିଲେ ରାଜ୍ୟପାଳଙ୍କ...

ପ୍ରାର୍ଥନା କରୁଛି। ଜଣେ ଶିକ୍ଷକ ଛାତ୍ରୀଙ୍କୁ ବାରମ୍ବାର ଯୌନ ଅନୁଗ୍ରହ ଦାବି କରି ଯୌନ ନିର୍ଯାତନା ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଅଧ୍ୟକ୍ଷଙ୍କୁ ଲେଖିଥିବା ଚିଠିରେ ସେ ଏହା ବର୍ଣ୍ଣନା କରିଛନ୍ତି। ଏହା ପୂର୍ବରୁ ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଉଲ୍ଲେଖ କରିଛନ୍ତି। ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ରହୁଥିଲେ। ଜୁଲାଇ ୧ ତାରିଖରେ ସେ ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ୍ କରି ସୋସିଆଲ ମିଡିଆରେ ତାଙ୍କର ଅଭିଯୋଗ ପୋଷ୍ଟ କରିଥିଲେ। ମାତ୍ର ଏହି ଘଟଣାକୁ କେହି ଶୁଣିଲେ ନାହିଁ କିମ୍ବା ସାହାଯ୍ୟ କଲେ ନାହିଁ। ଏଭଳି ସ୍ପର୍ଶକାତର ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ, ସେ ଦୁଃଖଦ ଭାବରେ କଲେଜ ଅଧ୍ୟକ୍ଷଙ୍କ ଚାମ୍ବର ବାହାରେ ନିଜକୁ ନିଆଁ ଲଗାଇ ଦେଲେ। ଏପରି ମର୍ମନ୍ତୁଦ ଘଟଣା ଅପ୍ରିୟ ବାସ୍ତବତାକୁ ଦର୍ଶାଉଛି ଯେ, କିପରି ସେ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି, ଉଚ୍ଚଶିକ୍ଷାମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ମଧ ନ୍ୟାୟ ପାଇପାରିଲେ ନାହିଁ।

ସେ ପୁଣି କହିଛନ୍ତି ଯେ ଆମର ଉଚ୍ଚଶିକ୍ଷା ଢାଞ୍ଚାରେ ରାଜ୍ୟପାଳ ଏଫଏମ ବିଶ୍ୱବିଦ୍ୟାଳୟ ସମେତ ପ୍ରମୁଖ ସରକାରୀ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବରେ କାର୍ଯ୍ୟ କରନ୍ତି। ଏଣୁ ନ୍ୟାୟ ପାଇଁ ଆପ୍ରାଣ ଉଦ୍ୟମ କରିଥିବା ପୀଡ଼ିତା ଛାତ୍ରୀ ଯେପରି ନ୍ୟାୟ ପାଇବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ଘଟଣାରେ ରାଜ୍ୟପାଳଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ା ବୋଲି ନବୀନ କହିଛନ୍ତି।

## ନ୍ୟାୟ ଅପେକ୍ଷାରେ...

କାହାରିକୁ ନିଯୁକ୍ତ କରାଯାଇ ନାହିଁ ଓ ବିଭାଗୀୟ ସଚିବ ଏବେ ଅସ୍ଥାୟୀ ଦାୟିତ୍ୱରେ ଅଛନ୍ତି। ମାତ୍ର ନିୟମିତ ବହୁ ସଂଖ୍ୟାରେ ମହିଳାମାନେ ତାଙ୍କୁ ଭେଟି ନ ପାରି ଫେରିଯାଉଥିବା ମଧ ଅଭିଯୋଗ ହୋଇଛି ।

ମହିଳାଙ୍କ ଅଧିକାର କ୍ଷୁର୍ଣ୍ଣ ହେବା ଭଳି କୌଣସି ଘଟଣାର ସଠିକ୍ ତଦନ୍ତ ହେଉଛି କି ନାହିଁ ତାହାକୁ ତଦାରଖ କରିବା ଦାୟିତ୍ୱ ମହିଳା କମିଶନଙ୍କର। ଆଇନଗତ ବ୍ୟବସ୍ଥା ଅନୁସାରେ ଘଟଣାର ଅଭିଯୋଗ ରିପୋର୍ଟ ଠାରୁ ଆରମ୍ଭ କରି ଆବଶ୍ୟକୀୟ ସମସ୍ତ ହସ୍ତାବିଜ୍ ସଂଗ୍ରହ କରିବା ସହ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ ଉପରେ ମଧ ତଦାରଖ କରିବା ଉଚ୍ଚ ପଦସ୍ଥ ପୁଲିସ ଅଧିକାରୀଙ୍କୁ ମଧ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଏପରି କ୍ଷେତ୍ରରେ ମହିଳା କମିଶନଙ୍କ ନିଯୁକ୍ତି କରା ନ ଯିବା ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିଛି। ଆତ୍ମଦାହ ଉଦ୍ୟମ କରିଥିବା ଛାତ୍ରୀ ଦେଇଥିବା ଅଭିଯୋଗ ପରେ ଶିକ୍ଷାନୁଷ୍ଠାନର ଆଇସି କମିଟି ପକ୍ଷରୁ କ'ଣ ତଦନ୍ତ କରାଯାଇଛି, ଏହାର ରିପୋର୍ଟ କଲେଜର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବା ସହ ଅଭିଯୁକ୍ତ ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ତାହା ବି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୁଣି ପ୍ରଜାକୋର୍ଟରେ...

ଲୋକଙ୍କୁ ନେଇ ଏକ ବୈଠକ ବସିଥିଲା ଆଦିବାସୀ ପ୍ରଥା ପରମ୍ପରା ଅନୁସାରେ, ଧରଣୀ ପେନୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ହଳ-ଲଙ୍ଗଳ ମଗା ଯାଇଥିଲା। ପରେ ଉଭୟ ପ୍ରେମିକ-ପ୍ରେମିକାଙ୍କ ବେକରେ ରଶି ଓ ହଳ-ଲଙ୍ଗଳ ଲଗାଇ ସାତ ଘେରା ବୁଲାଇଥିଲେ। ପରେ ଯୁବକଜଣଙ୍କ ତା'ର ପ୍ରେମିକାକୁ ଧରି ନିଜ ଘରକୁ ଆସି ଆଶ୍ରୟ ନେଇଛନ୍ତି। ତେବେ ଘଟଣା ସମ୍ପର୍କରେ ପ୍ରଚାରିତ ହେବା ପରେ ସ୍ଥାନୀୟ ପୁଲିସ ଗାଁକୁ ଯାଇ ଲୋକଙ୍କୁ ଏନେଇ ପଚରାଉଚରା କରିଛନ୍ତି। ପ୍ରେମୀଯୁଗଳଙ୍କୁ ଥାନାକୁ ଆଣି ପୁଲିସ୍ ପଚରାଉଚରା କରୁଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲ୍ଲାରେ ଭିନ୍ନ ଏକ ଆଦିବାସୀ ପରମ୍ପରା ରହିଛି। ଯଦି ଗୋଟିଏ ବଂଶ, ଗୋଟିଏ ଜାତିରେ ପୁଅ-ଝିଅ ପ୍ରେମ ବିବାହ କରନ୍ତି, ଗ୍ରାମର ବିଭିନ୍ନ କ୍ଷତି ହୋଇଥାଏ। ଫସଲ ନଷ୍ଟ ହୁଏ, ଚାଷ ଉଜୁଡ଼ି ଯାଏ ଏବଂ ବର୍ଷା ହୁଏ ନାହିଁ। ତେଣୁ ଧରଣୀ ପେନୁଙ୍କୁ ସନ୍ତୁଷ୍ଟ ଏବଂ ଦମ୍ପତିଙ୍କ ଭଲ ପାଇଁ ଗାଁ ମୁଣ୍ଡରେ ଆଦିବାସୀ ରୀତିନୀତିରେ ପୁଅ-ଝିଅଙ୍କୁ ବଳଦ ସଜାଇ ଦାଣ୍ଡରେ ଜୁଆଳି ପକାଇ ଗାଁ ମୁଣ୍ଡରେ ୭ଘେରା ବୁଲାଯାଏ।

## ନ୍ୟାୟିକ ତଦନ୍ତ ଦାବିକଲା ଏବିଭିପି

ଭୁବନେଶ୍ୱର, ୧୩।୭ (ସମିସ): ଏଫ୍‌ଏମ୍ କଲେଜ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦାବି କରିଛି। ବହୁ ପୂର୍ବରୁ ଛାତ୍ରୀଙ୍କ ସମର୍ଥନରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମଧ ଅଧ୍ୟକ୍ଷ ଅବହେଳା କରିଥିଲେ। ଏପରିକି ଆଇସିସି କମଟି ଘଟଣା ଚାପିବାକୁ ଉଦ୍ୟମ କରିଥିବା ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏବିଭିପି ପକ୍ଷରୁ ୪ଟି ପ୍ରମୁଖ ଦାବି କରାଯାଇଛି। କଲେଜର ଅଧ୍ୟକ୍ଷଙ୍କୁ ତୁରନ୍ତ ଗିରଫ କରିବା ସହ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ଆଇସିସିର କାର୍ଯ୍ୟକାରୀ ହେଉଛି ନା ନାହିଁ ତାର ତଦନ୍ତ କରିବାକୁ ଏବିଭିପି ଦାବି କରିଛି।

ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ ଓ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୩।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଆଜି ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୁଲିସ ମଧ୍ୟରେ ପ୍ରାୟ ଘଣ୍ଟାଏ କାଳ ଧସ୍ତାଧସ୍ତି ହେବାପରେ ପୁଲିସ ବ୍ୟାରିକେଡକୁ ଆନ୍ଦୋଳନକାରୀମାନେ ଭାଙ୍ଗି ଦେଇଥିଲେ। ପୁଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀମାନଙ୍କୁ ଉଠାଇ ନେଇଥିଲା।

ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଥିଲେ ଯେ ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି



ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସଂପୂର୍ଣ୍ଣ ଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ, ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏ ସମଗ୍ର ଘଟଣା ପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦେବା ଦରକାର।

ସେହିଭଳି ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଲେ ଯେ ମୋହନ ସରକାର ଏକ ଛାତ୍ରବିରୋଧୀ ସରକାର। ପୀଡ଼ିତା ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇବା ପାଇଁ କଲେଜର ଅଧ୍ୟକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ଶେଷରେ ହତାଶ ହୋଇ ସେ ଆତ୍ମଦାହ କରିବାପାଇଁ ନିଷ୍ପତ୍ତି ନେଲେ। ଏବିଭିପି ଛାତ୍ର ସଂଗଠନଙ୍କର ସେ ଜଣେ ସଭ୍ୟା ଥାଇ ମଧ ତାଙ୍କ ନିଜ ସଂଗଠନ ଓ ସରକାର ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ। ତେଣୁ ଓଡ଼ିଶାର ସମସ୍ତ କ୍ୟାମ୍ପସରେ ଛାତ୍ରୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ ଏହି ଘଟଣାରେ ଏବିଭିପି ଛାତ୍ର ସଂଗଠନର ଅସଲ ମୁଖା ଖୋଲିଯାଇଛି। ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ସରକାରଙ୍କର ସମସ୍ତ ସିଷ୍ଟମ ନିଷ୍କ୍ରିୟ ଓ ବଫଳ ବୋଲି ପ୍ରମାଣିତ। ସୁତରାଂ ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି।

# ଜିଏସ୍‌ଟିର ୧୮% ସ୍ଲାବ୍ ୧୨%କୁ ଖସିପାରେ

ନୂଆଦିଲ୍ଲୀ,୧୩।୭ (ଏଜେନ୍ସି): ମହଙ୍ଗା ମାଡ଼ରେ କଲବଲ ହେଉଥିବା ସାଧାରଣ ଲୋକଙ୍କ ପାଇଁ ଆଶ୍ୱସ୍ତିକର ଖବର। ଆଗାମୀ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସଟି) ପରିଷଦ ବୈଠକରେ ଘରୋଇ ଭାବେ ବ୍ୟବହାର କରାଯାଉଥିବା ଅନେକ ସାମଗ୍ରୀର ଟିକସ ହାର ହ୍ରାସ ପ୍ରସ୍ତାବ ଚର୍ଚ୍ଚାରେ ରହିଛି। ଯଦି ଏହି ପ୍ରସ୍ତାବ ଗୃହୀତ ହୋଇଯାଏ ଏହାର ସିଧା ଲାଭ ମଧ୍ୟମ ବର୍ଗ ଓ ନିମ୍ନ ଆୟକାରୀ ବର୍ଗର ଲୋକଙ୍କୁ ମିଳିବ। ବର୍ତ୍ତମାନ ସରକାର ୮ ବର୍ଷ ପୁରୁଣା ଜିଏସ୍ଟି ଢାଞ୍ଚାର ସମୀକ୍ଷା କରୁଛନ୍ତି, ଯେଉଁଥିରେ ଖାସ କରି ୧୨% ଟ୍ୟାକ୍ସ ସ୍ଲାବ ବସ୍ତୁ ଗୁଡିକୁ ରିହାତି ଦେବା ପାଇଁ ବିଚାର ହେଉଛି।

୧୨% ସ୍ଲାବରେ ଏପରି ସବୁ ଦ୍ରବ୍ୟ ଆସୁଛି ଯେଉଁଗୁଡିକ ଦୈନନ୍ଦିନ ଜୀବନରେ ଆବଶ୍ୟକତାରେ ଆସୁଛି। ଯେପରି କି ଆଚାର, ଘିଅ, ଜାମ, ଚଟଣୀ, ଫ୍ରୁଟ ଜୁସ୍, ପଇଡ ପାଣି, ଟୁଥପେଷ୍ଟ, ସାଇକେଲ, ଛତା,ମୋବାଇଲ ଫୋନ,ପ୍ରକ୍ରିୟାକୃତ ଖାଦ୍ୟ, ଜୋତା ଓ ପୋଷାକ ଆଦି। ସରକାର ଭାବୁଛନ୍ତି ଏହି ସବୁ ଉତ୍ପାଦ ଉପରେ ଶୁଳ୍କ ହ୍ରାସ ହେଲେ ଲୋକଙ୍କ ପକେଟ ଉପରୁ ବୋଝ କମିବ ଓ ଏପରି ଜିନିଷର ଚାହିଦା ବଢିବ। ଯାହାଫଳରେ ଅର୍ଥ ବ୍ୟବସ୍ଥାକୁ ନୂଆ ବଳ ମିଳିବ।

ବର୍ତ୍ତମାନ ପ୍ୟୋର ଟର୍ମ ଇନସ୍ୟୁରାନ୍ସ ପ୍ଲାନ ଉପରେ ୧୮% ଜିଏସ୍ଟି ଲାଗୁଛି। ତେବେ ସରକାର ଏହାକୁ ୧୨%କୁ ଆଣିବା ପାଇଁ ଯୋଜନା କରୁଛନ୍ତି। ଏହାସହିତ ସ୍ୱାସ୍ଥ୍ୟ ବୀମା ଉପରେ ଟିକସ ରିଆତି ମଧ ମିଳିପାରେ। ଏଣୁ ସ୍ୱାସ୍ଥ୍ୟ ସୁରକ୍ଷାକୁ ଆପଣେଇବା ସାଧାରଣ ଲୋକଙ୍କ ଲାଗି ଏବେ ସହଜ ହେବ। ଜନୈକ ବରିଷ୍ଠ ଅଧିକାରୀଙ୍କ ଅନୁସାରେ ଜିଏସଟି ହାର ହ୍ରାସ ଯୋଗୁ ନା କେବଳ ଗ୍ରାହକଙ୍କୁ ଲାଭ ମିଳିବ ବରଂ ବଜାରରେ ବିକ୍ରି ବଢ଼ିବ। ଏହା ଦ୍ୱାରା ସରକାର ଦୀର୍ଘ ଅବଧିରେ ଅଧିକ ରାଜସ୍ୱ ଆୟ କରିବେ। ତେବେ ଏହି ପ୍ରସ୍ତାବ ସବୁ ଲାଗୁ କରିବାରେ ରାଜ୍ୟଙ୍କ ସହମତି ଜରୁରୀ। ଅନେକ ରାଜ୍ୟ ପୂର୍ବରୁ ଟିକସ ହ୍ରାସକୁ ବିରୋଧ କରିଛନ୍ତି। କାରଣ ଏହା ଦ୍ୱାରା ରାଜ୍ୟ ରାଜସ୍ୱ ହ୍ରାସର ଆଶଙ୍କା ରହୁଛି।


**AFFIDAVIT**

By virtue of an affidavit sworn before The Notary Public, Sunabeda No. 275 dated 11/07/2025 I, Sri Sarat Talab, S/o - Ratnakar Talab, Village - Bahiripada, PO.- Nandapur, PS.- Nandapur, District- Koraput declare that, I have changed my son's name from **Udit Kumar Talab** to **Udaya Kumar Talab**. Henceforth, my son shall be known as **Udaya Kumar Talab** for all purposes.

Sd/- **Sarat Talab**

**AFFIDAVIT**

By virtue of an affidavit sworn before Executive Magistrate, PURI , dated 04/03/2025. I, RAMACHANDRA JENA , Address VTC - APITHI, P.S. - BHAMAGIRI, PURI declare that I have changed my name from SHRIRAM JENA to RAMACHANDRA JENA Henceforth, I shall be known as RAMACHANDRA JENA for all purposes.

**RAMACHANDRA JENA**

**PUBLIC NOTICE**

Notice is hereby given to the general public that the Partnership Firm under the name and style of "NALANDA PUBLICATION" having its principal place of business at Sukadev Bhawan, Holding No.348/8,Ward No.13, Masjid Lane, Nimchori, PO:- Chandini Chouk, Cuttack,PIN:-753002 has been dissolved as per the Dissolution Deed dated 24/05/ 2025 mutually executed by all the partners.

Sd/-
1.Smt.Arati Sahoo.
2.Smt.Rasmita Sahu.
3.Sri Subhashish Sahu.
4.Sri Soumya Prakash Sahoo

# ଛେନାପଦି-ଆବୁଲପୁରା ମୁଖ୍ୟରାସ୍ତା ଶୋଚନୀୟ
# ଆରମ୍ଭ ହେଉନି କାର୍ଯ୍ୟ, ଲୋକେ ହଇରାଣ

ହାଟଡ଼ିହୀ, ୧୩।୭ (ସମିସ)



କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ସୁଲଣ ପଞ୍ଚାୟତ ହାଇସ୍କୁଲଠାରୁ ଜଳସରପୁର ଦେଇ ଆବୁଲପୁରା ଗ୍ରାମକୁ ସଂଯୋଗ କରିଥିବା ଛେନାପଦି-ଆବୁଲପୁରା ମୁଖ୍ୟରାସ୍ତାଟି ଏବେ ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ସାଇକଲଟିଏ ବି ଗଡ଼ାଇବା କଷ୍ଟଦାୟକ। ଏହି ପଞ୍ଚାୟତ ଅନ୍ତର୍ଗତ ୪ଟି ଗ୍ରାମ ମଧ୍ୟରୁ ବିଶେଷ କରି ଜଳସରପୁର ଓ ଆବୁଲପୁରା ଗ୍ରାମବାସୀ ଏହି ରାସ୍ତାକୁ ନେଇ ନାହିଁ ନଥିବା ହଇରାଣ ହେଉଛନ୍ତି। ଆବୁଲପୁରା ମଙ୍ଗଳା-କୁଣ୍ଡୁଲାଇଙ୍କ ମନ୍ଦିରଠାରୁ ସୁଲଣ ହାଇସ୍କୁଲ ଯାଏଁ ରାସ୍ତାଟି ବଡ଼ ବଡ଼ ଖାଲଖମା ହୋଇ ରହିଛି। ଏପରି କଦର୍ଯ୍ୟ ରାସ୍ତା ଯୋଗୁଁ ସ୍କୁଲ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଅର୍ଦ୍ଧାଧିକ ସମୟ ସ୍କୁଲ କଲେଜ ଯାଇ ନପାରି ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ଗର୍ଭବତୀ ଏବଂ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସଟିଏ ଗାଁକୁ ଆସିପାରୁ ନଥିବା ବେଳେ ଜରୁରିକାଳୀନ ସମୟରେ ଦମକଳ ଗାଡ଼ି ମଧ୍ୟ ଉକ୍ତ ରାସ୍ତାରେ ଯାଇ ନପାରି ହାଇସ୍କୁଲ ନିକଟରେ ଅଟକି ରହିଯାଉଛି।

ପ୍ରକାଶ ଥାଉକି, ଗତ ୨୦୧୯ ଅଗଷ୍ଟ ୨୮ ତାରିଖ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଛେନାପଦି ଛକରୁ ଆବୁଲପୁରା ଯାଏଁ ଲମ୍ବିଥିବା ଏହି ରାସ୍ତାର ଶିଳାନ୍ୟାସ କରାଯାଇ ନବୀକରଣ କାର୍ଯ୍ୟ କରାଯାଇଥିଲା। ଶହ ଶହ ବେଆଇନ୍ ବାଲିବୋଝେଇ ଟ୍ରାକ୍ଟର ଯିବା ଦ୍ୱାରା ତାହା ଖୁବ୍ ଅଳ୍ପଦିନରେ ଭାଙ୍ଗି ନଷ୍ଟ ହୋଇଗଲା। ବର୍ତ୍ତମାନ ରାସ୍ତା ପାଇଁ ବର୍ଷା ହେଲେ ଗ୍ରାମବାସୀ ଘରୁ ବାହାରି ପାରୁନାହାନ୍ତି। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗକ୍ରମେ ପୁନର୍ବାର ଏହି ରାସ୍ତାର ନବୀକରଣ ପାଇଁ ସରକାରୀ ସ୍ୱୀକୃତି ମିଳିସାରିଛି। ଚୁକ୍ତି ଅନୁସାରେ ଚଳିତବର୍ଷ ମାର୍ଚ୍ଚ ମାସ ୨୭ ତାରିଖଠାରୁ କାର୍ଯ୍ୟ ଆରମ୍ଭ ହେବା ନେଇ ତାରିଖ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ଏଯାବତ୍ ରାସ୍ତା ନିର୍ମାଣ ଦିଗରେ ସମ୍ପୃକ୍ତ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ଆଦୌ ଦୃଷ୍ଟି ନଦେବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ବର୍ଷା ଯୋଗୁଁ କାଦୁଅ ଭର୍ତ୍ତି ଉକ୍ତ ରାସ୍ତାରେ ଯିବା ଆଦୌ ସମ୍ଭବ ହେଉ ନଥିବାରୁ କାର୍ଯ୍ୟ ଆରମ୍ଭ ହେବା ଯାଏଁ ବଡ଼ ବଡ଼ ଖାଲଖମା କ୍ରସର ଗୁଣ୍ଡ ଦ୍ୱାରା ପୋତା ଗଲେ ଗ୍ରାମବାସୀଙ୍କ ଚଳପ୍ରଚଳରେ ସୁବିଧା ହୁଅନ୍ତା ବୋଲି କୁହାଯାଇଛି। ଏଭଳି ସମସ୍ୟା ଦିଗରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ତୁରନ୍ତ ପଦକ୍ଷେପ ନେଲେ ଗ୍ରାମବାସୀ ଉପକୃତ ହେବେ।

## ମୁଖ୍ୟରାସ୍ତା ଉଚ୍ଛେଦ ସମସ୍ୟା; କେଶଦୁରାପାଳରେ ପହଞ୍ଚିଲା ପ୍ରଶାସନ



ଆନନ୍ଦପୁର, ୧୩।୭ (ସମିସ): କେଶଦୁରାପାଳ ମୁଖ୍ୟରାସ୍ତା ଜବରଦଖଲ ଉଚ୍ଛେଦ ଅଧା କରି ପ୍ରଶାସନ ନିରବ ରହିବା ଘଟଣାରେ ଗ୍ରାମବାସୀଙ୍କ ପ୍ରତିବାଦର ସମାଧାନ ପାଇଁ ଆଜି ପ୍ରଶାସନିକ ଟିମ୍ କେଶଦୁରାପାଳର ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିବା ଜଣାଯାଇଛି। ଅତିରିକ୍ତ ତହସିଲଦାର ମନୋଜ କୁମାର ଛୁରିଆ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହିତ ଖୁବଶୀଘ୍ର ଜବର ଦାଖଲ ଉଛେଦ କରାଯିବା ପାଇଁ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ପ୍ରକାଶ କରିଥିଲେ। ବଜାରରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ଲୋକମାନେ ନାହିଁନଥିବା ଅସୁବିଧା ଭୋଗ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପ୍ରଶାସନର ଅବହେଳା ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କେଶଦୁରାପାଳ ମେଡିକାଲକୁ ଆସୁଥିବା ରୋଗୀମାନେ ଏହି ନର୍ଦ୍ଦମା ପାଣିରେ ହନ୍ତସନ୍ତ ହେଉଛନ୍ତି। ଜରୁରୀ ସେବା ଦମକଳ ଓ ଆମ୍ବୁଲାନ୍ସ ମଧ୍ୟ ବଜାର ମଧ୍ୟରେ ଯିବା ଆସିବାରେ ଅସୁବିଧା ହେଉଛି। ଅଧାରେ ଅଟକିଥିବା ଜବରଦଖଲ ପ୍ରଶାସନ ତୁରନ୍ତ ଉଚ୍ଛେଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ।

## ହଷ୍ଟେଲ ଛାତରୁ ଡେଇଁ ଛାତ୍ର ମୃତ୍ୟୁ ମାମଲା: ପୁଲିସ ତଦନ୍ତ ଜାରି

ଚମ୍ପୁଆ, ୧୩।୭ (ସମିସ): ଚମ୍ପୁଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ଚମ୍ପୁଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଚାରି ମହଲା ହଷ୍ଟେଲ ଛାତରୁ ଡେଇଁ ଦଶମ ଶ୍ରେଣୀର ଛାତ୍ର କ୍ରିଷ୍ଣା ପ୍ରଧାନ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା ବେଳେ ପରିବାର ପକ୍ଷରୁ ଛାତ୍ରକୁ ମାଡ଼ ଓ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଫଳରେ ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଓ ଥାନାଧିକାରୀ ରମାକାନ୍ତ ମୁଦୁଲି ସଦଳବଳେ ବିଭିନ୍ନ ଦିଗପ୍ରତି ତର୍ଜମା କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି। ଛାତ୍ର କ୍ରିଷ୍ଣା ପ୍ରଧାନ ସକାଳରୁ ପ୍ରାର୍ଥନା ସାରି ନିଜ ରୁମକୁ ଫେରିବା କିଛି ସମୟ ପରେ ଏକ ଖୋଲା ଝରକା ଦେଇ ତଳକୁ ଡେଇଁ ପଡିଥିଲା ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଅଭିଭାବକମାନେ ଚମ୍ପୁଆ ଡାକ୍ତରଖାନା ଆସି କ୍ରିଷ୍ଣାର ମୃତ୍ୟୁର କାରଣ ଖୋଜିବା ସହିତ ବିଦ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ପାଇଁ ପୁଲିସକୁ ଅନୁରୋଧ କରିବାରୁ ପରିବାରର ତିନି ଜଣ ସଦସ୍ୟଙ୍କୁ ସିସିଟିଭି ଯାଞ୍ଚ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ପରିବାର ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ଦାବି କରିବା ସହିତ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନାକୁ ଆସନ୍ତୁ ବୋଲି ଦାବି କରିଥିଲେ।

## ଟ୍ରାନ୍ସଫର୍ମର ପାଇଁ ଅସୁରକ୍ଷିତ ଅଞ୍ଚଳବାସୀ



ବେଲବାହାଳି, ୧୩।୭ (ସମିସ): ଘସିପୁରା ବ୍ଲକ ବାତୋ ପଞ୍ଚାୟତ ଅନ୍ତର୍ଗତ କରଡାପାଳ ଗ୍ରାମର ମା' ତାରିଣୀ ମନ୍ଦିର ନିକଟରେ ଅସୁରକ୍ଷିତ ଭାବରେ ପଡି ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଆନନ୍ଦପୁର ବିଦ୍ୟୁତ୍ ଡିଭିଜନ ରାମଚନ୍ଦ୍ରପୁର ସର୍କଲରେ ଥିବା ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଥିବାରୁ ଜନଜୀବନ ପ୍ରତି ବିପଦ ଆଶଙ୍କା ରହୁଛି। ଗଛଲତା ଖାଇବାକୁ ଟ୍ରାନ୍ସଫର୍ମର ପାଖକୁ ଗାଈଗୋରୁ ଯାଉଛନ୍ତି। ବିଦ୍ୟୁତ ଆଘାତରେ ପଶୁଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ବିଭିନ୍ନ ସମୟରେ ବିଦ୍ୟୁତ ବିଭାଗକୁ ଦାବି କରି ଆସୁଥିଲେ ମଧ୍ୟ ସୁରକ୍ଷା ବାଡ଼ ଲାଗିପାରୁନାହିଁ। ତୁରନ୍ତ ଏ ଦିଗରେ ଆନନ୍ଦପୁର ବିଦ୍ୟୁତ୍ ଡିଭିଜନ ଅଧିକାରୀ ଦୃଷ୍ଟିଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମରାମତି ହେଲା ମୁର୍ଗା ମହାଦେବ ରାସ୍ତା



ଯୋଡ଼ା, ୧୩।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତର ମୁର୍ଗା ମହାଦେବ ରାସ୍ତାର ଦୁରବସ୍ଥା ନେଇ ଖବର ପ୍ରସାରଣ ପରେ ସ୍ଥାନୀୟ କମ୍ପାନୀ ପକ୍ଷରୁ ରାସ୍ତା ଉପରେ ବଡ଼ ବଡ଼ ପଥର ବିଛାଯାଇ କ୍ରସର ଡଷ୍ଟ ପକାଉଥିବା ଦେଖିବାକୁ ମିଳିଛି। ବିଲେଇପଡ଼ାଠାରୁ ମୁର୍ଗା ମହାଦେବ ମନ୍ଦିର ନିକଟ ପର୍ଯ୍ୟନ୍ତ ଏହି ପଞ୍ଚାୟତ ରାସ୍ତାଟି କମ୍ପାନୀ ଓ ଶିଳ୍ପ କମ୍ପାନୀ ଦ୍ୱାରା ଅନାୟାସରେ ବ୍ୟବହୃତ ହେଉଥିବା ବେଳେ ମୁର୍ଗା ମହାଦେବ ମନ୍ଦିର ପାଖକୁ ଯିବା ପ୍ରାୟ ଦୁଇ କିଲୋମିଟର ରାସ୍ତାଟି ଅତ୍ୟନ୍ତ ଖରାପ ହୋଇ ଖାଲଖମାରେ ଭର୍ତ୍ତି ହୋଇଥିଲା। ଆଗକୁ ଶ୍ରାବଣ ମାସ ଥିବାରୁ ମୁର୍ଗା ମହାଦେବ ମନ୍ଦିରକୁ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ଏବଂ ପାଖ ପଡ଼ୋଶୀ ରାଜ୍ୟ ଝାରଖଣ୍ଡ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଏହି ରାସ୍ତାଟି ପଞ୍ଚାୟତର ମୁଖ୍ୟରାସ୍ତା ହୋଇଥିବା ବେଳେ ଦୈନନ୍ଦିନ ଚଳାଚଳ ପାଇଁ ବିପଦପୂର୍ଣ୍ଣ ରହିଥିଲା। ଏହାକୁ ନେଇ 'ସକାଳ'ରେ ଖବର ପ୍ରସାରଣ ପରେ କମ୍ପାନୀ ପକ୍ଷରୁ ରାସ୍ତାର ମରାମତି କାମ ଆରମ୍ଭ ହୋଇଛି। ତେବେ, ଏହାକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ ଥିବା ଜଣାପଡିଛି। ରାସ୍ତାଟି ଦୀର୍ଘ ସ୍ଥାୟୀ କିପରି ହେବ ସେଥିପାଇଁ ପ୍ରଶାସନ ଦୃଷ୍ଟି ଦେବା ଉଚିତ ବୋଲି କହିଛନ୍ତି। ବିଧିବଦ୍ଧ ଭାବେ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରାଯାଉ ବୋଲି ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ପୂର୍ବତନ ସମିତିସଭ୍ୟ ଯୁଧିଷ୍ଠିର ପଲେଇ ଦାବି କରିଛନ୍ତି। ୨୦୧୭ରେ ଟେଣ୍ଡର କରାଯାଇ ଏହି ରାସ୍ତାଟି ବିଲେଇପଡ଼ାଠାରୁ ଝାରଖଣ୍ଡ ସୀମା ପର୍ଯ୍ୟନ୍ତ ପକ୍କା ରାସ୍ତା କରାଯାଇଥିଲା। ମାତ୍ରାଧିକ ଭାରୀଯାନ ଚଳାଚଳ ଦ୍ୱାରା ଧୀରେ ଧୀରେ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇ ଚାଲିବା ଅନୁପଯୋଗୀ ହୋଇପଡିଛି। ପାହାଡ଼ ନିକଟ ରାସ୍ତା ହୋଇଥିବାରୁ ବର୍ଷା ହେଲେ ପାହାଡ଼ ପାଣି ରାସ୍ତାକୁ ଆସି ରାସ୍ତା ନଷ୍ଟ ହେବାକୁ ଲାଗିଛି। ଖଣିଗୁଡିକରୁ ପରିବହନ ହୋଇ ଯାଉଥିବା ଖଣିଜ ବୋଝେଇ ବଡବଡ ଟ୍ରକର ଭାର ରାସ୍ତା ସହି ପାରୁନାହିଁ। ଆଗକୁ ଏହି ରାସ୍ତାର ନିର୍ମାଣ ଭାରୀଯାନ ଚଳାଚଳକୁ ଦୃଷ୍ଟିରେ ରଖି ନୂତନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ମଜଭୁତ ଭାବେ ନିର୍ମାଣ କରିବା ନେଇ ତହସିଲଦାର, ବିଡିଓ, ଚମ୍ପୁଆ ଉପଜିଲ୍ଲାପାଳ ଓ କେନ୍ଦୁଝର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦାବିପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି।

ସକାଳ ପ୍ରଭାବ

## ବାର୍ଷିକ ଖଣି ସୁରକ୍ଷା ସପ୍ତାହରେ ଟାଟା ଷ୍ଟିଲ୍ ପୁରସ୍କୃତ




ଯୋଡ଼ା, ୧୩।୭ (ସମିସ): ଖଣି ସୁରକ୍ଷା ମହାନିର୍ଦ୍ଦେଶକ (ଡିଜିଏମଏସ୍), ଭୁବନେଶ୍ୱର ଅଞ୍ଚଳ ଆନୁକୂଲ୍ୟରେ ରବିବାର ବଡବିଲଠାରେ ଅନୁଷ୍ଠିତ ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପାଳନ-୨୦୨୪ ଅବସରରେ ଟାଟା ଷ୍ଟିଲ୍ ପାଞ୍ଚଟି ପୁରସ୍କାର ହାସଲ କରିଛି। ଏ-୧ ସମୁଦାୟ ବର୍ଗର ପ୍ରଦର୍ଶନରେ କାଟଓମାଟି ଲୌହ ଖଣି ବିଜେତା ହୋଇ ପ୍ରଥମ ସ୍ଥାନ ଅଧିକାର କରିଛି। ଷ୍ଟଲ ପ୍ରଦର୍ଶନୀ ବର୍ଗରେ ଟାଟା ଷ୍ଟିଲକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଟାଟାଷ୍ଟିଲର ବାମେବାରି, ସଓରୁଅବିଲ ଏବଂ ନୀଳାଚଳ ଖଣିକୁ ବିଭିନ୍ନ ବର୍ଗରେ ପୁରସ୍କାର ମିଳିଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏଏମ୍ଏନ୍ଏସ୍ ମାଇନିଂ ନିର୍ଦ୍ଦେଶକ ଆଲୋକ ମେହତଓ, ଡିଏମ୍ଏସ୍ (ରିଜିଅନ-୧) ଅବନିଶ ମିଶ୍ର, ଡିଡିଏମ୍ଏସ୍ (ରିଜିଅନ-୨) ଶିବଶଙ୍କର, ଡିଡିଏମ୍ଏସ୍ (ଇଲେକ୍ଟ୍ରିକାଲ୍) ରାଞ୍ଚି, ମଳୟ ଜେନା, ଡିଡିଏମ୍ଏଏସ୍ (ରିଜିଅନ-୧) ହରିପ୍ରସାଦ, ଡିଡି ଏମ୍ଏଏସ୍ (ମେକାନିକାଲ) ରବିନ୍ଦ୍ର ବନ୍ତଓ, ଅତୁଲ କୁମାର ଭଟନଗର, ମହାପ୍ରବନ୍ଧକ (ଓଏମ୍କ୍ୟୁ) ଟାଟା ଷ୍ଟିଲ, ସୁରକ୍ଷା ବୋର୍ଡ ସଦସ୍ୟ, ସଂଘ ପ୍ରତିନିଧି, ଖଣି ଏଜେଣ୍ଟ, ମ୍ୟାନେଜର, ଅଧିକାରୀ, ଶ୍ରମିକ ନିରୀକ୍ଷକ ଏବଂ ବିଭିନ୍ନ ଖଣି କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟଦଳ ପକ୍ଷରୁ ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଟାଟା ଷ୍ଟିଲ, ଏଏମ୍ଏନ୍ଏସ୍, ଜେଏସଡବ୍ଲ୍ୟୁ, ଜିନ୍ଦଲ ଷ୍ଟିଲ, ଓଡିଶା ଖଣି ନିଗମ, ବେଦାନ୍ତ ଭଳି ବିଭିନ୍ନ ଖଣି କମ୍ପାନି ଏବଂ ଭେଣ୍ଡର ପାର୍ଟନରମାନଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଷ୍ଟଲଗୁଡିକୁ ପରିଦର୍ଶନ କରିଥିଲେ ଯେଉଁଥିରେ ନିରାପତ୍ତା ଅଭ୍ୟାସ ଏବଂ ନିରାପତ୍ତା ଉପକରଣ ପ୍ରଦର୍ଶିତ ହୋଇଥିଲା। ପୂର୍ବରୁ ଯୋଡାଠାରେ ଅନୁଷ୍ଠିତ ଖଣି ସୁରକ୍ଷା ସପ୍ତାହ ପ୍ରି-ଫାଇନାଲ୍ ଡେ ପୁରସ୍କାର ବିତରଣ ସମାରୋହରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣି, କାଟାମାଟି ଲୌହ ଖଣି, ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫଏଏମଡି) ଏବଂ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ଓ ସୁକିନ୍ଦା କ୍ରୋମାଇଟ୍ ଖଣି ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଥିଲେ।

## ସମାଜସେବୀ ବିଦ୍ୟାଧରଙ୍କ ପରଲୋକ

ବେଲବାହାଳି, ୧୩।୭ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍ଗପଡା ଗ୍ରାମର ସମାଜସେବୀ ତଥା ଚାଷୀ ବିଦ୍ୟାଧର ସାହୁ (୫୫)ଙ୍କ ପରଲୋକ ହୋଇଯାଇଛି। ଏନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ପ୍ରଥମେ କଟକର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପରେ ସ୍ୱାସ୍ଥ୍ୟରେ ସୁଧାର ନଆସିବାରୁ ଘରେ ରହି ଚିକିତ୍ସା ହେଉଥିଲେ। ଶନିବାର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ନିକଟସ୍ଥ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ ପରେ ଗୁରୁତର ହେବାରୁ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ରବିବାର ସକାଳ ସମୟରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁବାନ୍ଧବ, ପ୍ରିୟଜନ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମସ୍ଥିତ କୁସେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି।

## ବାକି ନଦେବାରୁ ଦୋକାନୀଙ୍କୁ ମରଣାତ୍ମକ ଆକ୍ରମଣ ଓ ଲୁଟ୍



ବେଲବାହାଳି, ୧୩।୭ (ସମିସ): ରାମଚନ୍ଦ୍ରପୁର ଥାନା ବାତୋ ପଞ୍ଚାୟତ ଅନ୍ତର୍ଗତ କରଡାପାଳ ବଜାର ନିକଟରେ ଏକ ଜଳଖିଆ ଦୋକାନ କରି ନିଜର ପରିବାର ଗୁଜୁରାଣ ମେଣ୍ଟାଉଥିବା ଗୋଡିଉପର ଗ୍ରାମର ମାନସ ପଣ୍ଡା (୨୨)ଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଶନିବାର ସନ୍ଧ୍ୟାରେ ନିକଟସ୍ଥ ପରମାନନ୍ଦପୁର ଗ୍ରାମର ବାବୁଲି ସାମଲ ଓ ମାନସ ଜେନା ଜଳଖିଆ ଦୋକାନକୁ ଆସି ବାକିରେ ଜଳଖିଆ ମାଗିଥିଲେ। ଦୋକାନୀ ଜଣକ ରୋକଠୋକ ବାକି ଦେବାକୁ ମନା କରିଥିଲେ। ପରେ ଜଳଖିଆ ଦୋକାନ ବନ୍ଦ କରି ସଉଦା ଆଣିବାକୁ ଯାଉଥିବା ବେଳେ ଗୋଡିଉପର ଛକରେ ମାନସ ପଣ୍ଡାଙ୍କୁ ଅଟକାଇ ମରଣାତ୍ମକ ଆକ୍ରମଣ କରିଥିଲେ। ଟଙ୍କା ଓ ଗାଡ଼ି ସହ ମୋବାଇଲ ଲୁଟି ନେଇଥିବା ସାଇଁକୁଳ ଫାଣ୍ଡି ପୁଲିସ ନିକଟରେ ଅଭିଯୋଗ କରିଛନ୍ତି ମାନସ ପଣ୍ଡା। ପୁଲିସ ପ୍ରଥମେ ସାଇଁକୁଳ ମେଡିକାଲରେ ମାନସଙ୍କୁ ଭର୍ତ୍ତି କରିବା ସହ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ଜରଦା ଦୁର୍ଘଟଣା; ହତ୍ୟା ଅଭିଯୋଗ ଆଣିଲେ ପରିବାର



ଆନନ୍ଦପୁର, ୧୩।୭ (ସମିସ): ୨୦ ନଂ ଜାତୀୟ ରାଜପଥ ଜରଦା ଛକ ନିକଟରୁ ଯୁବକ ନାରାୟଣ ମୁର୍ମୁଙ୍କ ମୃତଦେହ ମିଳିବା ଘଟଣା ନୂଆଁ ମୋଡ ନେଇଛି। ଏହା ଦୁର୍ଘଟଣାଜନିତ ମୃତ୍ୟୁ ନୁହେଁ, ନାରାୟଣଙ୍କୁ ଯାଜପୁରରୋଡରୁ ବାଇକ୍ ଯୋଗେ ନେଇ ଆସୁଥିବା ଦୁଇ ଯୁବକ ହତ୍ୟାକରି ଥିବା ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। ନାରାୟଣଙ୍କ ମା' ମାହି ମୁର୍ମୁ ଯାଜପୁରରୋଡରେ କାମ କରୁଥିବବେଳେ ସେ ସେଠାକୁ ଏକ ବାଇକ୍ ଯୋଗେ ଯାଇଥିଲେ। ସେଠାରେ ବାଇକ୍ ରଖି ବସ୍‌ରେ ଫେରିବା କଥା; ହେଲେ ସେଠାରେ ବାଇକ୍ ଧରି ପୂର୍ବରୁ ଥିବା ଘଷିପୁରା ଥାନା ନାଗାଡାହି ଅଞ୍ଚଳର ଦୁଇ ଯୁବକ ତାଙ୍କୁ ଘଷିପୁରାରେ ଛାଡ଼ି ଦେବାକୁ କହି ସାଙ୍ଗରେ ନେଇ ଆସିଥିଲେ। ଆସିବା ସମୟରେ ମା' ୨୩ଶହ ଟଙ୍କା ଦେଇଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ସାଢେ ସାତଟା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନାରାୟଣଙ୍କ ମୃତଦେହ ଜରଦା ଛକ ନିକଟରୁ ମିଳିଥିଲା। କେହି ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିବା ପୁଲିସ୍ ସନ୍ଦେହ କରିଥିଲା। ପ୍ରଶ୍ନ ଉଠୁଛି ଯେ ଯଦି ଧକ୍କା ହେଲା ତେବେ ସେ ବାଇକ୍ ବସି ଆସୁଥିବା ବାଇକ୍ କୁଆଡ଼େ ଗଲା ? ଅନ୍ୟ ଦୁଇ ଯୁବକ କୁଆଡ଼େ ଗଲେ ? ସେମାନଙ୍କ ଖୋଜ୍ ଖବର ନାହିଁ। ପୁଲିସ୍ ସେ ଯୁବକଙ୍କୁ ଧରି ପଚରାଉଚରା କଲେ ସତ୍ୟ ସାମ୍ନାକୁ ଆଣିବ ପରିବାର ଲୋକେ ଦାବି କରିଛନ୍ତି।

## ସୁଆଁପଦା ଓଏଭିରେ ମା'ପାଇଁ ଗଛଟିଏ'




ରାମଚନ୍ଦ୍ରପୁର, ୧୩।୭ (ସମିସ): ଘସିପୁରା ବ୍ଲକ ସୁଆଁପଦାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଇକୋ କ୍ଲବ ପକ୍ଷରୁ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ ସାହୁଙ୍କ ସଂଯୋଜନାରେ ଅତିଥି ଭାବେ ସ୍ଥାନୀୟ ପତିତପାବନ କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରବିଣ କବି, ସ୍ଥାନୀୟ ଫରେଷ୍ଟର ଜ୍ୟୋସ୍ନାମୟୀ ଜେନା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନେ ଅତିଥିଙ୍କ ସହ ମିଶି ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଫଳ ଫୁଲ ଏବଂ ଔଷଧୀୟ ବୃକ୍ଷର ଚାରା ରୋପଣ କରିଥିଲେ।

ଚମ୍ପୁଆ ତହସିଲ

## ଲଗାଣ ବର୍ଷାରେ ଭାଙ୍ଗିଲା ୪୭ ଘର



ଚମ୍ପୁଆ, ୧୩।୭ (ସମିସ): ଚମ୍ପୁଆ ଉପଖଣ୍ଡର ସଦରମହକୁମାରେ ଦୀର୍ଘ ଦିନଧରି ଲାଗିରହିଥିବା ଲଗାଣ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ଇଛି। କେଉଁଠି କାନ୍ଥପଡି ପରିବାର ବେଘର ହୋଇଯାଇଥିବା ବେଳେ କେଉଁଠି କାନ୍ଥପଡି ଘରର ଆସବାବପତ୍ର ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ଚମ୍ପୁଆ ତହସିଲ ଅଧିନରେ ଥିବା ୭ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ଥିବା ଗ୍ରାମଗୁଡିକରେ ପ୍ରାୟ ୪୭ଟି ଗୃହ ଭାଙ୍ଗିଯାଇଥିବା ରାଜସ୍ୱ ନିରୀକ୍ଷକ ସମ୍ପଦ ଗିରି ସୂଚନା ଦେଇଛନ୍ତି। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଜୁନ ଓ ଜୁଲାଇ ମାସରେ ବର୍ଷାର ପରିମାଣ ଅଧିକରୁ ଅଧିକ ହୋଇଥିବା କାରଣରୁ ଘରଗୁଡିକର କାନ୍ଥ ଭୁଶୁଡି ପଡିଛି। ଗତ ୨୦୨୪ ମସିହାର ଜୁନ ମାସରେ ୭୯.୮ ମିମି ବର୍ଷା ହୋଇଥିବା ବେଳେ ଜୁଲାଇ ମାସରେ ୧୪୨.୨ ମିମି ବର୍ଷା ହୋଇଥିଲା ମାତ୍ର ୨୦୨୫ ବର୍ଷର ଜୁନ ମାସରେ ୩୬୩.୦ ମିମି ବର୍ଷା ହୋଇଥିବା ବେଳେ ଜୁଲାଇ ମସର ୧୩ ତାରିଖ ସୁଦ୍ଧା ୧୬୮.୬ ମିମି ବର୍ଷା ହୋଇଥିବା କେନ୍ଦ୍ରୀୟ ଜଳବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ବର୍ଷା ଫଳରେ ପନିପରିବା ଚାଷ ପ୍ରଭାବିତ ହୋଇଥିବା ବେଳେ ପରିବା ଦର ମଧ୍ୟ ଆକାଶଛୁଆଁ ହେବାକୁ ବସିଲାଣି।

## ତେଜୁଛି ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବି

ଆନନ୍ଦପୁର, ୧୩।୭ (ସମିସ)



### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଆଗରେ ଆନ୍ଦୋଳନ ପ୍ରସ୍ତୁତି

କେନ୍ଦୁଝର ଜିଲ୍ଲାର ପ୍ରମୁଖ ଅଞ୍ଚଳ ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଆସନ୍ତା ଅଗଷ୍ଟ ୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣାକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିଗାଁ ଧନେଇ ସେବା ସଂଘ ସଭାପତି ବିଷ୍ଣୁପ୍ରସାଦ ବାରିକଙ୍କ ସଂଯୋଜନାରେ ଏହି ବୈଠକରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଦୀର୍ଘ ୧୫ବର୍ଷ ହେଲା ଏହି ଦାବି ହେଉଛିଥିବା ବେଳେ ସବୁଜ ସଂକେତ ମିଳୁନି। ଜିଲ୍ଲାରେ ମୋଟ୍ ୧୬୪.୮୨କିମି ରେଳପଥ ରହିଛି। ସମସ୍ତ ରେଳପଥ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡରେ ଅଛି। ଆନନ୍ଦପୁରବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଉପଖଣ୍ଡ ଲୋକେ ଯାଜପୁରରୋଡ ଭଦ୍ରକ ରେଳଷ୍ଟେସନ୍ ଉପରେ ନିର୍ଭର କରୁଛନ୍ତି। ୨୦୦୫ରେ ଯାଜପୁରରୋଡ଼ରୁ ଭାୟା ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼କୁ ରେଳସଂଯୋଗ କରିବାକୁ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାଛଡା ଭଦ୍ରକରୁ ଭାୟା ଆନନ୍ଦପୁର, ଘଟଗାଁ ଦେଇ ସୀତାବିଞ୍ଜି ଷ୍ଟେସନକୁ ରେଳପଥ ସଂଯୋଗ ପାଇଁ ଅନ୍ୟ ଏକ ପ୍ରସ୍ତାବ ଦିଆଯାଇଥିଲା। ୨୦୧୩-୧୪ ଆର୍ଥିକବର୍ଷରେ ଜେକେରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶିପୁରକୁ ରେଳପଥ ସଂଯୋଗପାଇଁ ପ୍ରସ୍ତାବ ଆସି ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯାଇଥିଲା; ଯାହା ନାଲିଫିତା ତଳେ ରହିଯାଇଛି। କେନ୍ଦୁଝର ଜିଲ୍ଲାର ଟାଙ୍ଗିରିଆପାଳ ଷ୍ଟେସନରୁ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳସଂଯୋଗ ହେଲେ ଉଭୟ ବ୍ୟବସାୟ ଓ ଯାତ୍ରୀଙ୍କ ପାଇଁ ସୁବିଧା ହୋଇପାରିବ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦୁଝରରୁ ସାଂସଦ ଅନନ୍ତ ନାୟକ ନିର୍ବାଚିତ ହେବାପରେ ରେଳପଥ ସଂଯୋଗପାଇଁ ପ୍ରତିଶ୍ରୁତି ଦେବାସହ ଲୋକସଭାରେ ଦାବି ଉପସ୍ଥାପନା କରିଥିଲେ। ରେଳବିଭାଗ ପକ୍ଷରୁ ଏନେଇ କୌଣସି ଘୋଷଣା କରାଯାଇନାହିଁ।

## ଟାଙ୍ଗରା ପଡ଼ିଛି ଝାଟିଆ ପଡ଼ିଆ

# ଆମ୍ବ ବଗିଚା ନାଁରେ ନେଇଗଲେ ୧୩ ଲକ୍ଷ !

ବାରିକପୁର,୧୩।୭ (ସମିସ):



ଆମ୍ବ ବଗିଚା ନାଁରେ ସରକାରୀ ଅର୍ଥକୁ କେଉଁଭଳି ବାଟମାରଣା କରାଯାଇଛି ତାହାର ଏକ ଜ୍ୱଳନ୍ତ ଚିତ୍ର ଏବେ ଦେଖିବାକୁ ମିଳିଛି। ଭଣ୍ଡାରିପୋଖରୀ ବ୍ଲକ ରଣଜିତ୍ ପଞ୍ଚାୟତ ମାହାମାଲ୍ୟାସ୍ଥିତ ଝାଟିଆ ପଡ଼ିଆଠାରେ ସରକାରଙ୍କ ପକ୍ଷରୁ ଆମ୍ବ ବଗିଚା ସୃଷ୍ଟି ପାଇଁ ୧୩ ଲକ୍ଷ ୩୦ ହଜାର ୮ଶହ ୭୫ ଟଙ୍କା ଖର୍ଚ୍ଚ କରାଯାଇଥିଲା। କରୋନା କାଳ ୨୦୨୦/୨୧ ଆର୍ଥିକ ବର୍ଷରେ ପ୍ରାୟ ପାଞ୍ଚ ଏକର ଜମିରେ ଆମ୍ବ ଚାରା ରୋପଣ ପାଇଁ ଅର୍ଥ ବ୍ୟୟବରାଦ ହୋଇଥିଲା। ଭଦ୍ରକ ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରା ଦ୍ୱାରା ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଏହି ଆମ୍ବ ବଗିଚା ସୃଷ୍ଟି ପାଇଁ ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମିକ ବାବଦକୁ ୮ଲକ୍ଷ ୫୩ ହଜାର ୮୭୫ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବୃକ୍ଷ ରୋପଣ ପରବର୍ତ୍ତୀ ବଗିଚା ସୁରକ୍ଷା ସାମଗ୍ରୀ ବାବଦକୁ ୪ଲକ୍ଷ ୭୭ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଫଳକରୁ ଜଣାପଡିଛି। ପରିତାପର ବିଷୟ, ବୃକ୍ଷ ରୋପଣର ତିନି ବର୍ଷ ପରେ ଆମ୍ବ ଫଳିବ ବୋଲି ଲକ୍ଷ୍ୟ ରଖା ଯାଇଥିଲେ ମଧ୍ୟ ତାହା କିନ୍ତୁ ବାସ୍ତବ ରୂପ ନେଇପାରି ନାହିଁ। ନାମ ଫଳକଟିକୁ ଛାଡ଼ିଦେଲେ ଝାଟିଆ ପଡ଼ିଆଠାରେ ଆଉ କିଛି ନାହିଁ। ପୂର୍ବ ଭଳି ଝାଟିଆ ପଡ଼ିଆ ଟାଙ୍ଗରା ଦେଖା ଯାଉଛି। ପଡିଆରେ ନା ଅଛି ଆମ୍ବ ଗଛ ନା ରହିଛି ସୁରକ୍ଷା ବାଡ଼। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ତିନି ବର୍ଷ ତଳେ ଜଣେ ବାବୁ ଆସି ଲୋକ ଲଗାଇ ଆମ ପଡିଆରେ ଶହଶହ ଆମ୍ବ ଗଛ ଲଗାଇଥିଲେ। କହିଥିଲେ ତିନି ବର୍ଷ ମଧ୍ୟରେ ଏହା ଏକ ବିରାଟ ଆମ୍ବ ବଗିଚାରେ ପରିଣତ ହେବ। ଗଛ ଲାଗିବାର ମାତ୍ର ଅଳ୍ପ କିଛି ମାସ ପରେ ଏହା ଧିରେଧିରେ ନଷ୍ଟ ହୋଇଥିଲା। ବଗିଚାକୁ ସଠିକ ଭାବେ ରକ୍ଷଣାବେକ୍ଷଣ କରା ଯାଇ ନଥିବା ବେଳେ ଏଠାରେ କେହି ଜଗୁଆଳି ନଥିଲେ। ଏପରିକି ବିଭାଗୀୟ ଯନ୍ତ୍ରୀ ମଧ୍ୟ ଗଛ ଲଗାଇବା ପରେ ଆଉ ସେମିତି କ୍ଷେତ୍ରକୁ ଆସିଲେ ନାହିଁ। ତେଣୁ ପରିଚାଳନାଗତ ତ୍ରୁଟି ଯୋଗୁଁ ଗ୍ରାମ୍ୟ ଆମ୍ବ ବଗିଚା ସୃଷ୍ଟି ପାଇଁ ରହିଥିବା ଲକ୍ଷ୍ୟ ନିଶ୍ଚିହ୍ନ ହୋଇଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଥିପାଇଁ ବ୍ୟୟ ହୋଇଥିବା ଅର୍ଥ ମଧ୍ୟ ଅନେକାଂଶରେ ବାଟମାରଣା ହୋଇଗଲା। ଯେଉଁଥିପାଇଁ ବୃହତ୍ତମ ବଗିଚା ଟି ସୃଷ୍ଟି ହୋଇପାରିଲା ନାହିଁ। ଏବେ କେବଳ ନାମଫଳକଟି ସାକ୍ଷୀ ଭାବେ ଦଣ୍ଡାୟମାନ ହୋଇଛି। ଆମ୍ବ ବଗିଚା ବିବାଦ ଓ ଅନ୍ୟାନ୍ୟ କାରଣରୁ ଅଧିକାରୀ ଜଣଙ୍କ ଜିଲ୍ଲା ବାହାରକୁ ବଦଳି ହୋଇ ଯିବା ପରେ ଅନ୍ୟ ଅଧିକାରୀମାନେ ମଧ୍ୟ ଏଦିଗରେ କୌଣସି ଦୃଷ୍ଟି ଦେଲେ ନାହିଁ। ବଗିଚା କାହିଁକି ଫେଲ ମାରିଲା,ଏ ବାବଦୀୟ ଅର୍ଥ କେତେ ଖର୍ଚ୍ଚ ହେଲା, କେତେ ବାଟମାରଣା ହେଲା ତାହାର ହିସାବ ଖୋଜିଲେ ମଧ୍ୟ ଆଜି ଯାଏଁ ବିଭାଗ ପାଖରେ ମିଳୁ ନାହିଁ। ଏପରିକି ଆମ୍ବ ବଗିଚା ବାବଦରେ ଅନେକ ଥର ବିଭାଗୀୟ ଅଧିକାରୀ ମାନଙ୍କୁ ପଚରା ଯାଇଥିଲେ ସୁଦ୍ଧା ସେ କଥାକୁ ଏଡାଇ ଯାଇଛନ୍ତି। ଅନୁରୂପ ଭାବେ ବାଲି ପୋଖରୀ ପଞ୍ଚାୟତ ମାନ୍ତପୁର ଗ୍ରାମ୍ୟ ଜଙ୍ଗଲଠାରେ ଆମ୍ବ ବଗିଚା ପାଇଁ ଅର୍ଥ ବ୍ୟୟ ହୋଇଥିଲା। ଯଦିଓ ସେଠାରେ କିଛି ଗଛ ବଞ୍ଚି ରହିଛି କିନ୍ତୁ ତାହା ବଗିଚା ସୃଷ୍ଟି ପାଇଁ ଆଶାନୁରୂପ ନୁହେଁ। ଝାଟିଆ ପଡ଼ିଆ ଆମ୍ବ ବଗିଚା ବାବଦରେ ଉଚ୍ଚସ୍ତରୀୟ ତଦନ୍ତ ହେଲେ ଅନେକ ଗୁମର ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।

# ଶ୍ରାବଣ ପ୍ରଥମ ସୋମବାର ପାଇଁ ଲାଗିଲାଣି କାଉଡ଼ିଆଙ୍କ ଭିଡ଼

ଭଦ୍ରକ/ଆରଡି, ୧୩।୭(ସମିସ): ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ରବିବାରଠାରୁ ଆଖଣ୍ଡଳମଣିଙ୍କ ପୀଠରେ ଲାଗିଛି କାଉଡ଼ିଆଙ୍କ ଭିଡ଼। ବୋଲ ବମ ହରହର ବମ ଧ୍ୱନିରେ ପ୍ରକମ୍ପିତ ହେଉଛି ସମଗ୍ର ଆରଡିପୀଠ। ହଜାରହଜାର କାଉଡ଼ିଆଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ବୈତରଣୀ ଓ ସାଳନ୍ଦୀ ନଦୀର ତିନିତର,

- ବୋଲବମ ହରହର ବମ ଧ୍ୱନିରେ ପ୍ରକମ୍ପିତ ସମଗ୍ର ପୀଠ
- ଭିଡ଼କୁ ଦୃଷ୍ଟିରେ ରଖି ପୀଠରେ କଡ଼ା ସୁରକ୍ଷା ବ୍ୟବସ୍ଥା



ମୁଆଁ ଓ ଧାନଖଣିଆ ଘାଟ ଦେଇ ନଦୀ ପାରି ହୋଇ ଆସୁଥିବା କାଉଡିଆ ଭକ୍ତମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀଘାଟର ଉଭୟ ପାର୍ଶ୍ୱରେ ପୁଲିସ ମୁତୟନ ରହିଥିବା ବେଳେ ନଦୀରେ ପଇଁତରା ମାରୁଛନ୍ତି ଓଡ୍ରାଫ ଓ ଅଗ୍ନିଶମ ବାହିନୀ। ସେହିପରି ସ୍ଥଳପଥରେ ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଏପଟେ କାଉଡିଆ ଭକ୍ତମାନେ ଯେପରି ଭାବେ ଶୃଙ୍ଖଳିତ ଜଳଲାଗି କରିବେ ସେଥିପାଇଁ ସ୍ୱତନ୍ତ୍ର ବାରିକେଡ ସହ ମନ୍ଦିର ଭିତରେ ଓ ବାହାରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ହେଲେ ଦୂରଦୁରାନ୍ତରରୁ ଶହଶହ କିଲୋମିଟର ଖାଲିପାଦରେ ଚାଲିଚାଲି ଆସୁଥିବା କାଉଡିଆ ଭକ୍ତ ଆସୁଥିଲେ ମଧ୍ୟ ଭଦ୍ରକ ଆଖଣ୍ଡଳମଣି ମୁଖ୍ୟରାସ୍ତା ସହ ପୀଠକୁ ସଂଯୋଗ କରୁଥିବା ଅନ୍ୟ ରାସ୍ତାର ଖାଲଖମା ରହିଥିବାରୁ ବହୁ ଅସୁବିଧାରେ ଆସୁଥିବା କହିଛନ୍ତି ଭକ୍ତ। ଏହି ରାସ୍ତାର ମରାମତି ପାଇଁ ଏକମାସ ପୂର୍ବରୁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆଲୋଚନା ହୋଇଥିଲେ ମଧ୍ୟ ମରାମତି ହୋଇ ପାରିଲା ନାହିଁ। ତାହାସହ ବସଷ୍ଟାଣ୍ଡଠାରୁ ମନ୍ଦିର ରାସ୍ତା ଓ ବାଇପାସ ରାସ୍ତା ସହ ନଦୀ ରାସ୍ତା ଅନ୍ଧକାରମୟ ରହିଥିବାରୁ ଯାତାୟାତ କରିବାରେ ନାନା ଅସୁବିଧା ଦେଖା ଦେଇଛି।

## ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ଧାମନଗର, ୧୩।୭(ସମିସ); ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ପଳିକିରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୭୬ ତମ ବନମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାକାର ରାଉତଙ୍କ ତତ୍ୱାବଧାନରେ ସ୍କୁଲ ପରିସରରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ସାହୁ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣ ସମ୍ପର୍କରେ ସଚେତନ କରିବା ସହ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ସହକାରୀ ଶିକ୍ଷକ ଅଶୋକ ନାୟକ, ଲୀଳାବତୀ ହେମ୍ବ୍ରମ, ସୁହାଗୀ ହେମ୍ବ୍ରମ, ମିନାକ୍ଷୀ ସୂତାର, କ୍ରୀଡ଼ା ଶିକ୍ଷକ ସୁଶାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀ, ଅଭିଭାବକ, କମିଟିର ସଭ୍ୟ ଓ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚଳନା କମିଟିର ସଭାପତି ସୁଧାକର ମାଝୀ ଧନ୍ୟବାଦ ଦେଇଥିଲେ।

## କାର୍ ପଛକୁ ପିଟିଲା କାର୍; ୨ ଡ୍ରାଇଭର ଅଟକ



ଧାମନଗର, ୧୩।୭(ସମିସ): ଧାମନଗର-ଭଦ୍ରକ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ଭଗବାନପୁର ପଞ୍ଚାୟତ ପଳିକିରି ଛକ ନିକଟରେ ଦୁଇଟି କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ କେହି ଆହତ ହୋଇନଥିବା ବେଳେ ଉଭୟ କାର କ୍ଷତିଗ୍ରସ୍ତ ହୋଇଛି। ଅନେକ ସମୟ ଧରି ଗାଡ଼ି ଭଙ୍ଗାରୁଜାକୁ ନେଇ ଉଭୟ ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଧାମନଗର ପୁଲିସ ଉଭୟ କାର ଏବଂ ଚାଳକଙ୍କୁ ଆଣି ଥାନାରେ ଅଟକ ରଖିଛି। ସୂଚନା ମୁତାବକ, କେନ୍ଦୁଝର ଆନନ୍ଦପୁରରୁ ଏକ କାର (ଓଡି୦୨ ୫୩୧) ଧାମନଗର ଅଭିମୁଖେ ଆସୁଥିଲା। ସେହି ସମୟରେ ଅନ୍ୟ ଏକ କାର (୨୫ ବିଏଚ ୭୨୪୨ ଇ) ବାଲେଶ୍ୱରରୁ ଯାଜପୁର ଜିଲ୍ଲା କଟିକଟା ଅଞ୍ଚଳକୁ ଯାଉଥିବା ସମୟରେ ପଳିକିରୀ ଛକ ନିକଟରେ ଆଗରେ ଯାଉଥିବା ଗାଡ଼ିକୁ ଧକ୍କା ଦେଇଥିଲା। କେନ୍ଦୁଝର ଜିଲ୍ଲା ପାହାଡପୁର,ମଦନପୁର ଅଞ୍ଚଳର ଭାଗବତ ଜେନା ଚାଳକ ଥିବା ବେଳେ ଦ୍ୱିତୀୟ କାର୍‌ରେ ଜଗତସିଂପୁର ଅଞ୍ଚଳର ବିକ୍ରମ କେଶରୀ ସାମନ୍ତରାଏ ଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ବାରମ୍ବାର ନିମ୍ନମାନର ମରାମତି କାମ ହେବାଦ୍ୱାରା ବର୍ଷା ପାଣି ଜମି ରହିବା ଫଳରେ ଗାଡ଼ିର ଚାଳକମାନେ ଖାଲ ଡିପ ନଜାଣିପାରି ବାରମ୍ବାର ଏଭଳି ଦୁର୍ଘଟଣା ହେଉଛି ବୋଲି ସ୍ଥାନୀୟ ଜନସାଧାରଣ କହୁଛନ୍ତି।

## ପାର୍ବତୀ ନାୟକଙ୍କ ପରଲୋକ

ଅସୁରାଳି, ୧୩।୭(ସମିସ): ଧର୍ମପ୍ରାଣା ମହିଳା ପାର୍ବତୀ ନାୟକଙ୍କ ୭୬ ବର୍ଷରେ ଦେହାନ୍ତ ଘଟିଛି। ତାଙ୍କ ମୃତ୍ୟୁରେ ସମଗ୍ର ଗୋବିନ୍ଦପୁର ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି। ୩ ଦିନ ତଳେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ସମୟରେ ତାଙ୍କର ସାନପୁଅ ଶ୍ରୀକାନ୍ତ ନାୟକ, ସାନବୋହୂ ଜୟନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ପହଞ୍ଚି ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବହୁ ନେତା ରାଜନେତା, ସମାଜସେବୀ ଶେଷ ଦର୍ଶନ କରିଥିଲେ। ସୁବାସଚନ୍ଦ୍ର ମହାକୁଡ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୈରାଗୀ ଦାସ, ପ୍ରଶାନ୍ତ ନାୟକ, ପ୍ରଦୀପ ନାୟକ, ଅଶୋକ ପଣ୍ଡା, ବରିଷ୍ଠ ନାଗରିକ ବ୍ରଜ ଦାସ, ଧୁଷୁରି ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ବରଗଡ। ସେବା ସମବାୟ ସମିତି ସଭାପତି ତ୍ରିଲୋଚନ ଦାସ, ସୁବ୍ରତ ବିଶ୍ୱାଳ, ରାଜେନ୍ଦ୍ର ସାହୁ ଓ ସଦାଶିବ ବେହୁରିଆ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖାଗ୍ନି ଦେଇଥିଲେ ଲକ୍ଷ୍ମୀକାନ୍ତ ନାୟକ। ରମାକାନ୍ତ ନାୟକ, ମଳୟ ନାୟକ, ହିମାଂଶୁ ନାୟକ, ସିଦ୍ଧାଂଶୁ ନାୟକ, ସୂର୍ଯ୍ୟକାନ୍ତ ନାୟକ, ଦୋଳଗୋବିନ୍ଦ ନାୟକ, ଦାମୋଦର ନାୟକ, ଅଭିରାମ ନାୟକ ଓ ଏକନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ବଜାର ସଫେଇ କାର୍ଯ୍ୟ




ବାରିକପୁର,୧୩।୭ (ସମିସ): ଭଣ୍ଡାରିପୋଖରୀ ବଜାର ସମେତ ଆଖପାଖ ସ୍ଥାନରେ ଆଜି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଦର ଦକ୍ଷିଣବାଡ ଗ୍ରାମପଞ୍ଚାୟତସ୍ତରୀୟ ମହିଳା ସଂଗଠନ ପକ୍ଷରୁ ଏହି ସଫେଇ ହୋଇଥିଲା। ସଙ୍ଗଠନ ସଭାପତି ଅନ୍ନପୂର୍ଣ୍ଣା ପଣ୍ଡା, ସମ୍ପାଦିକା ମାଳତୀ ପାତ୍ର ଓ ଏମବିକେ ସ୍ୱର୍ଣ୍ଣଲତା ବାରିକଙ୍କ ନେତୃତ୍ୱରେ ଭଣ୍ଡାରିପୋଖରୀ ଥାନା ଛକ ଓ କାଳୀମଣ୍ଡ ସଂଲଗ୍ନ ସ୍ଥାନ ସହିତ ଡାକ କାର୍ଯ୍ୟାଳୟ ଆଖପାଖ ଅଞ୍ଚଳରେ ସଫେଇ ହୋଇଥିଲା। ପଡ଼ିଥିବା ଅଳିଆ ଆବର୍ଜନାଗୁଡ଼ିକୁ ସ୍ଥାନାନ୍ତରିତ କରା ଯାଇଥିବା ବେଳେ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନାତ୍ମକ ପରାମର୍ଶ ଦିଆଯାଇଥିଲା। ଏଥିରେ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ।

## ନ୍ୟାୟ ଦାବିରେ ତିହିଡ଼ି ପୁଲିସ ବିରୋଧରେ ଏସ୍‌ପିଙ୍କୁ ଫେରାଦ

ଭଦ୍ରକ, ୧୩।୭(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଓରାଳି ଗ୍ରାମର ଏକ ପରିବାର ମରଣାନ୍ତକ ଆକ୍ରମଣର ଶିକାର ହେବା ପରେ ତିହିଡ଼ି ଥାନାରେ କରିଥିବା ଅଭିଯୋଗରେ ପୁଲିସ ପଦକ୍ଷେପ ନ ନେବାରୁ ପରିବାର ଆଜି ଏସ୍‌ପିଙ୍କୁ ଭେଟିଛନ୍ତି। ତିହିଡ଼ି ପୁଲିସ ବିରୁଦ୍ଧରେ ଅଭିଯୋଗ କରିବା ସହିତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ଓରାଳି ଗ୍ରାମର ଗାୟତ୍ରୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୯ ତାରିଖରେ ଉକ୍ତ ଗ୍ରାମର ଦୁର୍ଯ୍ୟୋଧନ ବେହେରା, ସୁନିତା ବେହେରା, ଜୟନ୍ତୀ ବେହେରା ଅନ୍ୟକିଛି ଲୋକଙ୍କ ସହିତ ମିଶି ପୂର୍ବ ଶତ୍ରୁତା କାରଣରୁ ଗାୟତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗାୟତ୍ରୀ ଗୁରୁତର ଆହତ ହୋଇ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି ହେବା ସହିତ ଅଭିଯୁକ୍ତଙ୍କ ବିରୁଦ୍ଧରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଏବେ ବି ଖୁଲମଖୁଲା ବଜାରରେ ବୁଲୁଛନ୍ତି। ସେମାନେ ପରିବାରକୁ ଧମକ ଦେଉଛନ୍ତି। ଏନେଇ ତିହିଡ଼ି ପୁଲିସ କୌଣସି ପଦକ୍ଷେପ ନେଉନାହିଁ। ଗାୟତ୍ରୀ ଆଜି ପରିବାର ସହିତ ଏସ୍‌ପି ମନୋଜ ରାଉତଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରାଇବା ସହିତ ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ନ୍ୟାୟ ନମିଳିଲେ ଆଗାମୀ ଦିନରେ ଏସପିଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।



## ଡ୍ରାଇଭର ସଂଘ ଆନ୍ଦୋଳନ ପ୍ରତ୍ୟାହୃତ




ବାରିକପୁର,୧୩।୭(ସମିସ): ଭଣ୍ଡାରିପୋଖରୀ ବ୍ଲକର ୧୬ ନମ୍ବର ଜାତୀୟ ରାଜପଥ ଆଖୁଆପଦା ବୈତରଣୀ ସେତୁ ପାର୍ଶ୍ୱରେ ଗାଡି ଚାଳକମାନେ ଶାନ୍ତିପୂର୍ଣ୍ଣ ଭାବେ ଛ ଦିନ ହେବ ଧର୍ମଘଟ କରିଥିଲେ। ସଂଘର ବ୍ଲକ ସଭାପତି ଅଭିମନ୍ୟୁ ଦାସ ଓ ସମ୍ପାଦକ ସନ୍ତୋଷ ମହାପାତ୍ରଙ୍କ ନେତୃତ୍ୱରେ ଶହଶହ ଡ୍ରାଇଭର ଏଥିରେ ସାମିଲ ହୋଇଥିଲେ। ମୋଟ ୭ ଦଫା ଦାବି ନେଇ ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟ ବ୍ୟାପୀ ହରତାଳ ଆରମ୍ଭ ହୋଇଥିବା ବେଳେ ଆଜି ସେଥିରେ ପୂର୍ଣ୍ଣଛେଦ ପଡ଼ିଛି। ସରକାର ଦାବିଗୁଡ଼ିକ ସମ୍ପର୍କରେ ବିଚାର ବିମର୍ଶ ପାଇଁ ଦେଢ ମାସ ସମୟ ନେଇଥିବା ବେଳେ ଆଜି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ତେଣୁ ସମସ୍ତ ଗାଡି ଚାଳକ ଥାନାକୁ ଆସି ଧାରଣା ପ୍ରତ୍ୟାହୃତ ହୋଇଥିବା ଥାନାଧିକାରୀଙ୍କୁ ଜଣାଇଥିଲ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି

# ବାଂଶଡ଼ା ଥାନା ସମ୍ମୁଖରେ ଦଳିତ ମହାସଂଘର ଧାରଣା

ଭଦ୍ରକ, ୧୩।୭( ସମିସ):

ଡବଲ୍ ଇଞ୍ଜିନ୍ ସରକାର ଓଡ଼ିଶାରେ କ୍ଷମତାସୀନ ହେବା ପରେ ସାରା ଓଡ଼ିଶାରେ ବିଜେପି ଓ ଆରଏସ୍‌ଏସ୍‌ର ଗୁଣ୍ଡାବାହିନୀ ଆଇନକୁ ନିଜ ହାତକୁ ନେଇ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରୁଛନ୍ତି। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ମୁସଲମାନ ଓ ଖ୍ରୀଷ୍ଟିଆନ ମାନଙ୍କ ଉପରେ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଛି। ଏହିକ୍ରମରେ ବାଂଶଡା ଥାନାଞ୍ଚଳରେ ଆକ୍ରମଣ ଓ ଅରାଜକତା ଅସହ୍ୟ ହୋଇପଡ଼ିଥିବା ଅଭିଯୋଗ କରି ଦଳିତ ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଅଭିଯୋଗ ଅନୁସାରେ, ଖଦାଳପୋଖରୀ ପଞ୍ଚାୟତର ଦଳିତ ନେତା ଅଞ୍ଜନ ଦାସଙ୍କୁ ୨ ମାସ ତଳେ ବିଜେପିର କିଛି ସଦସ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଣି ୫ ଦିନ ତଳେ ତାଙ୍କ ବୃଦ୍ଧ ପିତାମାତାଙ୍କ ଉପରେ ବିଜେପି ପକ୍ଷରୁ ଉଗ୍ର ଭାବେ ଆକ୍ରମଣ କରାଯାଇଛି। କୌଣସି ଆସାମୀଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ମେଘାନୂଆଗାଁର ମାଗୁଣି ଚରଣ ସିଂଙ୍କ ପରିବାର ଉପରେ ବର୍ଷକରେ ଅସାମାଜିକ ବ୍ୟକ୍ତିମାନେ ୪ ଥର ଆକ୍ରମଣ କରିଛନ୍ତି। ୪ଟି ଏତଲା ବଂଶଡା ଥାନାରେ ପଞ୍ଜୀକରଣ ହୋଇଥିଲେ ହେଁ କୌଣସି ଆସାମୀକୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। କୁଆଁରୀକାନ୍ଥୀ ଗ୍ରାମର ସଞ୍ଜୁଲତା ଦାସଙ୍କ ପରିବାର ଉପରେ ଲଗାତର ଆକ୍ରମଣ କରୁଛନ୍ତି କିନ୍ତୁ ଅଭିଯୁକ୍ତମାନେ ଶାସକ ଦଳର ହୋଇଥିବାରୁ ସେମାନଙ୍କୁ ଗିରଫ କରାଯାଉ ନଥିବା ଅଭିଯୋଗ ହୋଇଛି। ଖଦାଳପୋଖରୀ ଗ୍ରାମର ସଞ୍ଜୟିନି ଦାସଙ୍କ ପରିବାର ଉପରେ ବିଜେପି ୨ ମାସ ତଳେ ଭୟଙ୍କର ଆକ୍ରମଣ କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆସାମୀ ଗିରଫ ହେଲେନାହିଁ।

ବାଂଶଡା ଥାନା ଅଧିନସ୍ଥ ବିଭିନ୍ନ ଗ୍ରାମରେ ବିଜେପିର ଗୁଣ୍ଡାଙ୍କୁ ତୁରନ୍ତ ଗିରଫ, ଅଞ୍ଜନ ଦାସଙ୍କ ସମେତ ତାଙ୍କ ବୃଦ୍ଧ ପିତାମାତାଙ୍କ ଆକ୍ରମଣକାରୀଙ୍କୁ ଗିରଫ, ଘଣ୍ଟେଶ୍ୱର ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା, ଧରାକୋଟ ଦଳିତ ଆକ୍ରମଣ ଓ ନିର୍ଯାତନା ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ, ଗୋ ସୁରକ୍ଷା ନାମରେ ମଣିଷଙ୍କ ଉପରେ ଆକ୍ରମଣ କରୁଥିବା ଆତ୍ମଘୋଷିତ ଗୋ ସୁରକ୍ଷା ବାହିନୀକୁ ବେଆଇନ ଘୋଷଣା କରିବା ଆଦି ଦାବି ନେଇ ରାଷ୍ଟ୍ରୀୟ ଦଳିତ ଆଦିବାସୀ ମହାସଂଘ ଓ ଦଳିତ ଶୋଷଣ ମୁକ୍ତି ମଞ୍ଚ ପକ୍ଷରୁ ମିଳିତ ଭାବେ ବାଂଶଡା ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲ୍ଲା ଉପଦେଷ୍ଟା ତଥା ସିପିଆଇ(ଏମ)ର ଯୁବନେତା ବିକାଶ ନାଥ, ରାଷ୍ଟ୍ରୀୟ ଦଳିତ ଆଦିବାସୀ ମହାସଂଘ ରାଜ୍ୟ ସଂପାଦକ ଅଞ୍ଜନ ଦାସ, ଜାତୀୟ କଂଗ୍ରେସ ନେତା ଦିଗମ୍ବର ଦାସ, ଜିଲ୍ଲା ସଭାପତି ହାକିମ ଦାସ, ଦଳିତ ଶୋଷଣ ମୁକ୍ତି ମଞ୍ଚର ଜିଲ୍ଲା ସଂପାଦକ ଉଜ୍ୱଳ ଯେନା, ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଜେନା, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ବାମପନ୍ଥୀ ନେତା ଗଦାଧର ପଣ୍ଡା, ରମାକାନ୍ତ ବେହେରା, ଓଡିଶା ବହୁଜନ ସାମୁଖ୍ୟ ରାଜ୍ୟ ଉପସଭାପତି ପ୍ରକାଶ ନାୟକ, ଦଳିତ ନେତା ଲକ୍ଷ୍ମୀଧର ଜେନା, ଯୁବନେତା ଅନୀଲ ରାଉତ, ପ୍ରତାପ ମହାଲିକ ପ୍ରମୁଖ ଯୋଗ ଦେଇଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି।



# ଆଇପିଏସ୍ ସୋନାଲି ମିଶ୍ରା ଆର୍‌ପିଏଫ୍‌ର ପ୍ରଥମ ମହିଳା ଡିଜି

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ବରିଷ୍ଠ ଆଇପିଏସ୍ ଅଫିସର ସୋନାଲି ମିଶ୍ରା ରେଲୱେ ପ୍ରୋଟେକସନ ଫୋର୍ସ (ଆରପିଏଫ୍)ର ପ୍ରଥମ ମହିଳା ମହା ନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପାଇଛନ୍ତି। ଜୁଲାଇ ୩୧ରୁ ସେ ମନୋଜ ଯାଦବଙ୍କଠାରୁ ଏହି ଗୁରୁଦାୟିତ୍ୱ ବହନ କରିବେ। ଏହାକୁ ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ ଅନୁମୋଦନ ଦେଇଛି। ସୋନାଲି ହେଉଛନ୍ତି ମଧ୍ୟପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର। ଭାରତର ପ୍ରଥମ ମହିଳା ଭାବେ ସେ ଏହି ଦାୟିତ୍ୱ ବହନ କରିବେ। ସେ ଏବେ ମଧ୍ୟପ୍ରଦେଶ ପୁଲିସରେ ଆଡିସନାଲ ଡାଇରେକ୍ଟର ଜେନେରାଲ (ସିଲେକସନ) ଭାବେ କାର୍ଯ୍ୟରତ ଅଛନ୍ତି। ସୋନାଲି ପୂର୍ବରୁ ୨୦୨୧ ଜୁଲାଇରେ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍)ର ପ୍ରଥମ ମହିଳା କମାଣ୍ଡର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପଞ୍ଜାବର ଭାରତ- ପାକିସ୍ତାନୀ ସୀମାରେ ନିୟୋଜିତ ଥିଲେ। କଶ୍ମୀର ଉପତ୍ୟକାରେ ମଧ୍ୟ ସେ ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବେ ବିଏସ୍ଏଫ୍ ଗୁଇନ୍ଦା ବିଭାଗର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ସେ ମଧ୍ୟ ପିପିଏମ୍‌ଡିଏସ୍ (ପ୍ରେସିଡେଣ୍ଟ ପୁଲିସ ମେଡାଲ ଫର ଡିଷ୍ଟିଙ୍ଗୁଇସ୍ ସର୍ଭିସ) ଓ ପିଏମ୍ଏମ୍ଏସ୍ (ପୁଲିସ ମେଡାଲ ଫର୍ ମେରିଟୋରିୟସ ସର୍ଭିସ) ପୁରସ୍କାର ହାସଲ କରିଛନ୍ତି।



# ଆମେରିକାରେ ଗିରଫ ହେଲେ ୮ ଖଲିସ୍ତାନୀ ଆତଙ୍କବାଦୀ




**ଜଳନ୍ଧର,୧୩।୭(ଏଜେନ୍ସି):** ଭାରତରୁ ଫେରାର ହୋଇ ଆମେରିକା ଯାଇଥିବା କେତେଜଣ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଦେଶର ଗୋଇନ୍ଦା ସଂସ୍ଥା ଏଫ୍‌ବିଆଇ ଗିରଫ କରିଛି। ଏଫ୍‌ବିଆଇ ଓ କେତେକ ସ୍ଥାନୀୟ ଏଜେନ୍ସି ଜୁଲାଇ ୧୧ରେ କାର୍ଲିଫର୍ଣ୍ଣିଆର ସେନ୍ ଜୋକ୍ୱିନ କାଉଣ୍ଟିରେ ବଡ଼ ଧରଣର ଚଢ଼ାଉ କରି ୮ ଜଣ ଖଲିସ୍ତାନୀ ଆତଙ୍କୀଙ୍କୁ ଗିରଫ କରିଛି। ଏହି ଆତଙ୍କୀମାନେ ହେଲେ ଦିଲପ୍ରୀତ ସିଂହ, ଅର୍ଶପ୍ରୀତ ସିଂହ, ଅମୃତପାଲ ସିଂହ, ବିଶାଳ, ପବିତ୍ର ସିଂହ ଓର୍ଫ ପବିତ୍ର ବାଟ୍‌ଲା, ଗୁରତାଜ ସିଂହ, ମନପ୍ରୀତ ରାନ୍ଧୱା ଓ ସରବଜିତ ସିଂହ। ଏମାନଙ୍କ ବିରୋଧରେ ଭିନ୍ନ ଭିନ୍ନ ଅପରାଧିକ ମାମଲା ରୁଜୁ କରାଯାଇଛି। ଖଲିସ୍ତାନ ନେଟ୍‌ୱର୍କକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ୍ କରାଯିବା ପରେ ସମସ୍ତଙ୍କୁ ପଚରାଉଚରା କରାଯାଇଥିଲା ଓ ପରେ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏମାନଙ୍କ ବିରୋଧରେ ଅପହରଣ, ନିର୍ଯାତନା, ଅପରାଧିକ ଷଡ଼ଯନ୍ତ୍ର, ସାକ୍ଷୀଙ୍କୁ ଭୟଭିତ କରାଇବା ଓ ଅନ୍ୟ ମାମଲା ରୁଜୁ କରାଯାଇଛି। ପବିତ୍ର ବାଟଲାକୁ ଗିରଫ କରାଯିବା ସବୁଠାରୁ ବଡ଼ ଘଟଣା ବୋଲି କୁହାଯାଇଛି। ସେ ବାବର ଖାଲସା ଇଣ୍ଟରନ୍ୟାସନାଲ ସହିତ ଜଡ଼ିତ ରହିଛି। ଏମାନେ ସବୁ ଅବୈଧ ଉପାୟରେ ଭାରତରୁ ଯାଇ ଆମେରିକାରେ ପ୍ରବେଶ କରିଥିଲେ ବୋଲି ଭାରତୀୟ ଏଜେନ୍ସିଗୁଡ଼ିକ ତରଫରୁ କୁହାଯାଇଛି।

■ ଇଣ୍ଡୋନେସିଆରେ ଅବୈଧ ଡ୍ରଗ୍ସ ଚାଲାଣ

# ୩ ଭାରତୀୟଙ୍କ ମୃତ୍ୟୁଦଣ୍ଡ ହାଇକୋର୍ଟରେ କାଏମ

**ଜାକର୍ତ୍ତା,୧୩।୭(ଏଜେନ୍ସି):** ଡ୍ରଗ୍ ତଥା ନିଶାଦ୍ରବ୍ୟ ଅବୈଧ ଚାଲାଣ ଅଭିଯୋଗରେ ୩ ଜଣ ଭାରତୀୟଙ୍କୁ ମିଳିଥିବା ମୃତ୍ୟୁ ଦଣ୍ଡାଦେଶକୁ ଇଣ୍ଡୋନେସିଆ ହାଇକୋର୍ଟ ବଜାୟ ରଖିଛନ୍ତି। ଏହି ୩ ଜଣ ଭାରତୀୟ ହେଲେ ରାଜୁ ମୁଥୁକୁମାରନ, ସେଲବଦୁରାଇ ଦିନାକରନ ଓ ଗୋବିନ୍ଦସ୍ୱାମୀ ବିମଲକନ୍ଦନ। ପୂର୍ବରୁ ଏହି ୩ ଜଣଙ୍କୁ ଗତ ଜୁନ୍ ୨୦ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୨୪ ଜୁଲାଇ ୪ରେ ଏହି ୩ ଜଣଙ୍କୁ ଇଣ୍ଡୋନେସିଆର ରିୟାଉ ଦୀପରେ ଗିରଫ୍ କରାଯାଇଥିଲା। ତାଙ୍କୁ ବାଲାଇ କରିମୁନ ଡିଷ୍ଟ୍ରିକ୍ କୋର୍ଟ ଏମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲା। ଏବେ ଏହାକୁ ହାଇକୋର୍ଟ ବଜାୟ ରଖିଛନ୍ତି। ଅବଶ୍ୟ ଭାରତ ଏହି ମାମଲାରେ ଆପତ୍ତି ଉଠାଇଛି। ଇଣ୍ଡୋନେସିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସନ୍ଦୀପ ଚକ୍ରବର୍ତ୍ତୀ ଏ ନେଇ ନିଜର ମତ ରଖିଛନ୍ତି। ଇଣ୍ଡୋନେସିଆର ନ୍ୟାୟ ବ୍ୟବସ୍ଥା ଉପରେ ଆମର ବିଶ୍ୱାସ ଓ ଭରସା ରହିଛି। କିନ୍ତୁ ଏହି ମାମଲାରେ ପ୍ରମାଣଗୁଡ଼ିକୁ ଭଲ ଭାବେ ଯାଞ୍ଚ କରାଯାଇନାହିଁ। ରେୟାର ଅଫ୍ ଦି ରେୟାରେଷ୍ଟ କେସ୍‌ରେ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ତେଣୁ ଏ ନେଇ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅମରନାଥ ଯାତ୍ରାରେ ଅଘଟଣ

# ପରସ୍ପରକୁ ଧକ୍କାଦେଲେ ୩ ବସ୍; ୧୦ ଆହତ

**ପହଲଗାମ୍,୧୩।୭(ଏଜେନ୍ସି):** ଅମରନାଥ ଯାତ୍ରା ୧୦ମ ଦିବସରେ ପହଞ୍ଚିଛି। ଯାତ୍ରା ବେଳେ ୩ଟି ବସ୍ ପରସ୍ପରକୁ ଧକ୍କା ଦେବା ଫଳରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ବାଲଟାଲକୁ ଯାଉଥିବା ଥିବା ବେଳେ ୩ଟି ବସ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ତାଚଲୁ କ୍ରସିଂ ନିକଟ୍‌ରେ ଦୁର୍ଘଟଣା ହୋଇଥିଲା। ରବିବାର ଦଶମ ଦିବସରେ ମୋଟ୍ ୧୯,୦୨୦ ଶ୍ରଦ୍ଧାଳୁ ଅମରନାଥର ପବିତ୍ର ଗୁମ୍ଫାରେ ହିମ ଶିବଲିଙ୍ଗ ଦର୍ଶନ କରିଛନ୍ତି। ଏପର୍ଯ୍ୟନ୍ତ ଏକ ଲକ୍ଷ ୮୩ ହଜାର ଭକ୍ତ ଅମରନାଥ ଦର୍ଶନ କରିସାରିଛନ୍ତି। ଏହି ପବିତ୍ର ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇଥିଲା ଓ ଏହା ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିବାର ୭,୦୪୯ ଯାତ୍ରୀଙ୍କୁ ନେଇ ଦ୍ୱାଦଶ ପର୍ଯ୍ୟାୟର ଯାତ୍ରା ଭଗବତୀ ନଗର ବେସ୍ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଯାତ୍ରାର ପ୍ରଥମ ଦିନ



ଗୁରୁବାରରେ ୧୨୩୪୮, ଶୁକ୍ରବାର ୧୪୫୧୫, ଶନିବାର ୨୧୧୦୯, ରବିବାର ୨୧୫୧୨, ସୋମବାର ୨୩୮୫୭ ଭକ୍ତ ଦର୍ଶନ ପାଇଁ ଅମରନାଥ ପହଞ୍ଚିଥିଲେ।

କୋଟାରେ ଟ୍ରକ୍‌କୁ ପିଟିଲା ଟ୍ରାଭେଲର

# ଗୋଟିଏ ପରିବାରର ୪ ମୃତ, ୧୦ ଆହତ

**କୋଟା,୧୩।୭(ଏଜେନ୍ସି):** ରବିବାର ସକାଳେ ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ୍ ୱେରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଠିଆ ହୋଇଥିବା ଏକ ଟ୍ରକ୍‌କୁ ଦ୍ରୁତଗତିରେ ଆସି ଏକ ମିନିବସ ତଥା ଟ୍ରାଭେଲର ଧକ୍କା ଦେଇଥିଲା। ଗ୍ରାମୀଣ କୋଟାର ବୁଦ୍ଧାଦିତ ଅଞ୍ଚଳରେ ଭୋର ୫ଟାରେ ଏହି ଦୁର୍ଘଟଣା ହୋଇଥିଲା। ଏଥିରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଘଟଣାସ୍ଥଳେ ମୃତ୍ୟୁବରଣ କରିଥିବା ବେଳେ ୧୦ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ଥିତି ଅତି ଗମ୍ଭୀର ବୋଲି କୁହାଯାଇଛି। ଚମ୍ବଲ ବ୍ରିଜ୍ ଉପରେ ଏହି ଟ୍ରକ୍ ଠିଆ ହୋଇଥିଲା। ଆହତଙ୍କୁ କୋଟାର ଏମ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହ ଗୁଡ଼ିକୁ ମଧ ଏହି ହସ୍ପିଟାଲରେ ରଖାଯାଇଛି। ମଧ୍ୟପ୍ରଦେଶରୁ ଇନ୍ଦୋରୁ ବସ୍‌ରେ ଏହି ପରିବାର ରାଜସ୍ଥାନର କାରୁଲି



ଯାଉଥିଲେ। ଏକ ନିର୍ବନ୍ଧ ସମାରୋହରେ ଅଂଶଗ୍ରହଣ କରି ଏମାନେ ଘରକୁ ଫେରୁଥିଲେ। ରାତି ୯ଟାରେ ଏହି ବସ୍ ଇନ୍ଦୋରରୁ ବାହାରି ଥିଲା।

## ପାଟନାରେ ସ୍ପଷ୍ଟ ଦିବାଲୋକରେ ଓକିଲଙ୍କୁ ଗୁଳି

# ୨୪ ଘଣ୍ଟାରେ ୪ ହତ୍ୟା

**ପଟନା,୧୩।୭(ଏଜେନ୍ସି):** ଅପରାଧୀଙ୍କ ଚରାଭୂଇଁ କୁହାଯାଉଥିବା ବିହାରରେ ଗତ ୨୪ ଘଣ୍ଟା ମଧ୍ୟରେ ୪ଜଣଙ୍କୁ ହତ୍ୟା କରାଯାଇଛି। ବିଧାନସଭା ନିର୍ବାଚନ ଆଉ କିଛି ମାସ ବାକିଥିବା ବେଳେ ଏଭଳି ଆଇନ ଶୃଙ୍ଖଳା ବିପର୍ଯ୍ୟୟକୁ ନେଇ ପ୍ରଶ୍ନ ଉଠିଛି ଓ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସ୍ୱଷ୍ଟ ଦିବାଲୋକରେ ଜିତେନ୍ଦ୍ର କୁମାର ମାହତୋ ନାମକ ଜଣେ ଓକିଲଙ୍କୁ କେତେଜଣ ଅଜଣା ବନ୍ଧୁକଧାରୀ ଅତି ନିକଟରୁ ଗୁଳିକରି ହତ୍ୟା କରିଛନ୍ତି। ପାଟନା ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ହୋଇଛି। ୫୮ ବର୍ଷୀୟ ଜିତେନ୍ଦ୍ର ଚା' ପିଇ ଫେରୁଥିବା ବେଳେ ତାଙ୍କୁ ଗୁଳି ହୋଇଥିଲା। ସଙ୍ଗେସଙ୍ଗେ ହସ୍ପିଟାଲକୁ ନିଆଯାଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତିଦିନ ସେହି ସ୍ଥାନକୁ ଚା ପିଇବାକୁ ଯାଉଥିବା ଜିତେନ୍ଦ୍ରଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ଜଣାପଡ଼ିନାହିଁ। ପାଟନା ସିଟି ଏଏସ୍‌ପି ଅତୁଲେଶ ଝା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସୁଲତାନପୁର ପୁଲିସ ଏହି ଘଟଣା

**ଦୁର୍ବୃତ୍ତଙ୍କ ଶୀକାର ହେଲେ ପଶୁ ଡାକ୍ତର, ବ୍ୟବସାୟୀ**

ତଦନ୍ତ ଭାର ହାତକୁ ନେଇଛି। ତଦନ୍ତ ପାଇଁ ଫୋରେନସିକ ସାଇନ୍ସ ଲାବୋରେଟୋରୀକୁ ସୂଚନା ଦିଆଯାଇଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅପରାଧୀମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରଖିଛି।

ଏହାପୂର୍ବରୁ ଶନିବାର ସୀତାମାରି ଜିଲ୍ଲାର ବ୍ୟସ୍ତବହୁଳ ମେହସାଉଲ ଛକରେ ବ୍ୟବସାୟୀ ପୁଟୁ ଖାନ୍‌ଙ୍କୁ ଅତି ନିକଟରୁ ମୁଣ୍ଡକୁ ଗୁଳିକରି ହତ୍ୟା କରାଯାଇଛି।

ସେହିପରି ପାଟନା ଜିଲ୍ଲାର ଶେଖପୁରା ଗାଁରେ ପଶୁ ଡାକ୍ତର ସୁରେନ୍ଦ୍ର କୁମାରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଚାଷ ଜମିରେ ପାଣି ଦେବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ଗୁଳି କରିଥିଲେ।

ଅନ୍ୟଏକ ଘଟଣାରେ ପାଟନାର ବିକ୍ରମ ଝା ନାମକ ଜଣେ ତେଜରାତି ଦୋକାନୀଙ୍କୁ ଅଜଣା ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। ରାମକୃଷ୍ଣ ନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ୨୪ ଘଣ୍ଟାରେ ଏଭଳି ୪ଟି ହତ୍ୟାକାଣ୍ଡ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାଜ୍ୟସଭାକୁ ୪ ସଦସ୍ୟଙ୍କୁ ମନୋନୀତ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭାକୁ ୪ ଜଣ ସଦସ୍ୟଙ୍କୁ ପଠାଇବାକୁ ସୁପାରିସ କରିଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ସରକାରୀ ଓକିଲ ତଥା ଲୋକସଭା ନିର୍ବାଚନରେ ବିଜେପିର ପ୍ରାର୍ଥୀ ଉଜ୍ଜ୍ୱଳ ନିକମ୍ ସାମିଲ ରହିଛନ୍ତି। ନିକମ୍ ମୁମ୍ବଇ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମେତ ଏକାଧିକ ମାମଲାରେ ପବ୍ଲିକ ପ୍ରସିକ୍ୟୁଟର ଥିଲେ। ସେହିପରି କେରଳର ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ୍ ସି. ଚିଦାନନ୍ଦ ମାଷ୍ଟର, ଭାରତର ପୂର୍ବତନ ବୈଦେଶିକ ସଚିବ ମୁମ୍ବଇର ହର୍ଷବର୍ଦ୍ଧନ ଶୃଙ୍ଗଳା ଏବଂ ଦିଲ୍ଲୀର ଇତିହାସକାର ତଥା ଶିକ୍ଷାବିତ୍ ମିନାକ୍ଷୀ ଜୈନ୍ ମଧ ରାଷ୍ଟ୍ରପତିଙ୍କ ସୁପାରିସ କ୍ରମେ ରାଜ୍ୟସଭା ଯିବା ନିଶ୍ଚିତ ହୋଇଛି। ଭାରତୀୟ ସମ୍ବିଧାନର ଧାରା ୮୦ (୩) ଅନୁସାରେ ରାଷ୍ଟ୍ରପତି ୧୨ଜଣଙ୍କୁ ରାଜ୍ୟସଭା ସଦସ୍ୟ ମନୋନୀତ କରିବାର ବ୍ୟବସ୍ଥା ରହିଛି।

# ଲଣ୍ଡନରେ ବିମାନ ଦୁର୍ଘଟଣା

**ଲଣ୍ଡନ,୧୩।୭(ଏଜେନ୍ସି):** ଲଣ୍ଡନର ଏସେକ୍ସସ୍ଥିତ ସାଉଥ୍‌ଏଣ୍ଡ ବିମାନ ବନ୍ଦରରେ ରବିବାର ଏକ ପ୍ୟାସେଞ୍ଜର ବିମାନ ଦୁର୍ଘଟଣାଗ୍ରସ୍ତ



ହୋଇଛି। ଉଡ଼ାଣ ଭରିବାର କିଛି ସେକେଣ୍ଡ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ବିମାନଟି ବିଚ୍ ବି-୨୦୦ ମଡେଲର ଥିଲା ଓ ଏହା ନେଦରଲାଣ୍ଡସର ଲେଲିଷ୍ଟାଡକୁ ଯାତ୍ରା କରୁଥିଲା। ଦୁର୍ଘଟଣାଗ୍ରସ୍ତ ହେବା ପରେ ବିମାନଟି ଆକାଶରେ ଏକ ନିଆଁଗୋଳା ଭଳି ଦେଖାଯାଉଥିଲା। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦୁର୍ଘଟଣାର କାରଣ ନେଇ କିଛି ସୂଚନା ମିଳିନାହିଁ। ସ୍ଥାନୀୟ ସମୟ ଅପରାହ୍ଣ ୪ ଟା ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା।

ତୈଳବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

# ଜଳିଗଲା ୧୮ ବଗି

**ଚେନ୍ନଇ,୧୩।୭(ଏଜେନ୍ସି):** ତାମିଲନାଡୁର ଥିରୁଭାଲୁର ରେଲ ଷ୍ଟେସନ ନିକଟ୍‌ରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନ୍ ମନାଲୀରୁ ଜୋଲାରକେଟ ବାଟ ଦେଇ କର୍ଣ୍ଣାଟକ ଯାଉଥିଲା। ଡିଜେଲକୁ ନେଇ ଯାଉଥିବା ଏହି ମାଲଗାଡି ଲାଇନଚ୍ୟୁତ ହେବା ଫଳରେ ୧୮ଟି ବଗି ଜଳିଯାଇଛି। ୫୨ଟି ବଗିରେ ଡିଜେଲ ଥିଲା। ସେଥିମଧ୍ୟରୁ ୪୦ଟି ଅଲଗା କରାଯାଇଛି। ଷ୍ଟେଶନ ଓ ଆଖପାଖ ଅଞ୍ଚଳକୁ ଖାଲି କରାଯାଇଛି ଓ ଏଲ୍‌ପିଜି ସିଲିଣ୍ଡରଗୁଡ଼ିକୁ ଦୂରକୁ ନିଆଯାଇଛି। ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନାହାନ୍ତି।ରବିବାର ସକାଳ ୫.୩୦ରେ ଏହି ଦୁର୍ଘଟଣା ଘଟିଛି। ନିଆଁ ଲାଗିବା ନେଇ କାରଣ ସମ୍ପର୍କରେ ଏବେ କିଛି ସୂଚନା ମିଳିନାହିଁ। ଦମକଳର ଏକାଧିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ଅପରାହ୍ଣ ସୁଦ୍ଧା ମିଳିଥିବା ସୂଚନା



ଅନୁଯାୟୀ ୧୦ଟି ଦମକଳ ଗାଡି ସହାୟତାରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଛି। ରେଳବାଇ ଓ ପୁଲିସ ରେଳ ଲାଇନ୍‌ରେ ଥିବା ଫାଟ ନେଇ ଯାଞ୍ଚ କରୁଛି।

ଅପରେସନ କାଳନେମୀ

# ୨୫୯ ନକଲି ବାବା ଗିରଫ

**ଡେରାଡୁନ,୧୩।୭(ଏଜେନ୍ସି):** ଅପରେସନ କାଳନେମୀ ଦ୍ୱାର ଉତ୍ତରାଖଣ୍ଡ ପୁଲିସ୍ ରାଜ୍ୟରେ ୨୫୯ ଜଣ ନକଲି ବାବାଙ୍କୁ ଗିରଫ କରିଛି। ଧର୍ମନାମରେ ଲୋକଙ୍କ ଧାର୍ମିକ ଭାବନା ଓ ବିଶ୍ୱାସ ସହ ଖେଳିବା ଅଭିଯୋଗରେ ଏମାନଙ୍କୁ ଗିରଫ



କରାଯାଇଛି ବୋଲି ପୁଲିସ କହିଛି। ଉତ୍ତରାଖଣ୍ଡକୁ ଦେବଭୂମି ବୋଲି ଅଭିହିତ କରାଯାଇଥାଏ। ଏବେ ଶ୍ରାବଣ ମାସ ଚାଲିଥିବା ବେଳେ କାଉଡିଆଙ୍କୁ ଭ୍ରମିତ କରିବାକୁ ଏହି ବାବାମାନେ ପ୍ରୟାସ କରୁଥିଲେ। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ସାରା ରାଜ୍ୟରେ ଲୋକଙ୍କୁ ଠକୁଥିବା ଏହି ନକଲି ସାଧୁବାବାମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଅପରେସନ କାଳନେମୀ ବୋଲି କୁହାଯାଉଛି। ଗିରଫ ହୋଇଥିବା ବାବାମାନଙ୍କ ମଧ୍ୟରୁ ଏକାଧିକ ରାଜ୍ୟ ବାହରର ଓ ଜଣେ ବାଂଲାଦେଶର ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, କାଳନେମୀ ହେଉଛି ହିନ୍ଦୁ ପୁରାଣର ଏକ ଅସୁର ତଥା ରାକ୍ଷସର ନାମ। ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥରେ ସେ ବିଭିନ୍ନ ରୂପରେ ଦେଖା ଦେଇଛି। ରାମାୟଣରେ ସେ ମାରିଚର ପୁଅ ଓ ରାବଣର ମାମୁଁ ଥିଲା। ହନୁମାନଙ୍କୁ ରୋକିବା ପାଇ ତାକୁ ପଠାଯାଇଥିଲା। ମହାଭାରତରେ ସେ ଜଣେ ଶକ୍ତଶାଳୀ ଅସୁର ଥିଲା ଓ ତାକୁ ଭଗବାନ ବିଷ୍ଣୁ ତାରକାମୟ ଯୁଦ୍ଧରେ ବଧ କରିଥିଲେ। ପରେ ସେ କଂସ ରୂପରେ ଜନ୍ମ ନେଇଥିଲା ଓ କୃଷ୍ଣ ତାକୁ ମାରିଥିଲେ।

■ ସ୍ୱଚ୍ଛତା ସର୍ବେକ୍ଷଣ ରିପୋର୍ଟ ୨୦୨୪


# ସୁପର୍ ଲିଗ୍‌ରେ ୧୫ ସହର

**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ସ୍ୱଚ୍ଛତା ସର୍ବେକ୍ଷଣ ୨୦୨୪ର ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଶ୍ରେଷ୍ଠ ୧୫ଟି ସ୍ୱଚ୍ଛ ସହରକୁ 'ସ୍ୱଚ୍ଛତା ସୁପର ଲିଗ୍'ରେ ସାମିଲ କରାଯାଇଛି। ମଧ୍ୟପ୍ରଦେଶର ଇନ୍ଦୋର, ସୁରତ, ନବୀ ମୁମ୍ବଇ ସମେତ ୧୫ଟି ସହରକୁ ସୁପର ଲିଗ୍‌ରେ ସାମିଲ କରାଯାଇଛି। ଜୁଲାଇ ୧୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱଚ୍ଛତା ସର୍ଭେ ପୁରସ୍କାର ପ୍ରଦାନ କରିବେ। ତେଣୁ ଖୁବ୍‌ଶୀଘ୍ର ଏ ନେଇ ଆନୁଷ୍ଠାନିକ ଘୋଷଣା କରାଯିବ। ଏହି ଲିଗ୍‌ରେ ସାମିଲ ହୋଇଥିବା ସହରଗୁଡ଼ିକର ର୍‍ୟାଙ୍କିଙ୍ଗ୍ ତଥା ମାନ୍ୟତା ପ୍ରଦାନ କରାଯାଇନଥାଏ। କିନ୍ତୁ ସହରଗୁଡ଼ିକୁ ୧୨,୫୦୦ ଅଙ୍କର ସ୍କିମ୍ ବାବଦରେ ଅଙ୍କ ମିଳିବ। ସ୍ୱଚ୍ଛତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଥର ଗୁଜରାଟର ଅହମଦାବାଦ୍ ପ୍ରଥମ ଓ ଲକ୍ଷ୍ନୌ ଦ୍ୱିତୀୟ ସ୍ଥାନରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସର୍ଭେ କମିଟିରେ ସ୍ଥାନ ପାଇଥିବା ଅଧିକାରୀ କହିଛନ୍ତି। ତେବେ ଏ ନେଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ରାଷ୍ଟ୍ରପତି ପୁରସ୍କାର ଦେବା ଅବସରରେ ହିଁ ତାଲିକା ଘୋଷଣା କରାଯିବ ବୋଲି କୁହାଯାଇଛି।

# ସାମରିକ ମେଣ୍ଟ ନ କରିବାକୁ ଆମେରିକା, ଦ. କୋରିଆ ଓ ଜାପାନକୁ ରୁଷ୍‌ର ଚେତାବନୀ

**ପୋଙ୍ଗୟାଙ୍ଗ୍,୧୩।୭(ଏଜେନ୍ସି):** ରୁଷିଆ ବୈଦେଶିକ ମନ୍ତ୍ରୀ ସେର୍ଗେ ଲାଭରୋଭ ଶନିବାର ଆମେରିକା, ଦକ୍ଷିଣ କୋରିଆ ଓ ଜାପାନକୁ କଡ଼ା ଚେତାବନୀ ଦେଇଛନ୍ତି। ଉତ୍ତର କୋରିଆ ବିରୋଧରେ କୌଣସି ସାମରିକ ମେଣ୍ଟ ନ କରିବାକୁ ସେ ସତର୍କ କରାଇଦେଇଛନ୍ତି। ଲାଭରୋଭ ଉତ୍ତର କୋରିଆ ଯାତ୍ରା କରିଛନ୍ତି। ସେଠାରେ ସେ ରାଷ୍ଟ୍ରପତି କିମ୍ ଜଙ୍ଗଙ୍କୁ ସାକ୍ଷାତ କରି ତାଙ୍କୁ ଭ୍ଲାଡିମୀର ପୁଟିନଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି। ଗତ କେତେବର୍ଷ ମଧ୍ୟରେ ରୁଷିଆ ଓ ଉତ୍ତର କୋରିଆ ମଧ୍ୟରେ ସମ୍ପର୍କ ବେଶ୍ ଦୃଢ଼ ହୋଇଛି। ୟୁକ୍ରେନ ବିରୋଧରେ ଯୁଦ୍ଧ ଚାଲିଥିବା ବେଳେ ଉତ୍ତର କୋରିଆ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ବଦଳରେ ରୁଷିଆ ମଧ ଉତ୍ତର କୋରିଆକୁ ଅର୍ଥନୈତିକ ଓ ସାମରିକ ସହାୟତା ଯୋଗାଇ ଦେଉଛି। ଲାଭରୋଭ ଉତ୍ତର କୋରିଆ ବୈଦେଶିକ ମନ୍ତ୍ରୀ ଚୋଇ ସୋନଙ୍କୁ ମଧ ଭେଟିଛନ୍ତି। ଉତ୍ତର କୋରିଆର ଚାରିପଟେ ଜାପାନ, ଆମେରିକା ଓ ଦକ୍ଷିଣ କୋରିଆ ସେନା ଉପସ୍ଥିତିକୁ ଜୋରଦାର କରିଛି ଓ ସୈନ୍ୟ ସଂଖ୍ୟା ବଢ଼ାଇବାରେ ଲାଗିଛି ବୋଲି ସେ କହିଛନ୍ତି। ତେଣୁ ଏଥିରୁ ନିବୃତ୍ତ ରହିବାକୁ ସେ ଏହି ୩ଟି ଦେଶକୁ ସତର୍କ କରାଇଛନ୍ତି। ଇତିମଧ୍ୟରେ ୟୁକ୍ରେନ୍ ବିପକ୍ଷରେ ଚାଲିଥିବା ଯୁଦ୍ଧରେ ରୁଷିଆର ସମର୍ଥନ କରିବା ପାଇଁ ଉତ୍ତର କୋରିଆ ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛି। ରୁଷ ଓ ଉତ୍ତର କୋରିଆ ମଧ୍ୟରେ ଗତବର୍ଷ ଏକ ସାମରିକ ଚୁକ୍ତି ହୋଇଥିଲା।

# ଯମୁନା ନଦୀରୁ ନିଖୋଜ ତ୍ରିପୁରା ଛାତ୍ରୀଙ୍କ ମୃତଦେହ ଉଦ୍ଧାର



**ନୂଆଦିଲ୍ଲୀ,୧୩।୭(ଏଜେନ୍ସି):** ତ୍ରିପୁରାର ଜଣେ ୧୯ ବର୍ଷୀୟ ଝିଅ ଦିଲ୍ଲୀରେ ନିଖୋଜ ହେବା ୬ ଦିନପରେ ତାଙ୍କ ମୃତଦେହ ଯମୁନା ନଦୀରେ ମଳିଛି। ଏହି ଝିଅ ହେଉଛନ୍ତି ଦକ୍ଷିଣ ତ୍ରିପୁରା ଜିଲ୍ଲାର ୧୯ ବର୍ଷୀୟା ସ୍ନେହା ଦେବନାଥ। ଉତ୍ତର ଦିଲ୍ଲୀର ଗୀତା କଲୋନ ଫ୍ଲାଏ ଓଭର ନିକଟରେ ଯମୁନା ନଦୀରୁ ତାଙ୍କୁ ମୃତହେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି। ସେ ଦକ୍ଷିଣ ଦିଲ୍ଲୀର ପର୍ଯ୍ୟାବରଣ କମ୍ପ୍ଲେକ୍ସରେ ରହୁଥିଲେ। ସ୍ନେହା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆତ୍ମାରାମ୍ ସନାତନ ଧର୍ମ କଲେଜରେ ପଢୁଥିଲେ ଓ ଜୁଲାଇ ୭ରେ ଶେଷଥର ପାଇଁ ନିଜ ପରିବାର ସହ ଫୋନ୍‌ରେ କଥା ହୋଇଥିଲେ। ସେ ପିତୁଆନ ନାମକ ଜଣେ ବନ୍ଧୁ ସହ ସରାଇ ରୋହିଲା ରେଳ ଷ୍ଟେସନକୁ ଯାଉଛନ୍ତି ବୋଲି ଭୋର ୫.୫୬ରେ ମାଙ୍କୁ ଫୋନ କରି ଜଣାଇଥିଲେ। କିନ୍ତୁ ୮.୪୫ରେ ସ୍ନେହାଙ୍କ ମୋବାଇଲ ସ୍ୱିଚ୍‌ଅଫ୍ ହୋଇଥିଲା। କିନ୍ତୁ ସେ ପିତୁଆନାଙ୍କୁ ଦେଖା କରି ନଥିବା ପରେ ଜଣା ପଡିଥିଲା। ତେବେ ଜଣେ କ୍ୟାବ ଡ୍ରାଇଭର ସ୍ନେହାଙ୍କୁ ଦିଲ୍ଲୀର ସିଗ୍‌ନେଚର ବ୍ରିଜ୍‌ଠାରେ ଛାଡିଦେଇଥିବା କଥା ତାଙ୍କ ପରିବାର ଦାବି କରିଛନ୍ତି। କିନ୍ତୁ ଏହାପରେ ତାଙ୍କର କୌଣସି ଖବର ମିଳି ନ ଥିଲା। ଘଟଣାର ତଦନ୍ତ ଚାଲୁରହିଛି।

# ପ୍ରେମିକ ସହ ବାରମ୍ବାର ପଳାଉଥିଲେ ପତ୍ନୀ

**ବିବାହ ବିଚ୍ଛେଦ ପରେ ଖୁସିରେ ୪ ବାଲ୍ଟି କ୍ଷୀରରେ ଗାଧୋଇଲେ ଯୁବକ**

**ଗୌହାଟୀ,୧୩।୭(ଏଜେନ୍ସି):** ଉତ୍ତରପୂର୍ବ ରାଜ୍ୟ ଆସାମରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ବିବାହ ବିଚ୍ଛେଦ ପରେ ଜଣେ ଯୁବକ ଖୁସିରେ ଆତ୍ମହରା ହୋଇ ୪ ବାଲ୍ଟି କ୍ଷୀରରେ ସ୍ନାନ କରିବା ସହ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏବେ ମୁଁ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ଓ ବହୁତ ଆନନ୍ଦିତ ଅଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ସେ କ୍ୟାମେରାରେ ରେକର୍ଡିଂ କରିଛନ୍ତି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଛି। ତାଙ୍କ ପତ୍ନୀ ବାରମ୍ବାର ତା'ର ପ୍ରେମିକ ସହ ପଳାଇ ଯାଇଥିଲେ। କିନ୍ତୁ ପରିବାରରେ ଶାନ୍ତି ବଜାୟ ରଖିବା ପାଇଁ ଚୁପ୍ ରହୁଥିଲେ ବୋଲି ସେ କହିଛନ୍ତି। ଏହି ଯୁବକଙ୍କ ନାମ ହେଉଛି ମାନିକ ଅଲି। ତାଙ୍କ ପତ୍ନୀ ପୂର୍ବରୁ ମଧ ଦୁଇଥର ଘରଛାଡି ଚାଲିଯାଇଥିଲେ ବୋଲି ସ୍ଥାନୀୟ



ଲୋକେ କୁହନ୍ତି। ଶେଷରେ ଆପୋସ ବୁଝାମଣାରେ ଦୁହେଁ ପରସ୍ପରକୁ ଛାଡପତ୍ର ଦେଇଛନ୍ତି। ଗତକାଲି ମୋ ଓକିଲ ଛାଡ଼ପତ୍ର ଫାଇନାଲ ହୋଇଛି ବୋଲି କହିଥିଲେ। ତେଣୁ ଆଜି କ୍ଷୀରରେ ସ୍ନାନ କରି ଖୁସି ମନାଉଛି ବୋଲି ମାନିକ କହିଛନ୍ତି। ଭାଇରାଲ ଭିଡିଓରେ ମାନିକ ନିଜ ଘର ବାହାରେ ଏକ ପ୍ଲାଷ୍ଟିକ୍ ସିଟ୍ ଉପରେ ଠିଆ ହୋଇଥିବାର ଦେଖାଯାଇଛି। ତାଙ୍କ ପାଖରେ ୪ ବାଲ୍ଟି କ୍ଷୀର ରଖାଯାଇଛି। ସେ ଗୋଟିଏ ପରେ ଗୋଟିଏ ବାଲ୍ଟିରୁ କ୍ଷୀର ଆଣି ଭିଡିଓରେ ସ୍ନାନ କରୁଥିବାର ଦେଖାଯାଇଛି। ସୋସିଆଲ ମିଡିଆରେ କେତେକ ୟୁଜର୍ସ ଏହାକୁ 'ସ୍ୱତନ୍ତ୍ରତା ଅର୍ଥାତ ସ୍ୱାଧୀନତା ଘୋଷଣା' କହୁଥିବା ବେଳେ ଆଉ କେତେକ ଏହାକୁ ନାଟକ ବୋଲି କହିଛନ୍ତି। ତେବେ ଏହି ଘଟଣାକୁ ନେଇ ରାଜ୍ୟ ଓ ଦେଶରେ ଚର୍ଚ୍ଚା ସୃଷ୍ଟି କରିଛି।

## ଆଜିର ରାଶିଫଳ

**ମେଷ:** ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ଧାର୍ମିକ ଯାତ୍ରା ଯୋଗ ଅଛି। କର୍ମ ଅନୁସାରେ ଫଳ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚ ହୋଇପାରେ। ଆଶା କରିଥିବା ବିଗିଡ଼ୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆର୍ଥିକ ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ବହୁ ଦିନର ଆଶା ପୂରଣ ହେବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ମକର:** ଚାକିରି ନିଶ୍ଚିତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

## ଆଜିର ଇତିହାସ

- ୧୭୮୯ - ଫ୍ରାନ୍ସ ବିପ୍ଲବ ଆରମ୍ଭ।
- ୧୮୫୦ - ମେସିନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ବରଫକୁ ସର୍ବସାଧାରଣରେ ପ୍ରଦର୍ଶନ କରାଗଲା।
- ୧୯୬୯ - ଜୟପୁରରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ପାଖାପାଖି ୮୫ ଲୋକଙ୍କ ମୃତ୍ୟୁ।
- ୧୯୭୬ - କାନାଡ଼ାରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୮୭ - ତାଇୱାନ୍‌ରେ ଦୀର୍ଘ ୩୭ ବର୍ଷ ଧରି ଚାଲିଥିବା ମିଲିଟାରୀ ଶାସନର ଅନ୍ତ ଘଟିଲା।

# ରାଜ୍‌ଙ୍କ ସହ ସମ୍ପର୍କକୁ ସ୍ୱୀକାର କଲେ ସାମନ୍ଥା



ସାଉଥ୍ ସିନେମା ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ସକ୍ରିୟ। ସେ ଏବେ ତାଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ପୁଣି ଥରେ ଚର୍ଚ୍ଚାରେ। ନିକଟରେ ସେ ଆମେରିକାରେ ଛୁଟି କାଟୁଥିବାର ଫଟୋ ସେୟାର୍ କରିଥିଲେ। ଏହି ଫଟୋଗୁଡ଼ିକରେ ସେ ରାଜ୍ ଓ ଅନ୍ୟ ସାଙ୍ଗମାନଙ୍କ ସହ ମଜାମସ୍ତି କରୁଥିବାର ନଜର ଆସିଛନ୍ତି। କିନ୍ତୁ ଏହି ଫଟୋ ମଧ୍ୟରେ ଗୋଟିଏ ଫଟୋ ସୋସିଆଲ ମିଡିଆ ୟୁଜର୍ସଙ୍କ ଧ୍ୟାନ ଆକର୍ଷଣ କରିଥିଲା। ଏହି ଫଟୋରେ ସାମନ୍ଥା ରାଜ୍ ନିଦିମୋରୁଙ୍କ ସହ ଆମେରିକାର ଏକ ରାସ୍ତାରେ ବୁଲୁଥିବାର ଦେଖାଯାଇଥିଲେ। ତେବେ ଏହି ଫଟୋ ମାଧ୍ୟମରେ ସାମନ୍ଥା ରାଜ୍‌ଙ୍କ ସହ ତାଙ୍କ ସମ୍ପର୍କକୁ ଆଉ ଲୁଚାଇବାକୁ ଚାହୁଁ ନ ଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ସାମନ୍ଥା କି ରାଜ୍ ଏଯାଏଁ କିଛି କହି ନାହାନ୍ତି। ସାମନ୍ଥାଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ସିଟାଡେଲ: ହନିବନି'ରେ ଦେଖାଯାଇଥିଲେ।

# ଜନସଂଖ୍ୟା ପ୍ରତି ବିପଦ ଏଆଇ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଚାକିରି ପ୍ରତି ବିପଦ ସୃଷ୍ଟି କରିବା ସମସ୍ତେ ଜାଣନ୍ତି। ତେବେ ଆଗାମୀ ଦିନରେ ଏଆଇର ପ୍ରଭାବ ମଣିଷ ଅସ୍ତିତ୍ୱ ଉପରେ ପଡ଼ିପାରେ ବୋଲି କୁହାଯାଉଛି। ଓକଲାହୋମା ଷ୍ଟେଟ୍ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ସୁଭାଷ କାକଙ୍କ ମତରେ, ଯଦି କୃତ୍ରିମ ବୁଦ୍ଧିମତ୍ତାର ଅଭିବୃଦ୍ଧି ଏହି ଗତିରେ ଜାରି ରହିବ, ତେବେ ୨୩୦୦ ମସିହା ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୦ କୋଟିକୁ ହ୍ରାସ ପାଇପାରେ। ସେହିପରି ଏହି ଧାରା ଯଦି ବଳବତ୍ତର ରହିବ, ଆଗାମୀ ଦିନରେ ଦୁନିଆର ବଡ଼ ବଡ଼ ସହର ନିଶ୍ଚିହ୍ନ ବା ଜନଶୂନ୍ୟ ହୋଇପାରେ। କାକ ଏହାକୁ ଅତ୍ୟନ୍ତ ଭୟାନକ ବୋଲି କହିଛନ୍ତି। ଏହାବାଦ୍ ଲୋକ ଏକଥା ବି ଜାଣିପାରୁ ନାହାନ୍ତି, ଏଆଇ କିଭଳି ଭାବେ ପ୍ରଭାବ ପକାଇବାକୁ ଯାଉଛି। ଏଆଇ ଆସିବା ଦ୍ୱାରା



କାମଧନ୍ଦା ସ୍ୱୟଂଚାଳିତ ହୋଇଯିବ। ଫଳରେ ଲୋକଙ୍କ ଆବଶ୍ୟକତା କମିବ। ଚାକିରି ସଂଖ୍ୟା ହ୍ରାସ ପାଇବ ଏବଂ ଲୋକେ ପରିବାରକୁ ଆଗକୁ ବଢ଼ାଇବାକୁ ପଛଘୁଞ୍ଚା ଦେବେ। ଯେତେବେଳେ ଏଆଇ ଲୋକଙ୍କ ସ୍ଥାନରେ କାମ କରିବା ଆରମ୍ଭ କରିବ, ସେତେବେଳେ ମଣିଷର ଆବଶ୍ୟକତା କେତେ ରହିବ ବୋଲି କାକ କହିଛନ୍ତି। ସେହିପରି ବିଶ୍ୱର କେତେକ ସ୍ଥାନରେ ଜନ୍ମସଂଖ୍ୟା ପୂର୍ବତୁଳନାରେ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ଜାପାନ, ଚୀନ୍, ୟୁରୋପ ଏବଂ ଦକ୍ଷିଣ କୋରିଆରେ ଜନସଂଖ୍ୟା ହ୍ରାସ ପାଇ ଚାଲିଛି। ଯଦି ସାରା ବିଶ୍ୱର ଜନସଂଖ୍ୟା ୧୦ କୋଟି ହୋଇଯିବ, ତେବେ ଲଣ୍ଡନ, ନ୍ୟୁୟର୍କ ଭଳି ସହର ଖାଲି ହୋଇଯିବ ଏବଂ ଧାତୁ ଓ ଯନ୍ତ୍ରପାତିରେ ପରିପୂର୍ଣ୍ଣ ହୋଇଯିବ। ଅନ୍ୟପଟେ କାକଙ୍କ କହିବାର ଅର୍ଥ ହେଉଛି, ଏଆଇର ପ୍ରଭାବ କେବଳ କାମ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ଏହା ସମାଜ, ପରିବାର, ମାନବ ଅସ୍ତିତ୍ୱ ଉପରେ ମଧ୍ୟ ପ୍ରଭାବ ପକାଇବ। ଏଆଇର ପ୍ରଭାବ ଆରମ୍ଭ ହୋଇଯାଇଥିଲେ ସୁଦ୍ଧା ଆମେ କିନ୍ତୁ ଏହାକୁ ଧ୍ୟାନ ଦେଉ ନାହାନ୍ତି।

# ୩୦ କୋଟି ଟଙ୍କାର ଚାକିରି ପାଇଁ ମିଳୁନାହାନ୍ତି କର୍ମଚାରୀ

ସାଧାରଣତଃ ଅଧିକାଂଶ ଲୋକ ଏମିତି ଚାକିରି ଚାହାନ୍ତି, ଯେଉଁଥିରେ ସେମାନଙ୍କୁ କମ୍ ପରିଶ୍ରମ କରିବାକୁ ପଡୁଥିବ ଏବଂ ଅଧିକ ଦରମା ମିଳୁଥିବ। ଏହି କ୍ରମରେ ଏମିତି ବି ଏକ ଚାକିରି ଅଛି, ଯେଉଁଥିରେ ଲୋକଙ୍କୁ ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ହେଲେ ବିଡମ୍ବନାର ବିଷୟ ହେଉଛି, ଚାକିରି ପାଇଁ ଲୋକ ମିଳୁ ନାହାନ୍ତି। ଅବଶ୍ୟ ଏହା ଏମିତି ଏକ ଚାକିରି ଯେଉଁଥିରେ କର୍ମଚାରୀଙ୍କୁ ବେଶୀ କିଛି କରିବାକୁ ପଡ଼ିବ ନାହିଁ। ଏହା ସତ୍ତ୍ୱେ ବି ଏହାକୁ ବିଶ୍ୱର ସବୁଠୁ କଷ୍ଟକର କାମ ବୋଲି କୁହାଯାଉଛି। ଏହି ଚାକିରିଟି ଇଜିପ୍ଟର ଫାରୋସ୍



ଦ୍ୱୀପରେ ଥିବା ଆଲେକଜାଣ୍ଡ୍ରିଆ ଲାଇଟ୍ ହାଉସ୍‌ରେ ଅଛି। ଏଠାରେ ବତିଘରର କିପର୍ ଭାବେ କାମ କରିବାକୁ ହେବ। ଏହି ଚାକିରି ଲାଗି ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ଚାକିରିର ବିଶେଷତ୍ୱ ହେଉଛି, ଏଠାରେ ନିଯୁକ୍ତ କର୍ମଚାରୀ ଜଣକ ନିଜ ଇଚ୍ଛା ଅନୁସାରେ ଶୋଇପାରିବେ। କିନ୍ତୁ ଗୋଟିଏ କଥା ଉପରେ ଦୃଷ୍ଟି ଦେବାକୁ ହେବ ଯେ, ଲାଇଟ୍ ହାଉସ୍‌ର ଲାଇଟ୍ ଯେମିତି ଜଳୁଥିବ। ସେହିପରି ବତିଘରେ କାମ କରୁଥିବା କର୍ମଚାରୀଙ୍କୁ ଏଠାରେ ଏକୁଟିଆ ହିଁ ରହିବାକୁ ପଡ଼ିବ। କାରଣ ଏହି ବତିଘର ସମୁଦ୍ର ମଝିରେ ରହିଛି। ତେଣୁ ଏଠାରେ ଦୂର ଦୂରାନ୍ତରୁ କୌଣସି ଲୋକ ନଜର ଆସନ୍ତି ନାହିଁ। ଏହାବାଦ୍ ଏଠାରେ ବଡ଼ ଧରଣର ଝଡ଼ ତୋଫାନ ଆସିଲେ କିପର୍‌ଙ୍କ ଜୀବନକୁ ବିପଦ ମଧ୍ୟ ରହିଛି। ଏହି ଚାକିରି ଲାଗି ଶିକ୍ଷାଗତ ଯୋଗ୍ୟତା ଦଶମ ହୋଇଥିଲେ ହେଁ, ଯାନ୍ତ୍ରିକ ଜ୍ଞାନ କୌଶଳ ଜାଣିଥିବା ଦରକାର। ଅନ୍ୟପକ୍ଷରେ ବଡ଼ ବଡ଼ ଜାହାଜକୁ ବାଟ ଦେଖାଇବା ପାଇଁ ଏହି ବତିଘରକୁ ନିର୍ମାଣ କରାଯାଇଥିଲା।

# ଶ୍ରାବଣରେ ଶିବ ଉପାସନା



**ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର। ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ। ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି।**

**ମାତା ପାର୍ବତୀ ରଖିଥିଲେ ବ୍ରତ:** ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

**ଜଳବର୍ଷା:** ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ। ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ।

**ପ୍ରସନ୍ନ ମୁଦ୍ରାରେ ମହାଦେବ :** ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

## ସ୍ୱସ୍ତି

# ରୁପା କଇଁଛ ମୁଦି ଧାରଣର ଲାଭ



**ବାସ୍ତୁ ଶାସ୍ତ୍ର ଏବଂ ଫେଙ୍ଗସୁଇରେ କଇଁଛକୁ ସୁଖ-ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଇଛି। କିଛି ଲୋକେ ଘରେ କଇଁଛ ମୂର୍ତ୍ତି ରଖୁଥିବା ବେଳେ ଆଉ କେହି କେହି କଇଁଛ ମୁଦି ହାତରେ ପିନ୍ଧୁଛନ୍ତି। ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, କଇଁଛ ମୁଦି ପିନ୍ଧୁଥିବା ଲୋକଙ୍କ ଉପରେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ତେବେ ରୁପା କଇଁଛ ମୁଦି ଧାରଣର କ'ଣ ରହିଛି ନିୟମ ଓ କେଉଁ ରାଶିଙ୍କ ପାଇଁ ଏହା ଶୁଭ, ସେ ସମ୍ପର୍କରେ ଜାଣିବା।**

### ଧାରଣର ନିୟମ

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସବୁବେଳେ ରୁପା କଇଁଛ ମୁଦି ଧାରଣ କରିବା ଉଚିତ।
- କଇଁଛ ପିଠିରେ 'ଶ୍ରୀ' ଚିହ୍ନ ଥିବା ଭଲ।
- ଧାରଣ ପୂର୍ବରୁ ଏହାକୁ ଗଙ୍ଗାଜଳ କିମ୍ବା ପଞ୍ଚାମୃତରେ ବିଶୁଦ୍ଧ କରନ୍ତୁ।
- ହାତର ମଝି ଅଙ୍ଗୁଳିରେ ଏହାକୁ ପିନ୍ଧିବା ଦରକାର।
- କଇଁଛ ମୁଦିକୁ ସବୁବେଳେ ସଫା କରିବା ଉଚିତ।
- ଶୌଚାଳୟ ଯିବା ପୂର୍ବରୁ ଏହାକୁ ଅଙ୍ଗୁଳିରୁ ବାହାର କରିବା ଉଚିତ।
- କୌଣସି ଅଶୁଦ୍ଧ ସ୍ଥାନକୁ ଏହାକୁ ପିନ୍ଧିକି ଯାଆନ୍ତୁ ନାହିଁ।

**କେଉଁ ରାଶି ପାଇଁ ଶୁଭ:** ରତ୍ନ ଶାସ୍ତ୍ର ଅନୁସାରେ, ବୃଷ ଓ ମକର ରାଶି ବ୍ୟକ୍ତିବିଶେଷଙ୍କ ପାଇଁ କଇଁଛ ମୁଦି ପିନ୍ଧିବା ଶୁଭ। ଏହାକୁ ଧାରଣ କରିବା ଦ୍ୱାରା ଅନେକ ଲାଭ ଏହି ରାଶି ଦ୍ୱୟକୁ ମିଳେ। ଧନ, ସୁଖ, ସମୃଦ୍ଧି, ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେଷ, ମୀନ, କନ୍ୟା ଏବଂ ବିଛା ରାଶି ଲୋକେ କଇଁଛ ମୁଦି ପିନ୍ଧିବା ଅନୁଚିତ। ଏହା ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଏ।

# ବାସି ରୁଟି ଦାନ କରୁଥିଲେ...

**ଜ୍ୟୋତିଷ ଶାସ୍ତ୍ରରେ ଦାନର ଖୁବ୍ ମହତ୍ତ୍ୱ ଅଛି। ଏହି କ୍ରମରେ ଅନେକ ବାସି ଖାଦ୍ୟ ମଧ୍ୟ ଦାନ କରନ୍ତି। ତେବେ ବାସି ରୁଟି ଦାନ କରିବା ଠିକ୍ ନା ଭୁଲ, ସେ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା।**

- ଖାଦ୍ୟ ଦାନ କରିବା ଶୁଭ କଥା। ହେଲେ କାହାକୁ ଅଇଁଠା କିମ୍ବା ବାସି ଖାଦ୍ୟ ଦାନ କରିବା ଅନୁଚିତ। ଏହାଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇ ନ ଥାଏ
- ବାସି ରୁଟି ଦାନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ନାଶ ହୁଏ।
- ବାସି ରୁଟି ଦାନ ଦ୍ୱାରା ଆର୍ଥିକ ସମସ୍ୟା ଦେଖା ଦିଏ। ଘରର ସଦସ୍ୟ ଅସୁସ୍ଥ ରହନ୍ତି।
- ଅଇଁଠା ବା ବାସି ଖାଦ୍ୟ ଦାନ କରନ୍ତୁ ନାହିଁ କି ଏହାକୁ ଫିଙ୍ଗନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ଅନ୍ନ ପ୍ରତି ଅପମାନ ହୁଏ।
- ବାସି ରୁଟିରେ ଚିନି ମିଶାଇ ପିମ୍ପୁଡ଼ିକୁ ଖାଇବାକୁ ଦିଅନ୍ତୁ। ପିମ୍ପୁଡ଼ିକୁ ଖାଇବାକୁ ଦେବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ।
- ବାସି ରୁଟିକୁ ଗାଈକୁ ଦିଅନ୍ତୁ। ଗୋ ସେବା ଦ୍ୱାରା ଜୀବନରେ ସୁଖ-ସମୃଦ୍ଧି ଆସେ। ବାସି ରୁଟିରେ ତେଲ ଲଗାଇ କୁକୁରକୁ ଖାଇବାକୁ ଦିଅନ୍ତୁ। ଶନି ଦୋଷ ଦୂର ହେବ।
- ବାସି ରୁଟି ଖଣ୍ଡକୁ ପକ୍ଷୀ ଦାନ କରିବା ବି ଶୁଭ।



## ଜାଣନ୍ତି କି

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି **'ଡାକୁଆ'**। ମନ୍ଦିରରେ ପାଳି ଖଟୁଥିବା ସେବକମାନଙ୍କୁ ଡାକି ସେମାନଙ୍କୁ ନିଜ କାର୍ଯ୍ୟରେ ହାଜର କରାଉଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ସେବକମାନଙ୍କୁ ଡାକି କାର୍ଯ୍ୟରେ ମୁତୟନ କରାଉଥିବା ବ୍ୟକ୍ତିଙ୍କୁ **ଡାକୁଆ** କୁହାଯାଏ।



# ସିରିଜ ଜିତିଲା ଭାରତ




**ବର୍ମିଂହାମ, ୧୩।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚ୍‌କୁ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ରୋମାଞ୍ଚକ ଭାବେ ଶେଷ ବଲ୍‌ରେ ଜିତିନେଇଛି। ଭାରତୀୟ ମହିଳା ଦଳ ଏହି ମ୍ୟାଚରେ ପରାଜିତ ହୋଇଥିଲେ ମଧ୍ୟ ଟି-୨୦ ସିରିଜ ୩-୨ରେ ବିଜୟୀ ହୋଇଛି। ପୂର୍ବରୁ ଭାରତ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୯୭ ରନ ଓ ୨୪ ରନ ଏବଂ ୪ର୍ଥ ମ୍ୟାଚକୁ ୬ ୱିକେଟ୍‌ରେ ଜିତିଥିଲା। ସେହିଭଳି ଇଂଲଣ୍ଡ ମଧ୍ୟ ୩ୟ ଟି-୨୦କୁ ୫ ରନରେ ଜିତିଥିଲା। ଶନିବାର ରାତିରେ ଖେଳାଯାଇଥିବା ୫ମ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଓପନର୍ ଶେଫାଳି ବର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୬୭ ରନ କରିଥିଲା। ଶେଫାଳି ୪୧ ବଲରେ ୭୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୨୪, ଅଧିନାୟିକା ହରମନପ୍ରୀତ୍ କୌର ୧୫, ରାଧା ଯାଦବ ୧୪, ସ୍ମୃତି ମନ୍ଧାନା ୮ ରନ କରିଥିଲେ। ଇଂଲଣ୍ଡର ଚାର୍ଲି ଡିନ ୩ ଓ ସୋଫି ଇକଲେଷ୍ଟୋନ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ଦୁଇ ଓପନର୍ ସୋଫି ଡଙ୍କଲେ (୪୬), ଡାନିଏଲ୍ ୱେଟ୍ (୫୬) ଓ ଅଧିନାୟିକା ଟାମି ବିଉମଣ୍ଟ (୩୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫ ୱିକେଟ୍ ହରାଇ ୨୦ ଓଭରର ଶେଷ ବଲରେ ବିଜୟୀ ହୋଇଥିଲା। ଶେଷ ଓଭରରେ ଜିତିବାକୁ ୬ ରନ ଆବଶ୍ୟକ ହେଉଥିବାବେଳେ ଅରୁନ୍ଧତୀ ରେଡ୍ଡୀ ୨ଟି ୱିକେଟ୍ ନେଇ ମ୍ୟାଚରେ ରୋମାଞ୍ଚ ଆଣିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ବୁଧବାରଠାରୁ ଆରମ୍ଭ ହେବ।

**୫ମ ଟି-୨୦ରେ ଇଂଲଣ୍ଡର ରୋମାଞ୍ଚକ ବିଜୟ**

## ତୃତୀୟ ଟେଷ୍ଟରେ ସୁନ୍ଦରଙ୍କ 'ସୁନ୍ଦର' ବୋଲିଂ

# ଭାରତ ଆଗରେ ୧୯୩ ରନ୍‌ର ଟାର୍ଗେଟ୍

**ଲର୍ଡ୍ସ,୧୩।୭ (ଏଜେନ୍ସି):** ଅଫ୍‌ସ୍ପିନର ୱାଶିଂଟନ ସୁନ୍ଦର (୪/୨୨)ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୧୯୨ ରନ୍‌ରେ ଶେଷ ହୋଇଛି। ପୂର୍ବରୁ ଉଭୟ ଦଳ ପ୍ରଥମ ଇନିଂସରେ ସମାନ ୩୮୭ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ତୃତୀୟ ଟେଷ୍ଟ ଜିତିବାକୁ ଭାରତ ଆଗରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଶେଷ ଖବର ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୧ ୱିକେଟ୍‌ରେ ୯ ରନ୍ କରିନେଇଛି। ପୂର୍ବରୁ ଇଂଲଣ୍ଡ ଇନିଂସରେ ସୁନ୍ଦର ୪ଟି, ସିରାଜ ଓ ବୁମ୍‌ରା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଦଳପକ୍ଷରୁ କେହି ବଡ଼ ସ୍କୋର କରିପାରି ନ ଥିଲାବେଳେ ଜୋ ରୁଟ୍ ସର୍ବାଧିକ ୪୦, ଅଧିନାୟକ ବେନ୍ ଷ୍ଟୋକ୍ସ ୩୩, ହ୍ୟାରୀ ବ୍ରୁକ୍ ୨୩ ଓ ଜ୍ୟାକ୍ କ୍ରାଲୀ ୨୨ ରନ୍ କରିଥିଲେ। ଏହି ସିରିଜ୍‌ର ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଓ ଏଜ୍‌ବାଷ୍ଟନରେ ଭାରତ ବିଜୟ ହାସଲ କରିଥିଲା। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।

### ■ ରୁଟ୍-ଷ୍ଟୋକ୍ସଙ୍କ ଲଢୁଆ ପାର୍ଟନରସିପ୍

ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଦ୍ୱିତୀୟ ଇନିଂସ ଅତି ସତର୍କତାର ସହ ଖେଳିଥିଲା। ଭାରତର ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ପ୍ରତିପକ୍ଷ ବ୍ୟାଟରଙ୍କୁ ଏକାଧିକଥର ବିଟ କରିଥିଲେ ମଧ୍ୟ ଭାଗ୍ୟ ସେମାନଙ୍କୁ ସାଥ୍ ଦେଇ ନ ଥିଲା। କିନ୍ତୁ ଷଷ୍ଠ ଓଭରରେ ସିରାଜ ଏକ୍ସପ୍ରେସ୍ ଓପନର ବେନ୍ ଡକେଟଙ୍କ ବୁମ୍‌ରା ହାତରେ କ୍ୟାଚ୍ କରାଇ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହି ସମୟରେ ଦଳୀୟ ସ୍କୋର ଥିଲା ୨୨ ଓ ଏହା ମଧ୍ୟରୁ ଡକେଟଙ୍କ ଯୋଗଦାନ ଥିଲା ୧୨। ଡକେଟଙ୍କ ଆଉଟ ପରେ ଇଂଲଣ୍ଡଙ୍କ ଜଣଙ୍କ ପରେ ଜଣେ ବ୍ୟାଟର ପାଭିଲିୟନ ଫେରିଥିଲେ। ଓଲି ପୋପଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ସିରାଜ ଦ୍ୱିତୀୟ ପୁରସ୍କାର ପାଇଥିଲେ।




୫୦ ରନ୍‌ରେ ଜ୍ୟାକ୍ କ୍ରାଲୀ ଓ ୮୭ ରନ୍‌ରେ ହ୍ୟାରୀ ବ୍ରୁକ୍ ଆଉଟ ହେବା ପରେ ଇଂଲଣ୍ଡ ବିପଦରେ ପଡ଼ିଥିଲା। ଏହି ସମୟରେ ଦଳର ଦୁଇ ବରିଷ୍ଠ ବ୍ୟାଟର ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସ ଲଢୁଆ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ବିପଦରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ୪୦ ରନ୍ କରିଥିବା ରୁଟ୍‌ଙ୍କୁ ବୋଲ୍ଡ କରି ସୁନ୍ଦର ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏମାନେ ୬୭ ରନ୍ ସଂଗ୍ରହ କରିଥିଲେ। କିନ୍ତୁ ପିଚ୍‌ରୁ ସହାୟତା ପାଇ ସୁନ୍ଦର ଆତଙ୍କ ଖେଳାଇଦେଇଥିଲେ। ଟି' ପୂର୍ବରୁ ସେ ବିପଜ୍ଜନକ ଜେମି ସ୍ମିଥ୍ (୮) ଓ ପରେ ଅଧିନାୟକ ଷ୍ଟୋକ୍ସ (୩୩)ଙ୍କୁ ଆଉଟ କରି ଏହି ଟେଷ୍ଟକୁ ଭାରତ ନିୟନ୍ତ୍ରଣକୁ ନେଇ ଆସିଥିଲେ। ଏହି ୩ଜଣ ଅଭିଜ୍ଞ ବ୍ୟାଟରଙ୍କୁ ସୁନ୍ଦର ବୋଲ୍ଡ ଆଉଟ କରିଥିଲେ। ଶେଷରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୩ ରନ୍ ମଧ୍ୟରେ ବ୍ରାଇଡନ କାର୍ସ ଓ କ୍ରିସ ଓକ୍ସଙ୍କୁ ପାଭିଲିୟନ ଫେରାଇଦେଇଥିଲେ। ଶେଷରେ ସୋଏବ ବସିରଙ୍କୁ ବୋଲ୍ଡ କରି ସୁନ୍ଦର ଇଂଲଣ୍ଡ ଦ୍ୱିତୀୟ ଇନିଂସକୁ ଶେଷ କରିଦେଇଥିଲେ। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୦ଜଣଙ୍କ ମଧ୍ୟରୁ ୮ଜଣ ବୋଲ୍ଡ ହୋଇଥିଲେ। ଜଣେ ଖେଳାଳି ଏଲ୍‌ବିଡବ୍ଲ୍ୟୁ ଓ ଆଉ ଜଣେ କ୍ୟାଚ୍ ଆଉଟ ହୋଇଥିଲେ। ଭାରତ ଅତିରିକ୍ତରୁ ୩୨ ରନ୍ ବ୍ୟୟ କରିଥିଲା। ଏହା ମଧ୍ୟରେ ବାଇରୁ ୨୫ ରନ୍ ଦେଇଥିଲା। ନିୟମିତ ୱିକେଟ ରକ୍ଷକ ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲ ୨ଟି କ୍ୟାଚ୍ ହାତଛଡ଼ା କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର**
(ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।

**ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର**
(ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡି-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର**
(ରୁଟ୍- ୪୦, ଷ୍ଟୋକ୍ସ-୩୩, ବ୍ରୁକ୍-୨୩, କ୍ରାଲୀ-୨୨, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍‌ରା-୨/୩୮)।

**୧୮ ବର୍ଷରୁ କମ୍ ଜାତୀୟ ରଗବୀ**

# ଓଡ଼ିଶା ବାଳକ ରନର୍ସ ଅପ୍



**ଭୁବନେଶ୍ୱର,୧୩।୭ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ବାଳକ ଦଳ ଉତ୍ତରାଖଣ୍ଡରେ ଆଜି ଶେଷ ହୋଇଥିବା ୧୮ ବର୍ଷରୁ କମ୍ ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ରନର୍ସ ଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିହାର ୧୭-୧୫ରେ ଓଡ଼ିଶାକୁ ପରାସ୍ତ କରି ଜାତୀୟ ରଗ୍‌ବୀରେ ପ୍ରାଧାନ୍ୟ ବିସ୍ତାର ଆରମ୍ଭ କରିଛି। ବାଳିକା ବିଭାଗରେ ମଧ୍ୟ ଓଡ଼ିଶା ରନର୍ସ ଅପ୍ ହୋଇଥିଲାବେଳେ ବିହାର ଚାମ୍ପିଅନ ହୋଇଥିଲା। କ୍ରମାଗତ ଭାବେ ବିହାର ଦଳ ରଗ୍‌ବୀରେ ଉନ୍ନତି କରି ଚାଲିଛି। ପୂର୍ବରୁ ଖେଳାଯାଇଥିବା ବାଳକ ବିଭାଗ ସେମିଫାଇନାଲରେ ଓଡ଼ିଶାଠାରୁ ୨୨-୦ ଗୋଲରେ ଦିଲ୍ଲୀ ଓ ସେମିଫାଇନାଲରେ ୫୯-୦ ପଏଣ୍ଟରେ ତେଲଙ୍ଗାନା ପରାସ୍ତ ହୋଇଥିଲା। ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଭଲ ଖେଳିଥିଲେ ମଧ୍ୟ ଟାଣୁଆ ଦଳକୁ ହରାଇବାରେ ଓଡ଼ିଶା ବିଫଳ ହୋଇଥିଲା। ରନର୍ସ ଅପ୍ ଓଡ଼ିଶା ଦଳରେ ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ରାହୁଲ ମାଝୀ, ଚିନ୍ମୟ କୁମାର ନାୟକ, ସୁରଜ କୁମାର ଦୋରା, ଇଶ୍ୱର ପୂଝାରୀ, ମଣ୍ଟୁ ଟୁଡୁ, ଶିବ ସୋରେନ୍, ଭରତ କିସାନ, ଆମ୍ରା ମୁର୍ମୁ, ସୁଭାଷ ହାଁସ୍‌ଦା ଓ ଶୁଭପତି ନାଏକ ସାମିଲ ଥିଲେ। ଧୀରେନ ରାଉତ ଏହି ଟିମ୍‌ର ମ୍ୟାନେଜର ଓ ମୁନା ମୁର୍ମୁ ମ୍ୟାନେଜର ରହିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଓ ସଭାପତି ପ୍ରିୟଦର୍ଶୀ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ଯୁଥ୍ ଟେଷ୍ଟରେ ଭାରତର ବିଶାଳ ସ୍କୋର

**ବେକେନହାମ୍, ୧୩।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଛି। ପ୍ରଥମ ଦିନରେ ୭ ୱିକେଟ୍‌ରେ ୪୪୨ ରନ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସରେ ଆଉ ୯୮ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ଭ୍ରମଣକାରୀ ଭାରତ ପକ୍ଷରୁ ଅଧିନାୟକ ଆୟୁଷ ମହାତ୍ରେ ସର୍ବାଧିକ ୧୦୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍ ଆମ୍ବ୍ରିସ ୭୦, ଅଭିଜ୍ଞ କୁଣ୍ଡୁ ୯୦, ରାହୁଲ କୁମାର ୮୫, ହେନିଲ ପଟେଲ ୩୮ ରନ କରିଥିଲେ। ବୋଲିଂରେ ଘରୋଇ ଇଂଲଣ୍ଡ ଯୁଥ୍ ଦଳ ପକ୍ଷରୁ ଆଲେକ୍ସ ଗ୍ରୀନ ଓ ରାଲଫି ଆଲବର୍ଟ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଇଂଲଣ୍ଡ ଶେଷ ଖବର ସୁଦ୍ଧା ୪୦ ଓଭରରେ ୨ ୱିକେଟ୍ ହରାଇ ୧୭୮ ରନ କରିଛି। ଏହି ସମୟରେ ହମ୍‌ଜା ଶେଖ ୮୧ ଓ ରକି ଫ୍ଲିଣ୍ଟଫ ୫୯ ରନ କରି ଖେଳୁଛନ୍ତି। ହମ୍‌ଜା ୧୨୫ ବଲ୍‌ରୁ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ଭାରତକୁ ଲଢୁଆ ଜବାବ ଦେବାରେ ସମର୍ଥ ହୋଇଛନ୍ତି। ହେନିଲ ପଟେଲଙ୍କୁ ୨ଟି ଯାକ ୱିକେଟ୍ ମିଳିଛି।

**■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ**

# କ୍ୱାର୍ଟରରେ ରଘୁ ଓ ମାନସୀ



**ଭୁବନେଶ୍ୱର,୧୩।୭ (ସମିସ):** ପୁରୁଷ ବିଭାଗ ଟପ୍ ସିଡ୍ କର୍ଣ୍ଣାଟକର ରଘୁ ଏମ୍ ଓ ମହିଳା ବିଭାଗରେ ଉତ୍ତରପ୍ରଦେଶର ଟପ୍ ସିଡ୍ ମାନସୀ ସିଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନଙ୍କ ସହ ଅନ୍ୟ ସିଡେଡ୍ ଖେଳାଳି ମଧ୍ୟ ଶେଷ-୮ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗ ଏକକରେ ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଲ ଧର୍ମମେର, ହରିୟାଣାର ମନରାଜ ସିଂ, ପଞ୍ଜାବର ଅଭିନବ ଠାକୁର, ମଣିପୁରର ଅଣସିଡେଡ ଖେଳାଳି ମଇସ୍‌ନାମ ମେଇରବା, ୯ମ ସିଡ୍ ହରିୟାଣାର ରବି, ଦିଲ୍ଲୀର ଏସ୍ ଜିନପଲ ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗର ଦ୍ୱିତୀୟ ସିଡ୍ ହରିୟାଣାର ଗୌତମ ଅରୋରା, ୫ମ ସିଡ୍ କର୍ଣ୍ଣାଟକର ତୁଷାର ସଭୀର ପ୍ରି-କ୍ୱାର୍ଟରରେ ପରାଜିତ ହୋଇଛନ୍ତି। ମହିଳା ଏକକରେ ଟପ୍ ସିଡ୍ ମାନସୀ ସିଂଙ୍କ ସହ ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ୫ମ ସିଡ୍ ଆନ୍ଧ୍ରର ସୂର୍ଯ୍ୟା ଚାରିସ୍ମା ତାମିରି, ଗୁଜରାଟର ଆୟେଷା ଗାନ୍ଧି, ମହାରାଷ୍ଟ୍ରର ଦିଲ୍ଲୀର ଦିଆଙ୍କା ୱାଲଦିଆ, ରାଜସ୍ଥାନର ସାକ୍ଷୀ ଫୋଗତ, କର୍ଣ୍ଣାଟକର ଇଲିଶା ପଲ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସମସ୍ତ ବିଭାଗର ସେମିଫାଇନାଲ ଓ ୧୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ ମିଟ୍‌ରେ ଓଡ଼ିଆଙ୍କ ଚମକ





**ଭୁବନେଶ୍ୱର, ୧୩।୭ (ସମିସ):** ପୁନେର ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକଦିବସୀୟ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଓଡ଼ିଆ ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି। ପୁରୁଷ ୧୦୦ ମିଟର ରେସ୍-ଏ'ରେ ଭେଟେରାନ ଅମୀୟ ମଲ୍ଲିକ ୧୦.୬୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୦୦ ମିଟର ରେସ୍-ବି'ରେ ଅବିନାଶ ସାହୁ ୧୦.୭୭ ସେକେଣ୍ଡ ସମୟ ନେଇ ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ମହିଳା ୮୦୦ ମିଟର ଲକ୍ଷ୍ମୀପ୍ରିୟା କିଶାନ ବାଜିମାତ୍ କରିନେଇଛନ୍ତି। ସେ ୨ ମିନିଟ୍ ୧୩.୭୧ ସେକେଣ୍ଡରେ ରେସ୍ ଶେଷ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ମହିଳା ଲଙ୍ଗଜମ୍ପରେ ମଧ୍ୟ ପ୍ରଥମ ଦୁଇ ସ୍ଥାନରେ ଓଡ଼ିଆ ଖେଳାଳି ରହିଛନ୍ତି। ସେମାନେ ହେଲେ ମନୀଷା ମେରେଲ ଓ ଅନନ୍ୟା ସିଂ। ମନୀଷା ୫.୭୨ ମିଟର ଡେଇଁ ପ୍ରଥମ ଓ ଅନନ୍ୟା ୫.୧୨ ମିଟର ଡେଇଁ ୨ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ (୨.୧୦ ମିଟର) ଓ ଲଙ୍ଗ ଜମ୍ପରେ ସରୂନ ପୟାସିଂହ (୭.୬୮ ମିଟର) ମଧ୍ୟ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ରାଜ୍ୟ ପାଇଁ ସଫଳତା ଆଣିଛନ୍ତି।

# ସ୍କୁଲ ଓପନ ଚେସ୍: ବିନୀତ ଚାମ୍ପିଅନ



**ଭୁବନେଶ୍ୱର,୧୩।୭ (ସମିସ):** ଭୁବନେଶ୍ୱର ବିଜେଇଏମ୍ ସ୍କୁଲ-୧'ର ବିନୀତ ନାୟକ ତୃତୀୟ ରାଜ୍ୟସ୍ତରୀୟ ସ୍କୁଲ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଜେଇଏମ୍ ସ୍କୁଲ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ୫ ରାଉଣ୍ଡ ବିଶିଷ୍ଟ ଖେଳରେ ବିନୀତ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ତୃତୀୟ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟା ଅଦ୍ୱୈତ ଦାସ ଚତୁର୍ଥ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଆୟୋଜକ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ପ୍ରିନ୍ସିପାଲ ସନ୍ଧ୍ୟାରାଣୀ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ଏପ୍‌ସିଲନ୍ ଫାଉଣ୍ଡେସନ ପକ୍ଷରୁ କୋର୍ଟ ଓ ପିଚ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୩।୭ (ସମିସ):** ଏପସିଲନ କାର୍ବନ ପ୍ରାଇଭେଟ୍ ଲିମିଟେଡର ସିଏସ୍‌ଆର୍ ଶାଖା, ଏପ୍‌ସିଲନ ଫାଉଣ୍ଡେସନ ଝାରସୁଗୁଡ଼ାର ବେରୁଣପଦି ଅଞ୍ଚଳରେ ନବନିର୍ମିତ ସ୍ପୋର୍ଟ୍ସ କୋର୍ଟ ଓ କ୍ରିକେଟ୍ ପିଚ୍ ଉଦ୍‌ଘାଟନ କରିଛି। ଅବହେଳିତ ପିଲାମାନଙ୍କୁ ସେବା ଯୋଗାଉଥିବା ଏକ ଅଣଲାଭକାରୀ ଦାତବ୍ୟ ବିଦ୍ୟାଳୟ ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲରେ ଏହି କ୍ରୀଡ଼ା ଭିତ୍ତିଭୂମି ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ୍, ହକି ତୀରନ୍ଦାଜ କ୍ରୀଡ଼ା କ୍ଷେତ୍ରରେ ଢାଞ୍ଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବ। ଏହି ଉଦ୍‌ଘାଟନ ଅବସରରେ ଏପସିଲନ୍ ଫାଉଣ୍ଡେସନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି, 'ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ନିବେଶ କରି ଆମେ ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଓ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଦାନ କରି ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ।' ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମେର୍ଟେନ୍ସ-କ୍ରୁଦେରମୋଟୋଭା ମହିଳା ଯୁଗଳ ଚାମ୍ପିଅନ


**ଲଣ୍ଡନ,୧୩।୭ (ଏଜେନ୍ସି)**

**ୱିମ୍ବଲଡନ**

୮ମ ସିଡ୍ ବେଲଜିୟମର ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦେରମେଟୋଭା ୱିମ୍ବଲଡନ ମହିଳା ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ଚତୁର୍ଥ ସିଡ୍ ଲାଟଭିଆର ସି ସୁ-ୱେଇ ଓ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ଟାଇଟଲ ଜିତିଥିଲେ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମୁକାବିଲାରେ ଓଷ୍ଟାପେଙ୍କୋ-ସୁ-ୱେଇ ପ୍ରଥମ ସେଟ୍‌କୁ ୬-୩ରେ ଜିତିନେଇଥିଲେ। କିନ୍ତୁ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୨, ୬-୪ରେ ଜିତିବା ସହ ଟାଇଟଲ କବ୍‌ଜା କରିନେଇଥିଲେ।

ଆଜି ପୁରୁଷ ଏକକ ଫାଇନାଲ୍‌ରେ ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ କଡ଼ା ମୁକାବିଲା ଚାଲିଛି। ଡିଫେଣ୍ଡିଂ ଚାମ୍ପିଅନ୍ ଆଲକାରାଜ ଏଠାରେ ଗତ ଦୁଇଥର ଜିତିଥିବାରୁ ଏଠାରେ ଢ଼େର ଅଭିଜ୍ଞତା ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଉଭୟ ଖେଳାଳିଙ୍କ ମଧ୍ୟରେ ଏହି ଫାଇନାଲ ମୁକାବିଲାକୁ ଦେଖିବା ଲାଗି ଟେନିସ କୋର୍ଟରେ ପ୍ରବଳ ଭିଡ ହୋଇଥିଲା।

ପୂର୍ବରୁ ଗତକାଲି ରାତିରେ ପୋଲାଣ୍ଡର ଇଗା ସ୍ୱିଆଟେକ୍ ଏକତରଫା ଭାବେ ମାତ୍ର ୫୭ ମିନିଟ୍‌ରେ ମହିଳା ଏକକ ଟାଇଟଲ ଜିତିନେଇଥିଲେ। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହା ଫଳରେ ୧୯୮୮ ଫ୍ରେଞ୍ଚ ଓପନ ଫାଇନାଲର ପୁନରାବୃତ୍ତି ହୋଇଥିଲେ।


କାର୍ଲୋସ ଆଲକାରାଜ


ଜାନିକ ସିନ୍ନର

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS